READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ଆମ ସରକାରୀ ଭାଷା ସୁରକ୍ଷାର ପ୍ରମାଣ...

ବର୍ଷ-୫ ସଂଖ୍ୟା-୦୫ ୧୫ - ୨୧ ଫେବୃଆରୀ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-05 15th - 21th FEBRUARY, 2021 BHUBANESWAR ₹ 5/- (8 Pages)

### ଓଡ଼ିଶାର ବିରୋଧକୁ ମାନିଲାନି ଆନ୍ଧ୍ର ପ୍ରଶାସନ

# କୋଟିଆରେ ଭୋଟ୍ କଲା

**କୋରାପୁଟ :** ସୁପ୍ରିମ୍‌କୋର୍ଟରେ ଅବମାନନା ମାମଲା ରୁଜୁ ହୋଇଥିଲେ ସୁଦ୍ଧା ଏହାକୁ ବେଖାତିର କରିବାକୁ ପଛାଇଲା ନାହିଁ ଆନ୍ଧ୍ରପ୍ରଦେଶ ପ୍ରଶାସନ। ସେ ଯାହା ଚାହୁଁଥିଲା ତାହା ହିଁ କରି ଦେଖାଇଲା। ଓଡ଼ିଶାରେ ସରକାରୀ ବାବୁମାନଙ୍କ ଅବହେଳା ଯୋଗୁଁ ରାଜ୍ୟର ୩ ଜିଲ୍ଲାରେ ସୃଷ୍ଟି ହେଲା କଳା ଇତିହାସ। କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକର କୋଟିଆରେ ଆନ୍ଧ୍ର ଭୋଟଦାନ କରାଇବାରେ ସକ୍ଷମ ହୋଇଛି। କେବଳ ସେତିକି ନୁହେଁ, ମାଲକାନଗିରି ଜିଲ୍ଲା ଜୁମଡ଼ାଙ୍ଗ ଓ ଗଞ୍ଜାମ ଜିଲ୍ଲାର ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତରେ ମଧ୍ୟ ଆନ୍ଧ୍ର ନିର୍ବାଚନ କରିପାରିଛି। ଓଡ଼ିଶା ସରକାର ଓ କୋରାପୁଟ ଜିଲ୍ଲା ପ୍ରଶାସନର ଅନୁରୋଧ ସତ୍ତ୍ୱେ



ଅଦାଲତ ନିର୍ଦ୍ଦେଶକୁ ଆନ୍ଧ୍ର ସରକାର ଭ୍ରୁକ୍ଷେପ କରିନାହାନ୍ତି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଜୟନଗରମ୍ ଜିଲ୍ଲା ସାଲୁର ମଣ୍ଡଳର ଅଧିକାରୀମାନେ ଆନ୍ଧ୍ର ସରକାରଙ୍କ ଦ୍ୱାରା ଗଠିତ ଫାଟୁସିନେରୀ ପଞ୍ଚାୟତରେ ଭୋଟ୍ କରାଇଛନ୍ତି। ସ୍ଥାନୀୟ ଚର୍ଚ୍ଚଠାରେ ଭୋଟ୍‌ଗ୍ରହଣ କେନ୍ଦ୍ର ଖୋଲାଯାଇ ସକାଳ ୭ଟାରୁ ମତଦାନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଏହି ଅବସରରେ ଭୋଟ ଗ୍ରହଣ କେନ୍ଦ୍ରରେ ପ୍ରବଳ ଭିଡ଼ ଲାଗି ରହିଥିବାର ଦେଖିବାକୁ ମିଳିଥିଲା। ଆନ୍ଧ୍ର ପ୍ରଶାସନ ଦ୍ୱାରା ମତଦାତାଙ୍କୁ ଗାଡ଼ିରେ ଭୋଟ୍‌ଗ୍ରହଣ କେନ୍ଦ୍ର ଯାଏଁ ବୁହା ହେଉଥିବା ବେଳେ ଖାଦ୍ୟ ପାନୀୟ ବ୍ୟବସ୍ଥା କରାଯାଇଥିଲା। ଏହି ପଞ୍ଚାୟତରେ ୫୪୦ ମହିଳା ଭୋଟରଙ୍କୁ ମିଶାଇ ମୋଟ ୧୦୨୫ଜଣ ଭୋଟର ଥିବାବେଳେ ନିର୍ବାଚନରେ ୨ଜଣ ସରପଞ୍ଚ ପ୍ରାର୍ଥୀ ଓ ୮ଟି ୱାର୍ଡରେ ୧୬ ଜଣ ୱାର୍ଡ ସଭ୍ୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କିରିଛନ୍ତି। ୨ସରପଞ୍ଚ ପ୍ରାର୍ଥୀଙ୍କ ମଧ୍ୟରେ ଓଡ଼ିଶାର ମାଳତୀ ହେଲେକା ନିର୍ବାଚନ ➤ ପୃ-୬

# ବାଇ-ଲ ପ୍ରତ୍ୟାହାର ଦାବି ତେଜିଲା

**ଭୁବନେଶ୍ୱର :** ଶ୍ରୀ ଅନନ୍ତବାସୁଦେବ ମନ୍ଦିର ଓ ଶ୍ରୀ ବ୍ରହ୍ମେଶ୍ୱର ମନ୍ଦିର ପାଇଁ କେନ୍ଦ୍ର ସରକାରଙ୍କ ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍‌ଏମ୍‌ଏ)ଙ୍କ ପ୍ରସ୍ତାବିତ ଐତିହ୍ୟ ଅଧିନିୟମ (ବାଇ-ଲ) ଏବେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଯେଉଁଥିପାଇଁ କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ସରକାର ଏବଂ ରାଜ୍ୟର ନବୀନ ପଟ୍ଟନାୟକଙ୍କ ସରକାର ମହାଁମୁହିଁ ସ୍ଥିତିରେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଟ୍ୱିଟ୍ କରିଥିବାବେଳେ ଶନିବାର ନୂଆଦିଲ୍ଲୀ ଠାରେ ସଂସଦ ଭବନ ପରିସରରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟି ସମାନ ଦାବି ରଖିଛନ୍ତି ବିଜେଡି ସାଂସଦ। ଲୋକସଭାରେ ବିଜେଡି ସଂସଦୀୟ ଦଳ ନେତା ତଥା ପୁରୀ ସାଂସଦ ପିନାକି ମିଶ୍ରଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି, ଯାଜପୁର



ସାଂସଦ ଶର୍ମିଷ୍ଠା ସେଠୀ, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଏବଂ ଏନ୍ ଭାସ୍କର ରାଓ ପ୍ରମୁଖ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀ ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘବାଲଙ୍କୁ ସାକ୍ଷାତ କରିଥିଲେ। ଶ୍ରୀମନ୍ଦିର ପାଇଁ ଯେଉଁ ପରିପ୍ରେକ୍ଷୀରେ ଏନ୍‌ଏମ୍‌ଏ ବାଇ-ଲ' ପ୍ରତ୍ୟାହାର କଲା ସେହି ଆଧାରରେ ଏକାମ୍ର କ୍ଷେତ୍ରପାଇଁ ମଧ୍ୟ ପ୍ରତ୍ୟାହାର ହେଉ ବୋଲି ଏହି ➤ ପୃ-୬

### ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟ

# ସଡ଼କ ଦୁର୍ଘଟଣା ଭାରତ ଦାରିଦ୍ର୍ୟର ଅନ୍ୟତମ କାରଣ

**ନୂଆଦିଲ୍ଲୀ :** ଭାରତରେ ଦାରିଦ୍ର୍ୟ ଏକ ଚିରାଚରିତ ସମସ୍ୟା ଭାବେ ପରିଗଣିତ ହୋଇଆସୁଛି। ତେବେ ସଡକ ଦୁର୍ଘଟଣା ଯୋଗୁଁ ଭାରତରେ ଦାରିଦ୍ର୍ୟ ସମସ୍ୟା ଅଧିକ ଉତ୍କଟ ହେଉଛି ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି। 'ଟ୍ରାଫିକ୍ କ୍ରାସ୍ ଇନ୍‌ଜ୍ୟୁରିଜ୍ ଆଣ୍ଡ୍ ଡିଜାବିଲିଟିଜ୍: ଦି ବର୍ଡନ ଅନ୍ ଇଣ୍ଡିଆନ ସୋସାଇଟି' ଶୀର୍ଷକ ଏହି ରିପୋର୍ଟକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ




ଶନିବାର ଉନ୍ମୋଚନ କରିଛନ୍ତି। ସଡ଼କ ଦୁର୍ଘଟଣା ଯୋଗୁଁ ଭାରତରେ ୭୫ ପ୍ରତିଶତ ଦରିଦ୍ର ପରିବାରର ଆୟ ହ୍ରାସ ପାଇଥାଏ ବୋଲି ରିପୋର୍ଟରେ କୁହାଯାଇଛି। ଯଦି ସଡ଼କ ଦୁର୍ଘଟଣାରେ ଜଣେ ଗରିବ ରୋଜଗାରକ୍ଷମ ବ୍ୟକ୍ତିଙ୍କର ପ୍ରାଣହାନି ଘଟେ, ତାହାହେଲେ ଉକ୍ତ ପରିବାରକୁ ୭ ମାସର ଆୟ ହରାଇବାକୁ ପଡ଼ିଥାଏ। ଅପରପକ୍ଷରେ ଯଦି ଜଣେ ଧନୀ ବ୍ୟକ୍ତିଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟେ, ➤ ପୃ-୬

### ମୁଖ୍ୟମନ୍ତ୍ରୀଙ୍କ ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ବାଧ୍ୟତାମୂଳକ ଅବସର ପ୍ରସଙ୍ଗ

# ନେତା, ମନ୍ତ୍ରୀଙ୍କ ପାଳି କେବେ ?

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀଙ୍କ ପଞ୍ଚମପାଳି ଶାସନରେ ଦୁର୍ନୀତିଗ୍ରସ୍ତ ଅଫିସରମାନଙ୍କ ଉପରେ ବାଧ୍ୟତା ମୂଳକ ଅବସର ଘଟଣାକୁ ନେଇ ସବୁଆଡେ ଚର୍ଚ୍ଚା ବିଷୟ ପାଲଟିଥିବା ବେଳେ ନେତା ମନ୍ତ୍ରୀ ମାନଙ୍କ କେବେ ପାଳି ପଡିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଲାଣି। ଏ କଥାକୁ ନେଇ ଶଙ୍ଖ ଶିବିରର ଆଗୁଆ ନେତା ଓ ମନ୍ତ୍ରୀ ମାନଙ୍କ ଭାଳେଣି ବଢି ବଢି ଚାଲିଥିବା ଦେଖିବାକୁ ମିଳୁଛି। ଏଠରେ କହିବା କଥା ହେଉଛି ଯେ ଶଙ୍ଖ ଦଳର ବହୁ ନାମିଦାମୀ ନେତା




ବା ବିଧାୟକ ମାନେ ବୁଦ୍ଧି, ବିଦ୍ୟା ଓ ପାରଙ୍ଗମ କାର୍ଯ୍ୟରେ ଖୁବ ଟାଣୁଆ ଥିଲେ ବି ଦଳ ସୁପ୍ରିମୋଙ୍କ ନଜର ନପଡୁଥିବାରୁ ଦଳୀୟ ଅସନ୍ତୋଷ ସବୁ କୁହୁଳି କୁହୁଳି ଚାଲିଛି। ଏହି ଅସନ୍ତୁଷ୍ଟ ନେତେ ମାନେ ଭିତିରିଆ ବିଭିନ୍ନ ସ୍ଥାନରେ ବସି ବର୍ତ୍ତମାନ ମନ୍ତ୍ରୀ ପଦରେ ଥିବା ନେତା ଓ ତାଙ୍କ ଚାଟୁକାର ମାନଙ୍କୁ ଏକ ରକମ ପାନେ ଦେବାର ଉଦ୍ଦେଶ୍ୟରେ ଓର ଉଣ୍ଡୁଥିଲେ ବି ତୃତୀୟ ମହଲାର କାନରେ ପକାଇବାର ଲମ୍ବା ଲାଇନରେ ଜାଗ୍ରତ ପ୍ରହରୀ ଭାବେ ବୁଲୁଛନ୍ତି। ମୁଖ୍ୟମନ୍ତ୍ରୀ ଦୁର୍ନୀତି ଗ୍ରସ୍ତ ଅଫିସରମାନଙ୍କ ଉପରେ ଯେଉଁଭଳି ଭାବେ ନଜର ରଖି ବାଧ୍ୟତା ମୁଳକ ଅବସର ହେଉ ବା ଚାକିରିରୁ ବରଖାସ୍ତ କରିବା ➤ ପୃ-୬

### ବକ୍ରବାଣୀ



ପୋଷ୍ଟର ମାରି ଗୁଜବ ରଚିଲେ
ଲୋକେ କି ତୁମକୁ ଭରସିବେ
ୱାର୍ଡମେମ୍ବର ପାଇଁ ଠିଆ ହେଲେ
ଲୋକେ କି ତୁମକୁ ଜିତେଇବେ
କାମିକା ଲୋକ କାମ କରିଯାଏ
ଚାହେଁନା ସିଏ ବୁଲି ପଛକୁ
ମାଡିଚାଲେ ସେ ଖାତିର ନ କରି
ପ୍ରଶଂସା କି ତୁମ ନିନ୍ଦାକୁ
ଗୋଡଟଣା ନୀତି ରଖନି ଆଉ
ଦଳୀୟ ଏକତା ବଞ୍ଚିକି ଥାଉ।

—ଟୁଟୁ

# ଘଟଣା ଘଟିବା ପୂର୍ବରୁ ଥାନାରେ ଏଫ୍‌ଆଇଆର ?

### ସନ୍ଦେହରେ ଗଣିଆ ପୋଲିସର ଭୂମିକା

**ନୟାଗଡ଼ :** ଗଣିଆ ଥାନା ଅନ୍ତର୍ଗତ ରାସଙ୍ଗ ମୌଜାରେ ଜମିବାଡି ବିବାଦକୁ ନେଇ ହୋଇଥିବା ଆକ୍ରମଣ ଘଟଣାରେ ପୋଲିସର ନିଷ୍କ୍ରିୟତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁସାରେ ଫେବୃଆରୀ ୭ ତାରିଖରେ କୁଳମଣୀ ରାଉତଙ୍କ ପୁତ୍ରବଧୂ ମଇନା ବିଶ୍ୱାଳ ଓ ପୁତ୍ର ଶ୍ୟାମସୁନ୍ଦର ରାଉତ (ଦିପୁ) ନିଜ ଜମିରୁ ବିରି ଓପାଡିବାକୁ ଯାଇଥିବା ବେଳେ ଗହିର ମଝିରେ ସେମାନଙ୍କ ଉପରେ କୈଳାସ ରାଉତଙ୍କ ପତ୍ନୀ ବିଣାପାଣୀ ରାଉତ ଓ ତାଙ୍କ ଦୁଇ ପୁତ୍ର ପଲଛିନ୍ ଓ ଗୋଲଛିନ୍ ବିଭିନ୍ନ ମାରଣାସ୍ତ୍ର ଯଥା- ଭୁଜାଲି, କାତି ଓ ଠେଙ୍ଗା ଦ୍ୱାରା ଅତର୍କିତ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ କୁଳମଣୀଙ୍କ ପୁତ୍ର ଶ୍ୟାମସୁନ୍ଦର ରାଉତଙ୍କ ବେକ ଉପରେ ଚୋଟ ବସିବାକୁ ଯାଉଥିବା ସମୟରେ ସେ ନିଜକୁ ବଞ୍ଚାଇବାକୁ ଯାଇ ହାତ ଦେଖାଇ ଦେବାରୁ ତାଙ୍କର ଦୁଇଟି ଆଙ୍ଗୁଠି କଟି ଯାଇଥିଲା। ଗଣ୍ଡଗୋଳ ପାଟିତୁଣ୍ଡ ଶୁଣି ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ ପହଞ୍ଚି ଯିବାରୁ ଆକ୍ରମଣକାରୀ ଘଟଣା ସ୍ଥଳ ଛାଡି ଫେରାର ହୋଇଯାଇଥିଲେ। ଏହାପରେ ଆକ୍ରମଣର ଶିକାର ହୋଇଥିବା ମଇନା ଓ ଦିପୁ ଜୀବନ ବିକଳରେ ଡାକ୍ତରଖାନା ଯିବା ସହ ଗଣିଆ



ଥାନାରେ ଦିନ ସାଢ଼େ ତିନିଟାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଅଭିଯୋଗ ପାଇବା ପରେ ଅଭିଯୁକ୍ତଙ୍କୁ ଖୋଜିବା ବଦଳରେ ଅଭିଯୋଗକାରୀଙ୍କୁ ଜଣାଇ ଦେଲେ ଯେ, ତୁମ ବିରୋଧରେ ଦିନ ଗୋଟାଏ ବେଳେ ଅଭିଯୋଗ ହୋଇସାରିଛି। ତେବେ ପ୍ରଶ୍ନ ଉଠୁଛି ଯେଉଁ ଘଟଣା ଦିନ ତିନିଟା ବେଳେ ଘଟିଲା ପୂର୍ବରୁ ଆକ୍ରମଣକାରୀଙ୍କ ଅଭିଯୋଗ ଦିନ ଗୋଟାଏରେ ଥାନା ଗ୍ରହଣ କଲା କିପରି ? ଉକ୍ତ ଘଟଣାକୁ ଏକ ସପ୍ତାହରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଗଣିଆ ଥାନା ଅଭିଯୁକ୍ତଙ୍କୁ ନଖୋଜି ଅଭିଯୋଗକାରୀଙ୍କୁ ମିଛ ଗପ ଶୁଣାଇ ଚାଲିଛନ୍ତି। ଘଟଣାର ଗୁରୁତ୍ୱକୁ ଉପଲବ୍ଧି ନକରି ଥାନା ବାବୁ ନିରବ ରହିବା ଓ ଆଗୁଆ ପୋଲିସ ଷ୍ଟେସନରେ ପ୍ରଥମ ସୂଚନା ରିପୋର୍ଟ ଦାଖଲ ହେବାକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଥିଲା ବେଳେ ଆକ୍ରମଣର ଶିକାର ହୋଇଥିବା ସ୍ୱାମୀ-ସ୍ତ୍ରୀ ନ୍ୟାୟ ପାଇବା ପାଇଁ ସବୁଠି ଗୁହାରୀ କରୁଛନ୍ତି। ଉଲ୍ଲେଖଯୋଗ୍ୟ, କିର୍ତ୍ତନ ରାଉତଙ୍କର ତିନି ପୁଅ ହେଉଛନ୍ତି କୁଳମଣୀ ରାଉତ, କାହ୍ନୁଚରଣ ରାଉତ ଓ କୈଳାସ ରାଉତ। କିର୍ତ୍ତନ ପୁଅ ମାନଙ୍କ ମଧ୍ୟରେ ଯେଉଁ ଅନୁସାରେ ଜମି ଭାଗ ➤ ପୃ-୬






# ଜନବସତି ଅଞ୍ଚଳରେ ବେଆଇନ ଇଟାଭାଟି

### ଜରିମାନାରେ ସୀମିତ କାର୍ଯ୍ୟାନୁଷ୍ଠାନ

**ଭଦ୍ରକ,(ବିକାଶ କୁମାର ଧଳ):** ସରକାର ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁଥିବା ବେଳେ ତାଙ୍କର ଦୂର ଦୃଷ୍ଟିର ଅଭାବ ଯୋଗୁଁ ଏହା ସଫଳ ହୋଇପାରୁ ନାହିଁ । ଯେପରିକି ଇଟା ଭାଟି ପୋଡ଼ି ଯୋଗୁଁ ବାୟୁମଣ୍ଡଳ ପ୍ରଦୂଷଣ ହେବା ସହ ଜଙ୍ଗଲ ଧ୍ୱଂସ ହେଉଥିବା ବେଳେ ସରକାର ଏଥିପ୍ରତି ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁନଥିବାରୁ ଏହା ବର୍ତ୍ତମାନ ଏକ ବ୍ୟବସାୟରେ ପରିଣତ ହେଲାଣି । ବନ୍ତ ତହସିଲ ଅଧିନରେ ଥିବା ୨୫ଟି ପଞ୍ଚାୟତ ମଧ୍ୟରୁ ଏବେବି ମୁଖ୍ୟତଃ ଆଗରପଡ଼ା ଓ ତାର ଆଖପାଖ ଅଞ୍ଚଳ ଯଥା:-କାଣ୍ଡବା ,ମହାନ୍ତିପଡ଼ା, ସାହୁପଡ଼ା, ଗୋପିନାଥପୁର, ଅଣିଜୋ ଆଦି ସାଳନ୍ଦି ନଦୀ କୂଳ ଗ୍ରାମର କୋଣ ଅନୁକୋଣରେ ଶହ ଶହ ବେଆଇନ ଇଟାଭାଟି ପୋଡ଼ା ଯାଉଥିବା ଦେଖିବାକୁ ମିଳୁଛି । ତହସିଲଦାର ଓ ତାଙ୍କ କର୍ମଚାରୀ ଏହି ବିଷୟରେ ଅବଗତ



ଥାଇ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଓ ପରୋକ୍ଷରେ ଇଟାଭାଟି ମାଲିକଙ୍କୁ ସହଯୋଗ କରୁଥିବାର ଅଭିଯୋଗ ହେଉଛି । କେବଳ ହାତ ଗଣତି କେତେକ ଇଟାଭାଟି ମାଲିକଙ୍କ ଠାରୁ ରୟାଲଟି ଓ ଜୋରିମାନା ଆଦାୟ କରି ପ୍ରଶାସନିକ ଅଧିକାରୀମାନେ ସେମାନଙ୍କର କର୍ତ୍ତବ୍ୟ ସଂପାଦନ କରୁଛନ୍ତି । ପ୍ରଶାସନ ପକ୍ଷରୁ ଚିମିନି ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** — ଖର୍ଚ୍ଚରେ ନିୟନ୍ତ୍ରଣ ରଖନ୍ତୁ। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ପରିବାରଠାରୁ ଦୂରକୁ ଯାତ୍ରା କରିପାରନ୍ତି। ମାଆଙ୍କଠାରୁ ଆଶିର୍ବାଦ ପ୍ରାପ୍ତ ହେବ। ଧନପ୍ରାପ୍ତିର ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଗୁରୁବାର ଦିନ ହଳଦି ରଙ୍ଗର ଟିକା ଲଗାନ୍ତୁ।

**ବୃଷ** — ଛାତ୍ର ଓ କର୍ମଜୀବିକୁ ସୁଫଳ ମିଳିବ। କୌଣସି ପୁରୁଣା ଇଚ୍ଛା ପୂର୍ଣ୍ଣ ହେବ। ସ୍ୱାସ୍ଥ୍ୟହାନିର ଯୋଗ ଅଛି। ଶତ୍ରୁଙ୍କ ପ୍ରତି ସାବଧାନ ରୁହନ୍ତୁ। ବ୍ୟବସାୟରେ ଲାଭ ହେବ। କାନକୁହା କଥାକୁ ବିଶ୍ୱାସ କରନ୍ତୁ ନାହିଁ। ପ୍ରେମୀ ଯୁଗଳଙ୍କ ପାଇଁ ସପ୍ତାହଟିକ ଅନୁକୂଳ।

**ମିଥୁନ** — ଘରେ ଓ କାର୍ଯ୍ୟ କ୍ଷେତ୍ରରେ ସଫଳତା ମିଳିବ। ପରିବାରର ସଦସ୍ୟ ମାନଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ସପ୍ତାହର ଶେଷ ଭାଗରେ ଖର୍ଚ୍ଚ ବଢ଼ିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ସପ୍ତାହର ପ୍ରଥମାର୍ଦ୍ଧ ଅପେକ୍ଷା ଶେଷାର୍ଦ୍ଧରେ ସୁଖପ୍ରାପ୍ତି ହେବ।

**କର୍କଟ** — ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ଦୂରଯାତ୍ରାର ଯୋଗ ଅଛି। ଛାତ୍ରମାନେ ପାଠପଢ଼ାରେ ଧ୍ୟାନଦେବେ। କାର୍ଯ୍ୟ କ୍ଷେତ୍ରରେ ସଫଳତା ମିଳିପାରେ। ଗୁପ୍ତି ସୁଖ ପ୍ରାପ୍ତି ପାଇବା ପାଇଁ ମନ ବଳେଇବେ। ସନ୍ତାନ ସୁଖ ପାଇବେ।

**ସିଂହ** — ଅନ୍ତରଙ୍ଗ ସମ୍ବନ୍ଧ ବୃଦ୍ଧି ପାଇବେ। ଗୁପ୍ତି ଭାବରେ ଅନେକ କାର୍ଯ୍ୟ ସମାଧାନ କରିବେ। ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ। ଦୂର ଯାତ୍ରାର ଯୋଗ ଅଛି। ସମସ୍ତ ଶତ୍ରୁମାନେ ପରାସ୍ତ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା** — ବ୍ୟବସାୟରେ ଲାଭ ବୃଦ୍ଧି ପାଇବ। ବୁଝିବିଚାରି ବ୍ୟବସାୟରେ ଅର୍ଥ ବିନିଯୋଗ କରନ୍ତୁ। ଧନହାନୀର ଯୋଗ ଅଛି। ଖର୍ଚ୍ଚରେ ବୃଦ୍ଧି ହେବ। କୌଣସି ମହିଳା ସହ ଆପଣଙ୍କ ମତାନ୍ତର ହୋଇପାରେ।

**ତୁଳା** — ମାନସିକ ସ୍ଥିତି ବିଗିଡିଯିବ। ଖର୍ଚ୍ଚରେ ଅଯଥାବୃଦ୍ଧି ହେବ। କାର୍ଯ୍ୟରେ ସଫଳତା ପାଇଁ କଠିନ ପରିଶ୍ରମର ଆବଶ୍ୟକ ଅଛି। ବିରୋଧିଙ୍କ ପ୍ରତି ସତର୍କ ରୁହନ୍ତୁ। ସାମାଜିକ ସ୍ଥିତି ଉତ୍ତମ ରହିବ। କାର୍ଯ୍ୟକ୍ଷେତ୍ରରେ ଉତ୍ଥାପନ ପତନ ଲାଗି ରହିବ।

**ବିଛା** — ଶିକ୍ଷା କ୍ଷେତ୍ରରେ ଉତ୍ତମ ଫଳପ୍ରାପ୍ତ ହେବ। ଛାତ୍ରମାନଙ୍କ ପାଠରେ ମନ ଲାଗିବ। ଆପଣ ସୁପ୍ତ ପ୍ରତିଭା ଲୋକଙ୍କ ସମ୍ମୁଖକୁ ଆସିପାରେ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇଁ କଠିନ ସଂଘର୍ଷ କରିବେ।

**ଧନୁ** — ପରିବାରରେ ସମୟ କଟିବ। ମାଆଙ୍କ ଠାରୁ ଆଶିର୍ବାଦ ମିଳିବ। ଅଚାନକ ଧନପ୍ରାପ୍ତିର ଯୋଗଅଛି। ଛାତ୍ରମାନେ ଶିକ୍ଷା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିବେ। ପରିଶ୍ରମ ଅନୁସାରେ ଫଳପ୍ରାପ୍ତ ହେବ।

**ମକର** — ଶିଶୁଙ୍କ ସହ ସମୟ କଟାଇବେ। ଭାଇଭଉଣୀ ଓ ବନ୍ଧୁ ମାନଙ୍କ ସହଯୋଗ ମିଳିବ। କାର୍ଯ୍ୟ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। କୌରସି ନୂଆ କାର୍ଯ୍ୟ କରିପାରନ୍ତି।

**କୁମ୍ଭ** — ସପ୍ତାହର ପ୍ରଥମାର୍ଦ୍ଧରେ ପରିବାରରେ ବାଦବିବାଦ ହେବ। ଆଂଶିକ ଧନପ୍ରାପ୍ତି ହେବ। ସୁଖାଦ୍ୟ ପ୍ରାପ୍ତି ହେବ। ଆପଣଙ୍କ ଜନସମ୍ପର୍କ ବୃଦ୍ଧି ପାଇବ। ଦାମ୍ପତ୍ୟ ଜୀବନ ପ୍ରତି ଜାଗ୍ରତ ରୁହନ୍ତୁ। ପରିବାରରେ ଶାନ୍ତି ବଜାୟ ରହିବ।


**ମୀନ** — କାର୍ଯ୍ୟରେ ସଫଳତା ମିଳିବ। ବ୍ୟବସାୟରେ ମନନିବେଶ କରିବେ। ପରିବାରରେ ଏକଜୁଟତା ଦେଖାଦେବ। ଭାଇଭଉଣୀଙ୍କ ସହ ସମ୍ପର୍କ ବଢ଼ିବ। ଭ୍ରମଣ ଯୋଗ ଅଛି। ଆର୍ଥିକ ସ୍ଥିତି ଦୁର୍ବଳ ହେବ। ଶତ୍ରୁ ବଢ଼ିପାରନ୍ତି, ସତର୍କ ରୁହନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ବାୟୁମଣ୍ଡଳରେ ବୃଦ୍ଧି ପାଉଛି ତାପମାତ୍ରା

# ପ୍ରଭାବିତ ହେଉଛି ଭୂତଳ ଜଳ

**ଲଣ୍ଡନ :** ଜଳବାୟୁ ପରିବର୍ତ୍ତନ ଦ୍ୱାରା ବିଶ୍ୱ ତାପମାନ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି ଏବଂ ଏଥିନେଇ ବିଶ୍ୱବାସୀ ଅବଗତ ରହିଛନ୍ତି। ଦିନକୁ ଦିନ ବୃଦ୍ଧି ପାଉଥିବା ବାୟୁମଣ୍ଡଳର ତାପମାତ୍ରା ଭୂତଳ ଜଳକୁ ପ୍ରଭାବିତ କରୁଛି। ଏବେ ଏହି ଜଳବାୟୁ ପରିବର୍ତ୍ତନ ଦ୍ୱାରା ଭୂତଳ ଜଳ ମଧ ଉତ୍ତପ୍ତ ମଧ ହେଉଥିବା ଜଣାପଡିଛି। ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁ ବାୟୁମଣ୍ଡଳର ତାପମାତ୍ରା ସହ ତାଳ ଦେଇ ଭୂତଳ ଜଳର ତାପମାତ୍ରା ମଧ ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ କଲୋନ୍ ଓ କର୍ଲସ୍ରୁହେ ଅଞ୍ଚଳର ବିଭିନ୍ନ ସ୍ଥାନର ଭୂତଳ ଜଳର ତାପମାତ୍ରା ମପା ଯାଇଥିଲା ଓ ଏହି ପ୍ରକ୍ରିୟା ଦୀର୍ଘଦିନ ଧରି ଚାଲିଥିଲା। ଏହି ଅଞ୍ଚଳର ଭୂତଳ ଜଳ ମାନବ ଜାତି ଦ୍ୱାରା ପ୍ରଭାବିତ ହୋଇ ନଥିଲା। ତେବେ ଗତ କିଛିବର୍ଷ ମଧ୍ୟରେ ଭୂତଳ ଜଳର ତାପମାତ୍ରା ବୃଦ୍ଧି ପାଇଛି। ବାୟୁମଣ୍ଡଳରେ ବୃଦ୍ଧି ପାଉଥିବା ତାପମାତ୍ରା ସିଧାସଳଖ ଭୂତଳ ଜଳକୁ ପ୍ରଭାବିତ କରୁଛି। ଫଳରେ ଭୂତଳ ଜଳ ମଧ ଉତ୍ତପ୍ତ ହେବାରେ ଲାଗିଛି ବୋଲି ସ୍ୱିଜରଲାଣ୍ଡ ସ୍ଥିତ ଇଟିଏଚ୍ ଜ୍ୟୁରିକ୍ସ ଜିଓଲୋଜିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପିଟର ବେୟର କହିଛନ୍ତି। ବିଶେଷକରି ୪୦ ବର୍ଷ ମଧ୍ୟରେ ଭୂପୃଷ୍ଠର ୬୦ ମିଟର ଗଭୀରରେ ଥିବା ଭୂତଳ ଜଳର ତାପମାତ୍ରା ଅଧିକ



ପ୍ରଭାବିତ ହୋଇଥିବାରୁ ଏହାର ତାପମାତ୍ରା ବୃଦ୍ଧି ପାଇଛି। ବିଶ୍ୱର ବିଭିନ୍ନ ଅଞ୍ଚଳର ସ୍ଥାନୀୟ ଓ ଆଞ୍ଚଳିକ ବାୟୁମଣ୍ଡଳର ତାପମାତ୍ରା ଅନୁଯାୟୀ ସେହି ଅଞ୍ଚଳର ଭୂତଳ ଜଳର ତାପମାତ୍ରା ମଧ ବୃଦ୍ଧି ପାଇଥାଏ। ଗତ ୫୦ ବର୍ଷ ମଧ୍ୟରେ ବାୟୁମଣ୍ଡଳର ତାପମାତ୍ରା ପ୍ରତି ଦଶନ୍ଧିରେ ହାରାହାରି ଭାବେ ୦.୧୩ ଡିଗ୍ରୀ ସେଲସିୟସ ହାରରେ ବୃଦ୍ଧି ପାଉଥିବା ବେଳେ ଏହାର ପ୍ରଭାବରେ ଭୂତଳ ଜଳର ତାପମାତ୍ରା ମଧ ସାମାନ୍ୟ ବୃଦ୍ଧିପାଉଛି ବୋଲି ସୁଇଜରଲାଣ୍ଡସ୍ଥିତ ଇଟିଏଚ୍ ଜ୍ୟୁରିକ୍ସ ଜିଓଲୋଜିକାଲ ଇନ୍‌ଷ୍ଟିଚ୍ୟୁଟ୍‌ର ପିଟର ବେୟର ପ୍ରକାଶ କରିଛନ୍ତି। ଦୁଇଦଶନ୍ଧି ଧରି ବିଶ୍ୱର ବିଭିନ୍ନ ଅଞ୍ଚଳରେ ଭୂତଳ ଜଳର ତାପମାତ୍ରା ଉପରେ ନଜର ରଖିଥିବା ଅନ୍ୟ ଅଧ୍ୟୟନକାରୀମାନେ ବେୟରଙ୍କ ତଥ୍ୟ ସହମତ ହୋଇଛନ୍ତି। ପିଟର ବେୟରଙ୍କ ଗବେଷଣାତ୍ମକ ନିବନ୍ଧ ହାଇଡ୍ରୋଲୋଜି ଆଣ୍ଡ ଆର୍ଥ ସିଷ୍ଟମ ସାଇନେସସ୍ ପତ୍ରିକାରେ ପ୍ରକାଶ ପାଇଛି।

### ଅଭିଭାବକଙ୍କୁ ସୁପ୍ରିମକୋର୍ଟ ଛାଟ

## କୋଭିଡ୍ ସତ୍ତ୍ୱେ ୧୦୦% ସ୍କୁଲ୍ ଫି' ଦେବାକୁ ପଡ଼ିବ

**ନୂଆଦିଲ୍ଲୀ :** ୨୦୨୦ରେ ଦେଶରେ କୋଭିଡ୍ ମହାମାରୀର ଆତଙ୍କ ଯୋଗୁଁ ଶିକ୍ଷାଦାନ ପ୍ରକ୍ରିୟା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। କିଛିମାସ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରହିବାପରେ ପରବର୍ତ୍ତୀ ସମୟରେ ଅନଲାଇନରେ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଥିଲା। ତେବେ ଏହି ସମୟରେ ଛାତ୍ରଛାତ୍ରୀ ଆଦୌ ଶିକ୍ଷାନୁଷ୍ଠାନ ମାଟି ମାଡିନଥିବାରୁ ସ୍କୁଲ ଫି' ଛାଡ କରିବାକୁ ଅଭିଭାବକମାନେ ଦାବି କରିଥିଲେ। ତେବେ କୋଭିଡ୍ ସମୟରେ ସ୍କୁଲରେ ଶିକ୍ଷାଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲେ ସୁଦ୍ଧା ଅଭିଭାବକଙ୍କୁ ୧୦୦ ପ୍ରତିଶତ ସ୍କୁଲ ଫି' ପୈଠ କରିବାକୁ ପଡିବ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ଏହି ପ୍ରସଙ୍ଗରେ ଦିଲ୍ଲୀର ବିଦ୍ୟାଭବନ ସୋସାଇଟି, ସୱାଇ ମାନସିଂହ ବିଦ୍ୟାଳୟର ପରିଚାଳନା କମିଟି, ଗାନ୍ଧୀ ସେବାସଦନ ଓ ସୋସାଇଟି ଅଫ୍ କ୍ୟାଥୋଲିକ୍ ଏଡୁକେସନ ପକ୍ଷରୁ ସୁପ୍ରିମକୋର୍ଟରେ ପୃଥକ ପିଟିସନ ଦାଏର କରାଯାଇଥିଲା। ବର୍ତ୍ତମାନ ସୁପ୍ରିମକୋର୍ଟଙ୍କ ରାୟ ଫଳରେ ଅଭିଭାବକମାନେ ମାର୍ଚ୍ଚ ୫ରୁ ୨୧ ମଧ୍ୟରେ ୬ଟି କିସ୍ତିରେ ୨୦୨୦ ଶିକ୍ଷାବର୍ଷର ସମସ୍ତ ସ୍କୁଲ ଫି' ପୈଠ କରିବେ ବୋଲି ଜଣାପଡିଛି। ତେବେ ଫି' ପୈଠ କରିନଥିବା କାରଣରୁ କୌଣସି ଛାତ୍ରଙ୍କ ନାମକୁ ସ୍କୁଲ ରେଜିଷ୍ଟରରୁ ବାଦ ଦିଆଯିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏପରିକି ଫି' ପୈଠ ହୋଇନଥିବା କାରଣ ଦର୍ଶାଇ ୧୦ମ ଓ ୧୨ଶ ଶ୍ରେଣୀ ଛାତ୍ରଙ୍କୁ ଫାଇନାଲ ପରୀକ୍ଷାରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କଡା ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ରାଜସ୍ଥାନ ସରକାର ରାଜ୍ୟର ସମସ୍ତ ସରକାରୀ ସ୍କୁଲରେ ଛାତ୍ରଛାତ୍ରୀଙ୍କଠାରୁ ୬୦ ପ୍ରତିଶତ ଓ ସିବିଏସଇ ସ୍କୁଲରେ ୭୦ ପ୍ରତିଶତ ଫି' ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ୬ଟି ରାଜ୍ୟରେ ହିନ୍ଦୁଙ୍କୁ ସଂଖ୍ୟାଲଘୁ ମାନ୍ୟତା ପ୍ରଦାନ ଦାବି

# କେନ୍ଦ୍ରକୁ ସୁପ୍ରିମ୍‌କୋର୍ଟଙ୍କ କୈଫିୟତ ତଲବ

**ନୂଆଦିଲ୍ଲୀ :** ଭାରତରେ ମୁସଲମାନ, ଖ୍ରିଷ୍ଟିଆନ, ଶିଖ୍, ବୌଦ୍ଧ ଓ ପାର୍ସି ସଂପ୍ରଦାୟକୁ ସଂଖ୍ୟାଲଘୁ ମାନ୍ୟତା ପ୍ରଦାନ କରାଯାଇଥିବା ପ୍ରସଙ୍ଗକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ କୈଫିୟତ ତଲବ କରିଛନ୍ତି। ଦେଶର ୬ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ବାସ କରୁଥିବା ହିନ୍ଦୁ ଧର୍ମାବଲମ୍ବୀଙ୍କୁ ସଂଖ୍ୟାଲଘୁ ମାନ୍ୟତା ପ୍ରଦାନ କରାଯାଉ ବୋଲି ଦାବିକରି ବିଜେପି ନେତା ଅଶ୍ୱିନୀ ଉପାଧ୍ୟାୟ ସୁପ୍ରିମକୋର୍ଟରେ ଏକ ପିଟିସନ ଦାଏର କରିଛନ୍ତି। ୨୦୧୧ ଜନଗଣନା ରିପୋର୍ଟକୁ ଆଧାର କରି ଉପରୋକ୍ତ ପିଟିସନ ଦାଏର କରାଯାଇଥିବା ଜଣାପଡିଛି। ପ୍ରଧାନ ବିଚାରପତି ଜଷ୍ଟିସ ଏସ.ଏ.ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ପୀଠ ମଙ୍ଗଳବାର ମାମଲାର ଶୁଣାଣି କରି କେନ୍ଦ୍ରକୁ ନୋଟିସ ଜାରି କରିଛନ୍ତି। ଏଥିସହିତ ଏହି ପ୍ରସଙ୍ଗରେ ଦିଲ୍ଲୀ, ମେଘାଳୟ ଓ ଗୁଆହାଟୀ ହାଇକୋର୍ଟରେ ବିଚାରାଧୀନ ଥିବା ସବୁ ମାମଲା ସୁପ୍ରିମକୋର୍ଟକୁ ସ୍ଥାନାନ୍ତର କରିବାକୁ ମଧ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ୧୯୯୩ ଅକ୍ଟୋବର ୨୩ରେ କେନ୍ଦ୍ର ସରକାର ଏକ ବିଜ୍ଞପ୍ତି ଜରିଆରେ ଉପରୋକ୍ତ ପାଞ୍ଚଟି ସଂପ୍ରଦାୟକୁ ସଂଖ୍ୟାଲଘୁ ମାନ୍ୟତା ପ୍ରଦାନ କରିଥିଲେ। ଏହାକୁ ନେଇ କେତେକ ରାଜ୍ୟରେ ଅସନ୍ତୋଷ ଉପୁଜିଥିଲା। ଉଦାହରଣ ସ୍ୱରୂପ ପଞ୍ଜାବରେ ଶିଖ୍ ସଂପ୍ରଦାୟ ଓ ଜମ୍ମୁ-କଶ୍ମୀରରେ ମୁସଲମାନ ସଂପ୍ରଦାୟ ସଂଖ୍ୟାଗରିଷ୍ଠ ହୋଇଥିବା ସତ୍ତ୍ୱେ ସେମାନଙ୍କୁ କାହିଁକି ସଂଖ୍ୟାଲଘୁ ମାନ୍ୟତା ପ୍ରଦାନ କରାଯିବ, ସେଥିନେଇ ଉପରୋକ୍ତ ତିନିଟି ହାଇକୋର୍ଟରେ ଏକାଧିକ ପିଟିସନ ଦାଏର କରାଯାଇଛି। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ବିଭିନ୍ନ ହାଇକୋର୍ଟ ଅପେକ୍ଷା ସୁପ୍ରିମକୋର୍ଟରେ ଶୁଣାଣି କରାଯିବା ଜରୁରୀ ବୋଲି ପିଟିସନଧାରୀ ଯୁକ୍ତି ଦର୍ଶାଇଛନ୍ତି। ଜାତୀୟ ଡାଟା ଅନୁଯାୟୀ ଭାରତରେ ହିନ୍ଦୁ ସଂପ୍ରଦାୟକୁ ସଂଖ୍ୟାଗରିଷ୍ଠ ବୋଲି ସ୍ୱୀକାର କରାଯାଇଥାଏ। ତେବେ ପଞ୍ଜାବ, ଜମ୍ମୁ-କଶ୍ମୀର ସମେତ ଉତ୍ତର-ପୂର୍ବର ଏକାଧିକ ରାଜ୍ୟରେ ହିନ୍ଦୁ ସଂପ୍ରଦାୟ ହେଉଛନ୍ତି ସଂଖ୍ୟାଲଘୁ। ଏହାସତ୍ତ୍ୱେ ଏହି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସେମାନଙ୍କୁ କାହିଁକି ସଂଖ୍ୟାଲଘୁ ସଂପ୍ରଦାୟ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗ ପ୍ରଦାନ କରାଯିବ ନାହିଁ ବୋଲି ପିଟିସନଧାରୀ ପ୍ରଶ୍ନ କରିଛନ୍ତି। ତେଣୁ ଏହି ପ୍ରସଙ୍ଗରେ ସଂଖ୍ୟାଲଘୁ ମାନ୍ୟତା ନିର୍ଦ୍ଧାରଣ କରୁଥିବା 'ନ୍ୟାସନାଲ କମିଶନ ଫର୍ ମାଇନରିଟିଜ୍' (ଏନସିଏମ) ପୁନର୍ବିଚାର କରିବାକୁ ପିଟିସନରେ ଦାବି କରାଯାଇଛି। ପୁନଶ୍ଚ ଏନସିଏମ ନିୟମ ୧୯୯୨ର ଧାରା ୨(ଗ)କୁ ଉଚ୍ଛେଦ କରିବାକୁ ମଧ ଦାବି କରାଯାଇଛି। ରାଜନୈତିକ ଅଭିସନ୍ଧି ପୂରଣ ଉଦ୍ଦେଶ୍ୟରେ ସଂଖ୍ୟାଲଘୁ ମାନ୍ୟତା ପ୍ରସଙ୍ଗର ଅପବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି।

## ଇଣ୍ଡିଆ ଗେଟ୍‌କୁ ଶହେବର୍ଷ



**ନୂଆଦିଲ୍ଲୀ :** ନୂଆଦିଲ୍ଲୀର କେନ୍ଦ୍ରସ୍ଥଳରେ ଥିବା ଯୁଦ୍ଧ ସ୍ମାରକୀ 'ଇଣ୍ଡିଆ ଗେଟ୍'କୁ ଗୁରୁବାର ଶହେ ବର୍ଷ ପୂରିଲା। ଆଜକୁ ଠିକ୍ ଶହେ ବର୍ଷ ପୂର୍ବେ ଅର୍ଥାତ ୧୯୨୧ ଫେବୃଆରୀ ୧୧ରେ ବ୍ରିଟିଶ ରାଜପରିବାର ସଦସ୍ୟ ଡ୍ୟୁକ୍ ଅଫ୍ କନ୍ନଟ୍‌ଙ୍କ ଦ୍ୱାରା ଏହି ସ୍ମାରକୀର ଶିଳାନ୍ୟାସ କରାଯାଇଥିଲା। ପ୍ରଥମେ ଏହାକୁ 'ଅଲ ଇଣ୍ଡିଆ ୱାର ମୋମୋରିଆଲ ଆର୍କ' ନାମରେ ନାମିତ କରାଯାଇଥିଲା। ସେହିବର୍ଷ ଡିସେମ୍ବରରେ ତତ୍କାଳୀନ ବ୍ରିଟିଶ ସମ୍ରାଟ ପଞ୍ଚମ ଜର୍ଜଙ୍କ ନିର୍ଦ୍ଦେଶକ୍ରମେ ଭାରତର ରାଜଧାନୀ କୋଲକାତାରୁ ଦିଲ୍ଲୀକୁ ସ୍ଥାନାନ୍ତର କରାଯାଇଥିଲା। ରାଇସିନା ହିଲ୍‌ରେ ନୂଆ ରାଜଧାନୀର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଥିବାବେଳେ ୨୦୧୫ରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା। ଏଥିରେ ବ୍ରିଟିଶ ସେନା ପକ୍ଷରୁ ଲଢିଥିବା ଅନେକ ଭାରତୀୟ ଯବାନ ସହିଦ ହୋଇଥିଲେ। ନିର୍ମାଣ ଆରମ୍ଭ ହେବାର ୧୦ ବର୍ଷ ପରେ ଅର୍ଥାତ ୧୯୨୧ରେ ୪୨ ମିଟର ଉଚ୍ଚତା ବିଶିଷ୍ଟ ଇଣ୍ଡିଆ ଏହି ସ୍ମାରକୀକୁ ଉଦ୍‌ଘାଟନ କରାଯିବା ସହ ଇଣ୍ଡିଆ ଗେଟ୍ ନାମରେ ପୁନଃନାମିତ କରାଯାଇଥିଲା। ପ୍ରଥମ ବିଶ୍ୱଯୁଦ୍ଧରେ ପ୍ରାଣବଳି ଦେଇଥିବା ଭାରତୀୟ ଯବାନଙ୍କ ନାମକୁ ସେଠାରେ ଲିପିବଦ୍ଧ କରାଯାଇଥିଲା।

### ସଂସଦରେ ପ୍ରତିରକ୍ଷାମନ୍ତ୍ରୀଙ୍କ ବୟାନ

# ଚୀନ୍‌କୁ ଇଞ୍ଚେ ଜାଗା ଛଡ଼ାଯିବନି

**ନୂଆଦିଲ୍ଲୀ :** ପୂର୍ବ ଲଦାଖ ସୀମାକୁ କେନ୍ଦ୍ରକରି ଭାରତ ଓ ଚୀନ ମଧ୍ୟରେ ଦୀର୍ଘ ୯ମାସ ଧରି ଲାଗି ରହିଥିବା ବିବାଦ ସମାଧାନର ପ୍ରଥମ ପଦକ୍ଷେପ ସ୍ୱରୂପ ପାଙ୍ଗୋଙ୍ଗ ସାଓ ହ୍ରଦର ଦକ୍ଷିଣ ଉପକୂଳରୁ ଦୁଇଦେଶର ସେନା ପ୍ରତ୍ୟାହାର(ଡିସଏନଗେଜମେଣ୍ଟ) ପ୍ରକ୍ରିୟା ଆରମ୍ଭ ହୋଇଛି। ଉଭୟ ଦେଶ ପାଙ୍ଗୋଙ୍ଗ ହ୍ରଦର ଉଭୟ ପାର୍ଶ୍ୱରେ ମୁତୟନ କରିଥିବା ଟ୍ୟାଙ୍କ ଓ ସାମରିକ ଯାନଗୁଡିକୁ ପ୍ରତ୍ୟାହାର କରୁଥିବା ଜଣାପଡିଛି। ଇତିମଧ୍ୟରେ ସେନା ପକ୍ଷରୁ ଏ ସମ୍ପର୍କରେ ଏକ ଭିଡିଓ ଜାରି କରାଯାଇଛି। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସଂସଦରେ ଦେଇଥିବା ବୟାନରେ ଏହା ଉଲ୍ଲେଖ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଲୋକସଭାରେ ଏକ ବିବୃତିରେ କହିଛନ୍ତି, ଭାରତ କାହାରିକୁ ଗୋଟିଏ ଇଞ୍ଚ ଜମି ଦେବନାହିଁ। ଚୀନ ସହ ଲଦାଖର ଆଲୋଚନା ଫଳରେ ପାଙ୍ଗୋଙ୍ଗ ହ୍ରଦର ଉତ୍ତର ଓ ଦକ୍ଷିଣ ଉପକୂଳରୁ ସେନା ପ୍ରତ୍ୟାହାର ପାଇଁ ରାଜିନାମା ହୋଇଛି। ଭାରତ ଏ କ୍ଷେତ୍ରରେ କୌଣସି ପ୍ରକାର ସାଲିସ କରିନାହିଁ ବୋଲି ରାଜନାଥ ଗୃହରେ ଦୃଢ଼ତାର ସହ କହିଛନ୍ତି। ଏଥିପୂର୍ବରୁ ଗୁରୁବାର ପୂର୍ବାହ୍ନରେ ସେ ରାଜ୍ୟସଭାରେ ଏହି ପ୍ରସଙ୍ଗରେ କହିଥିଲେ, ରାଜିନାମା ଅନୁଯାୟୀ ଉଭୟ ଦେଶ ସୀମାର ସମ୍ମୁଖ ଭାଗରେ ମୁତୟନ କରିଥିବା ସୈନ୍ୟ ଓ ଟ୍ୟାଙ୍କ ପ୍ରଭୃତି ଯୁଦ୍ଧାସ୍ତ୍ର ପର୍ଯ୍ୟାୟକ୍ରମେ ପ୍ରତ୍ୟାହାର କରିବେ। ଉଲ୍ଲେଖଯୋଗ୍ୟ ଗତ ବୁଧବାର ଠାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଚୀନ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଏକ ବିବୃତିରେ ଜାରି କରାଯିବାର ଦିନକ ପରେ ଏ ସମ୍ପର୍କରେ ଭାରତର ଆଭିମୁଖ୍ୟ ସଂସଦରେ ସ୍ପଷ୍ଟ କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ। ସେ ରାଜ୍ୟସଭାରେ କହିଛନ୍ତି, ଫିଙ୍ଗର-୮ର ପୂର୍ବରେ ଥିବା ପାଙ୍ଗୋଙ୍ଗ ହ୍ରଦର ଉତ୍ତର ଉପକୂଳରେ ଚୀନ ସୈନ୍ୟ ମୁତୟନ ରହିବେ। ସେହିପରି ଅନ୍ୟପକ୍ଷରେ ଭାରତୀୟ ସୈନ୍ୟ ସେମାନଙ୍କର ସ୍ଥାୟୀ ବେସ୍ ଫିଙ୍ଗର-୩ ନିକଟସ୍ଥ ଧାନସିଂ ଥାପ୍ପା ପୋଷ୍ଟରେ ମୁତୟନ



ରହିବେ। ପାଙ୍ଗୋଙ୍ଗ ହ୍ରଦର ଦକ୍ଷିଣ ଉପକୂଳରେ ମଧ ଉଭୟ ପକ୍ଷ ଅନୁରୂପ ବ୍ୟବସ୍ଥା ଗ୍ରହଣ କରିବେ। ପାରସ୍ପରିକ ବୁଝାମଣା ଅନୁଯାୟୀ ଏଭଳି ପଦକ୍ଷେପ ନିଆଯାଉଛି। ତେବେ ଉଭୟ ଉତ୍ତର ଓ ଦକ୍ଷିଣ ଉପକୂଳ ଅଞ୍ଚଳରେ ୨୦୨୦ ଏପ୍ରିଲ ଠାରୁ ନିର୍ମାଣ କରିଥିବା ଭିତ୍ତିଭୂମିକୁ ଦୁଇଦେଶ ହଟାଇ ଦେବେ। ଫିଙ୍ଗର-୩ ଓ ଫିଙ୍ଗର-୮ ମଧ୍ୟବର୍ତ୍ତୀ ଅଞ୍ଚଳରେ ବର୍ତ୍ତମାନ ପାଇଁ କେହି ପାଟ୍ରୋଲିଂ କରିପାରିବେ ନାହିଁ। ଉତ୍ତର ଉପକୂଳରେ ଦୁଇଦେଶ ପକ୍ଷରୁ କୌଣସି ପ୍ରକାର ସାମରିକ କାର୍ଯ୍ୟକଳାପ କରାଯିବ ନାହିଁ ବୋଲି ରାଜିମାନାରେ ସ୍ଥିର ହୋଇଛି। ଦୁଇଦେଶ ମଧ୍ୟରେ ଉଭୟ କୂଟନୈତିକ ଓ ସାମରିକ ସ୍ତରରେ ଆଲୋଚନା କରି ଏକ ରାଜିନାମାରେ ଉପନୀତ ହେବା ପରେ ପାଟ୍ରୋଲିଂ ଆରମ୍ଭ କରାଯାଇପାରିବ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ କହିଛନ୍ତି। ସେ ଆହୁରି କହିଛନ୍ତି, ବାସ୍ତବ ନିୟନ୍ତ୍ରଣ ରେଖା(ଏଲଏସି)ର ଆଉ କେତେକ ପଏଣ୍ଟରେ ସେନା ମୁତୟନ ଓ ପାଟ୍ରୋଲିଂ ସମ୍ପର୍କରେ ପରବର୍ତ୍ତୀ ଆଲୋଚନାରେ ସ୍ଥିର ହେବ। ଚୀନ ସହ ଆଲୋଚନା ବେଳେ ସ୍ଥିର ହୋଇଛି ଦୁଇଦେଶ ଏଲଏସିକୁ ସମ୍ମାନ ଦେବେ। ଏହାର ସ୍ଥିତାବସ୍ଥା ଏକତରଫା ଭାବେ ପରିବର୍ତ୍ତନ କରିବାକୁ କେହି ଉଦ୍ୟମ କରିବେ ନାହିଁ।

### ସରକାର ଆଣୁଛନ୍ତି ନୂଆ ଲେବର୍ କୋଡ୍

# ସପ୍ତାହକୁ ୪ ଦିନ କାମ, ୩ ଦିନ ଛୁଟି

**ନୂଆଦିଲ୍ଲୀ :** କର୍ମଜୀବୀମାନଙ୍କୁ ଏକ ଖୁସିର ଖବର ଶୁଣାଇ ପାରନ୍ତି ସରକାର। ସପ୍ତାହକ ସାରା କାମ କଲା ପରେ ଗୋଟିଏ ମାତ୍ର ଅଫ୍ ଡେ ଯଥେଷ୍ଟ ନୁହେଁର ଅଭିଯୋଗ ଶୁଣିବାକୁ ମିଳିବ ନାହିଁ। କର୍ମଚାରୀ ୩ ଦିନିଆ ଲମ୍ବା ଛୁଟି ପରିବାର ସହିତ ବିତାଇପାରେ। କର୍ମଚାରୀ ନିଜର ନିଯୁକ୍ତିଦାତା ସହିତ ଆପୋସ ବୁଝାମଣାରେ ଚୟନ କରିପାରିବ ନିଜର ଛୁଟି ଦିବସ। ଛୁଟି ଦିବସର ଚୟନ କରିବା ପରେ କର୍ମଚାରୀକୁ ମିଳିବ ଆଗୁଆ ଛୁଟି। ସରକାରଙ୍କ ଦ୍ୱାରା ନୂଆ ଶ୍ରମ ଆଇନ୍ ଲାଗୁହେଲେ କର୍ମଚାରୀମାନଙ୍କର ଛୁଟି ଜନିତ ଅଭିଯୋଗ ରହିବ ନାହିଁ। ସରକାର କମ୍ପାନୀମାନଙ୍କରେ ସପ୍ତାହକୁ ୪ ଦିନ କାର୍ଯ୍ୟ ଦିବସ ଓ ୩ ଦିନ ସବୈତନିକ ଛୁଟି ଦିବସ ଭାବରେ ଘୋଷଣା କରିପାରନ୍ତି। ଏଥିପାଇଁ ସିଫ୍ଟର ସମୟରେ ବୃଦ୍ଧି ହୋଇପାରେ। ସପ୍ତାହକୁ ୪୮ ଘଣ୍ଟାର କାର୍ଯ୍ୟ ନିୟମ ଜାରି ରହିବ ବୋଲି କେନ୍ଦ୍ର ଶ୍ରମ ସଚିବ ଅପୂବ ଚନ୍ଦ୍ରା କହିଛନ୍ତି। କିନ୍ତୁ କମ୍ପାନୀମାନଙ୍କୁ ୩ ସିଫ୍ଟରେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇପାରେ। ୧୨ ଘଣ୍ଟାର କାର୍ଯ୍ୟ ଦିବସରେ କର୍ମଚାରୀମାନେ ସପ୍ତାହକୁ ୩ ଦିନ ଛୁଟି ନେଇପାରିବେ। ସେହିପରି ୧୦ ଘଣ୍ଟାର କାର୍ଯ୍ୟ ଦିବସରେ ସପ୍ତାହକୁ ୩ ଦିନ ଓ ୮ ଘଣ୍ଟାର କାର୍ଯ୍ୟ ଦିବସକୁ ପାଳନ କରୁଥିବା କର୍ମଚାରୀ ସପ୍ତାହକୁ ୧ ଦିନ ଛୁଟି ନେବେ। ସେ ଆହୁରି କହିଛନ୍ତି ଯେ କର୍ମଚାରୀଙ୍କ ଉପରେ ସିଫ୍ଟକୁ ନେଇ କମ୍ପାନୀମାନେ କୌଣସି ପ୍ରକାରର ଚାପ ପକାଇପାରିବେ ନାହିଁ। ପରିବର୍ତ୍ତିତ ୱାର୍କ କଲଚର୍ ସହିତ ଜଡ଼ିତ ହେବା ପାଇଁ ସରକାର ଏ ଦିଗରେ ଚିନ୍ତା କରୁଛନ୍ତି। ଏହି ପ୍ରୋଭିଜନ୍ ଲାଗୁ କରିବା




ଦିଗରେ ସରକାର ଯତ୍ନବାନ ଅଛନ୍ତି। ଏହା ଶ୍ରମିକ ଆଇନ୍‌ର ଏକ ଭାଗ ବୋଲି କୁହାଯାଇପାରେ। ଏହି ନିୟମ ଲାଗୁ ହୋଇଗଲା ପରେ କମ୍ପାନୀମାନଙ୍କୁ ସିଫ୍ଟର ସମୟ ନିର୍ଘଣ୍ଟ କରିବା ପାଇଁ ସରକାରଙ୍କ ଠାରୁ ସମ୍ମତି ନେବା ଆବଶ୍ୟକ ପଡ଼ିବ ନାହିଁ। ନୂଆ କାର୍ଯ୍ୟ ସପ୍ତାହ ନିର୍ଘଣ୍ଟ କରିବା ପୂର୍ବରୁ କମ୍ପାନୀ କର୍ମଚାରୀଙ୍କୁ ପ୍ରଥମେ ଛୁଟି ଦେବା ଅନିବାର୍ଯ୍ୟ। ଅର୍ଥାତ ଯଦି କର୍ମଚାରୀ ୪ଦିନର କାର୍ଯ୍ୟ ଦିବସକୁ ପସନ୍ଦ କରେ ତା'ହେଲେ କମ୍ପାନୀକୁ ଆଗୁଆ ୩ ଦିନର ଛୁଟି ଦେବାକୁ ହେବ। ଠିକ୍ ସେହିପରି ୫ ଦିନର କାର୍ଯ୍ୟ ଦିବସକୁ ଚୟନ କରିବା କ୍ଷେତ୍ରରେ ୨ ଦିନର ଓ ୬ ଦିନର କାର୍ଯ୍ୟ ଦିବସକୁ ଚୟନ କରିବା କ୍ଷେତ୍ରରେ ୧ ଦିନର ଆଗୁଆ ଛୁଟି ଦେବାକୁ ହେବ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ନୂଆ କାର୍ଯ୍ୟଦିବସ ଲାଗୁ ହେଲାପରେ କମ୍ପାନୀକୁ ୮ଘଣ୍ଟିଆ କିମ୍ବା ୧୨ ଘଣ୍ଟିଆ କାର୍ଯ୍ୟ ଦିବସର ଚୟନ କରିବା ଦିଗରେ ସ୍ୱାଧୀନତା ରହିବ। କମ୍ପାନୀର ଚାହିଦା, ଇଣ୍ଡଷ୍ଟ୍ରିଜ୍‌ର ଆକାର ତଥା ପ୍ରକାର ଓ ଭୌଗୋଳିକ ଅବସ୍ଥିତିକୁ ନେଇ ନିଜର କାର୍ଯ୍ୟ ଦିବସର ସମୟ ସ୍ଥିର କରିପାରିବେ। ଏହି ନିୟମ ଫଳରେ କର୍ମଚାରୀଙ୍କୁ ଛୁଟି ଦିନରେ ବିବିଧ ଆକ୍ଟିଭିଟିରେ ଜଡ଼ିତ ରହିବାର ସୁଯୋଗ ମିଳିବ। ଯାହାଫଳରେ କର୍ମଚାରୀଙ୍କ କାର୍ଯ୍ୟ ଜନିତ ମାନସିକ ଚାପ ମଧ କମିବ। ଏହା ଫଳରେ କମ୍ପାନୀମାନଙ୍କର ପ୍ରଡକ୍ଟିଭିଟିରେ ମଧ ବୃଦ୍ଧି ଘଟିବ। ବିଦ୍ୟୁତ୍ ବ୍ୟବହାରରେ ହ୍ରାସ ଘଟିବ। ଆଇଟି କ୍ଷେତ୍ରକୁ ଅଧିକ ଲାଭ ମିଳିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ବ୍ୟାଙ୍କିଙ୍ଗ୍ ଆଦି ସେକ୍ଟର୍‌ରେ କାର୍ଯ୍ୟରତ କର୍ମଚାରୀମାନେ (୨୦%ରୁ ୩୦% ଆନୁମାନିକ) ୪ଦିନିଆ କିମ୍ବା ୪ ଦିନିଆ କାର୍ଯ୍ୟ ଦିବସକୁ ଚୟନ କରିପାରନ୍ତି। କିଛି ବିଶେଷଜ୍ଞମାନଙ୍କ ମତରେ ଏହା ଦ୍ୱାରା ୧୨ ଘଣ୍ଟିଆ କାର୍ଯ୍ୟ ଦିବସକୁ ଚୟନ କରିଥିବା କମ୍ପାନୀମାନଙ୍କରେ ଦିନକୁ ୨ଟି ସିଫ୍ଟ ଚାଲିପାରିବ। ଯାହାଫଳରେ ନୂଆ ନିଯୁକ୍ତିର ସୁଯୋଗ କମିଯିବ। ଏହା ବ୍ୟତୀତ ଲମ୍ବା ସିଫ୍ଟ କର୍ମଚାରୀଙ୍କ ୱାର୍କ ଓ ଲାଇଫ୍‌ର ବାଲାନ୍ସ ବିଗିଡ଼ିଯିବାର ସମ୍ଭାବନାକୁ ମଧ ଅସ୍ୱୀକାର କରାଯାଇ ନପାରେ।

# ଏବର୍ଷ ପଡିବନି ନାଗାର୍ଜୁନ ବେଶ



**ପୁରୀ :** ସମସ୍ତ ବିବାଦର ଅବସାନ ଘଟିଛି। ଚଳିତ ବର୍ଷ ପଡୁନାହିଁ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ। ଏହା ସ୍ପଷ୍ଟ କରିଛନ୍ତି ଶ୍ରୀମନ୍ଦିର ମୁକ୍ତି ମଣ୍ଡପର ସଦସ୍ୟ ଓ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ। ମୁକ୍ତି ମଣ୍ଡପ ସଦସ୍ୟ ଓ ପାଞ୍ଜିକାରଙ୍କ ଗଣନା ଅନୁଯାୟୀ, ଚଳିତବର୍ଷ ନଭେମ୍ବର ମାସରେ ନାଗାର୍ଜୁନ ବେଶ ପଡୁନାହିଁ। କେତେକ କ୍ୟାଲେଣ୍ଡର ଓ ପଞ୍ଜିକା ଭୁଲ୍‌ରେ ଏଭଳି ତଥ୍ୟ ଦେଇଛନ୍ତି। ଏଭଳି ବିଭ୍ରାନ୍ତି କର ତଥ୍ୟ ଦେଉଥିବା ପାଞ୍ଜିକାରଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀମନ୍ଦିର ମୁକ୍ତି ମଣ୍ଡପ ସଦସ୍ୟମାନେ ମତ ଦେଇଛନ୍ତି। ଚଳିତବର୍ଷ ଶ୍ରୀମନ୍ଦିର ପାଳନ ହେବାକୁ ଥିବା ବିଭିନ୍ନ ପର୍ବ ପର୍ବାଣୀକୁ ଅନୁମୋଦନ ନେଇ ହୋଇଥିବା ବୈଠକ ପରେ ଏହି ମତ ପ୍ରକାଶ ପାଇଛି। ସେହିପରି କୋହିନୁର ଓ ରାଧାରମଣ ପଞ୍ଜିକା ଗଣନାକୁ ଶ୍ରୀମନ୍ଦିର ପ୍ରଶାସନକୁ ସ୍ୱୀକୃତି ଦେଇଛି। ଉକ୍ତ ପଞ୍ଜିକାରେ ପ୍ରକାଶିତ ସମସ୍ତ ପର୍ବ ପର୍ବାଣୀ ଶ୍ରୀମନ୍ଦିରରେ ପାଳନ ହେବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି। ଅଭିଯୋଗରୁ ଅଭିଯୋଗରୁ ପ୍ରକାଶ ଯେ, ଗତବର୍ଷ ପରି ଚଳିତବର୍ଷ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ପଡୁଛି ବୋଲି କେତେକ କ୍ୟାଲେଣ୍ଡର ଓ ପଞ୍ଜିକାରେ ପ୍ରକାଶ ପାଇଥିଲା। ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଥିଲା। ଗତବର୍ଷ ଦେଖି ନପାରିଲେ କ'ଣ ହେଲା, ଚଳିତବର୍ଷ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ସ୍ୱଚକ୍ଷୁରେ ଦେଖିପାରିବେ ବୋଲି ଭକ୍ତ ଭାବିଥିଲା। ଦୀର୍ଘଦିନ ଧରି ଚାଲିଥିବା ଏହି କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଚଳିତବର୍ଷ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ପଡୁନଥିବା ଶ୍ରୀମନ୍ଦିର ପ୍ରଶାସକ ସୂଚନା ଦେଇଛନ୍ତି। ଦୀର୍ଘ ୨୫ ବର୍ଷର ଅପେକ୍ଷା ପରେ ଗତବର୍ଷ ଶ୍ରୀମନ୍ଦିରରେ ଦୁର୍ଲଭ ନାଗାର୍ଜୁନ ବେଶରେ ସଜେଇ ହୋଇଥିଲେ ଶ୍ରୀଜିଉ। ମସ୍ତକରେ ହାଣ୍ଡିଆ, ହାତରେ ଛୁରୀ କଟାରୀ, ଶ୍ରୀମୁଖରେ ଲମ୍ବା ଦାଢ଼ି ଭଳି ଅନନ୍ୟ ଓ ଅପୂର୍ବ ନାଗା ରୂପରେ ମହାବାହୁ ସଜେଇ ହୋଇଥିଲେ। ଗତବର୍ଷ ପଞ୍ଚୁକ ୫ଦିନ ବଦଳରେ ୬ଦି ପଡୁଥିବାରୁ ବିଧି ଅନୁସାରେ ମଳ ଦ୍ୱାଦଶରେ ମହାପ୍ରଭୁଙ୍କ ନାଗା ବେଶ ଲାଗି ମାସକ ପୂର୍ବରୁ ଆରମ୍ଭ ପ୍ରସ୍ତୁତି ହୋଇଥିଲା। କିନ୍ତୁ କରୋନା କଟକଣା ଯୋଗୁଁ ଭକ୍ତମାନେ ଏହି ଦୁର୍ଲଭ ବେଶ ଦେଖିବାରୁ ବଞ୍ଚିତ ହୋଇଥିଲେ।

# ମୋବାଇଲ୍‌ରେ ମିଳିବ ଲର୍ଣ୍ଣର୍ସ ଲାଇସେନ୍ସ




**ଭୁବନେଶ୍ୱର :** ମୋବାଇଲ୍‌ରେ ଏଣିକି ଲର୍ଣ୍ଣର୍ସ ଲାଇସେନ୍ସ ମିଳିବ। ସେଥିପାଇଁ ଆବେଦନକାରୀଙ୍କୁ ନିଜ ମୋବାଇଲ୍‌ରେ 'ଉମଙ୍ଗ ଆପ୍' ଡାଉନଲୋଡ୍ କରିବାକୁ ହେବ। ତେଣୁ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ ହେବାର ଗୌରବ ଲାଭ କରିଛି। ସେହିପରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ପେପରଲେସ୍ ହେବ। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ତାହା କାର୍ଯ୍ୟ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରିବହନ ସେବା ସମ୍ପର୍କିତ ୯ ଅନଲାଇନ୍ ସେବାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଏଣିକି ଅନ୍‌ଲାଇନ୍‌ରେ ସବୁ କାଗଜପତ୍ର କାର୍ଯ୍ୟ କରାଯିବ। ଲୋକେ ଆଉ ବିଭିନ୍ନ କାର୍ଯ୍ୟ ପାଇଁ ଆର୍‌ଟିଓ ଅଫିସ୍ ଦୌଡ଼ିବାକୁ ପଡ଼ିବ ନାହିଁ। ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଲର୍ଣ୍ଣର୍ସ ଲାଇସେନ୍ସ ମୋବାଇଲ୍ ଆପ୍ ଜରିଆରେ ଉପଲବ୍ଧ ହେବ। ଗାଡ଼ି ପଞ୍ଜୀକରଣ ଠାରୁ ଆରମ୍ଭ କରି ୯ ପ୍ରକାରର ସେବା ଏହି ଅନ୍‌ଲାଇନ ଜରିଆରେ ଆବେଦନକାରୀଙ୍କୁ ଯୋଗାଇ ଦିଆଯିବ। ବିଶେଷକରି ଅନ୍ତର୍ଜାତୀୟ ଡ୍ରାଇଭିଂ ପରମିଟ୍, ପରିବହନ ଅନୁମତି, ସ୍ୱତନ୍ତ୍ର ବସ୍ ପରମିଟ୍, ମାଲିକାନା ସ୍ଥାନାନ୍ତରଣ ଏବଂ ପୁନଃ-ପଞ୍ଜୀକରଣ ଆଦି କାର୍ଯ୍ୟ ଏଥିରେ ଅନ୍ତର୍ଭୁକ୍ତ। ମୁଖ୍ୟମନ୍ତ୍ରୀ କହଥିଲେ, ପୂର୍ବରୁ ଆବେଦନକାରୀ ନାନା ସମସ୍ୟାରେ ସମ୍ମୁଖୀନ ହେଉଥିଲେ। ପରିବହନ କାର୍ଯ୍ୟାଳୟ ଆଗରେ ଆଉ ଲମ୍ବା ଧାଡ଼ି ଲାଗିବ ନାହିଁ, ତାହା ଅତୀତ ପାଲଟିବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଛନ୍ତି। କୌଣସି ଆବେଦନକାରୀ ଇଚ୍ଛା ଅନୁସାରେ ଆରଟିଓ ଅଫିସ୍ ଚୟନ କରିପାରିବେ। ଆରଟିଓ ଅଫିସକୁ ପେପରଲେସ୍ ଓ କଣ୍ଟାକ୍ଟଲେସ୍ କରାଯାଇଛି। ୫-ଟି କାର୍ଯ୍ୟକ୍ରମ ଅଧିନରେ ରହିବ ଏବଂ ଏହା ଜରିଆରେ ସରକାର ବ୍ୟକ୍ତିକୈନ୍ଦ୍ରିକ ସେବା ଅନ୍‌ଲାଇନରେ ଯୋଗାଇ ଦେବେ। ଏହି କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଶ୍ରୀ ପଟ୍ଟନାୟକ କହିଥିଲେ, କୌଣସି ସ୍ଥାନରୁ ଗାଡ଼ି କିଣିବାରେ ସମସ୍ୟା ନାହିଁ। ଅନ୍‌ଲାଇନରେ କୌଣସି ଆରଟିଓରେ ମାଲିକ ଗାଡ଼ି ପଞ୍ଜୀକରଣ କରିପାରିବେ। ସଂପୃକ୍ତ ଡିଲର ଅନ୍‌ଲାଇନରେ ଆବେଦନ କରିବା ସହିତ କାଗଜପତ୍ରସବୁକୁ ସ୍କାନ୍ କରି ଅପଲୋଡ୍ କରିବେ। ଟିକସ୍ ଭରିବା ପରେ ସ୍ୱୟଂ ଗାଡ଼ି ପଞ୍ଜୀକରଣ ନମ୍ବର ଆସିବ। ଏଥିପାଇଁ ଆରଟିଓ ଅଫିସ୍ ଯିବାକୁ ପଡ଼ିବ ନାହିଁ କି କୌଣସି 'ହାର୍ଡ କପି' ଦେବାକୁ ପଡ଼ିବ ନାହିଁ। ଓଡ଼ିଶା ପ୍ରଥମ ରାଜ୍ୟ ଭାବେ 'ଉମଙ୍ଗ ଆପ୍'ରେ ଲର୍ଣ୍ଣର ଲାଇସେନ୍ସ ଉପଲବ୍ଧ କରାଇଛି ଏବଂ ନ୍ୟାସନାଲ ଇଗଭର୍ଣ୍ଣାନ୍ସ ପ୍ଲାଟ୍‌ଫର୍ମ ଉପଯୋଗ କରି ଡିଜିଟାଲ୍ ଦସ୍ତଖତ ଓ ସ୍ୱୟଂ ନମ୍ବର ବାହାର କରୁଛି । ଏଥିଯୋଗୁଁ ପ୍ରତିବର୍ଷ ହାରାହାରି ୧ କୋଟି ପୃଷ୍ଠା 'ସେଭ୍' କରାଯାଇ ପାରିବ। ଫଳରେ ବାର୍ଷିକ ୧ ହଜାର ଗଛ କଟାରୁ ରକ୍ଷା ଯାଇଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ। ଏହି ଶୁଭାରମ୍ଭ ଉତ୍ସବରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ବିଭାଗୀୟ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି କେ ପାଣ୍ଡିଆନ୍ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏକ କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା।

# ଲକ୍‌ଡାଉନରେ କମିଛି ୩୫% ଦୁର୍ଘଟଣା




**ଭୁବନେଶ୍ୱର :** ରାଜ୍ୟରେ ୨୦୨୦ରେ ୧୧ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି। ଅର୍ଥାତ୍ ୨୦୧୯ ତୁଳନାରେ ଗତ ବର୍ଷ କମ୍ ଦୁର୍ଘଟଣା ଘଟିଛି। ହେଲେ ବାସ୍ତବରେ ଏହି ସଂଖ୍ୟା କମିନି, ବରଂ ବଢିଛି। କାରଣ ୨୦୨୦ରେ କରୋନା ଯୋଗୁ ୬ ମାସରୁ ଅଧିକ ସମୟରେ ଧରି ରାଜ୍ୟରେ ଲକଡାଉନ ଜାରି ହୋଇଥିଲା। ରାସ୍ତାରେ ଗାଡି ଚାଳନା ଉପରେ କଟକଣା ଲଗାଯାଇଥଲା। ତେଣୁ ଲକଡାଉନ ଯୋଗୁ ୩୫% ଦୁର୍ଘଟଣା କମିଥିବା ସୂଚନା ମିଳିଛି। କ୍ରାଇମ ବ୍ରାଞ୍ଚରୁ ମିଳିଥିବା ସୂଚନା ଅନୁସାରେ ୨୦୧୯ରେ ଦୁର୍ଘଟଣାରେ ୫,୩୩୩ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୨୦ରେ ଏହି ୪୭୩୮ ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୯ରେ ମୋଟ ୧୧,୦୬୪ ଦୁର୍ଘଟଣା ଘଟିଥିବା ବେଳେ ୨୦୨୦ରେ ୯,୮୧୭ଟି ଦୁର୍ଘଟଣା ଘଟିଛି। ଏହାକୁ ହିସାବକୁ ନେଲେ ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ୧୧.୧୫% କମିଥିବା ବେଳେ ଦୁର୍ଘଟଣା ୧୧.୨୭% କମିଛି। ସରକାରଙ୍କ ତରଫରୁ ଦୁର୍ଘଟଣା ରୋକିବା ପାଇଁ ପ୍ରୟାସ ଜାରି ରହିଛି। ଲକଡାଉନ ସତ୍ତ୍ୱେ ଏତେ ମାତ୍ରାରେ ଦୁର୍ଘଟଣା ରାଜ୍ୟ ପାଇଁ ଚିନ୍ତାର କାରଣ ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି। ତେବେ ଦୁର୍ଘଟଣା ରୋକିକା ପାଇଁ ସବୁ ଆରଟିଓକୁ କଡାକଡି ଭାବେ ଯାଞ୍ଚ କରିବାକୁ କୁହାଯାଇଛି। ଯେଉଁମାନେ ନିୟମର ଉଲଘଂନ କରୁଛନ୍ତି ସେମାନଙ୍କ ଉପରେ କଡା କାର୍ଯାନୁଷ୍ଠାନ ନେବାକୁ କୁହାଯାଇଛି। ସଡ଼କ ନିୟମ ପାଳନ କରିବାକୁ ଲୋକମାନଙ୍କୁ ବୁଝାଯାଇଛି। ସଡ଼କ ସୁରକ୍ଷା ନିୟମ ନେଇ ସଚେତନତା କାର୍ଯ୍ୟକ୍ରମ କରିବାକୁ ମଧ୍ୟ ଆରଟିଓମାନଙ୍କୁ ପରାମର୍ଶ ଦିଆଯାଇଛି ବୋଲି ପରିବହନ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଫେବୃଆରୀ ୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୮ଟି ହାଇୱେ ପାଟ୍ରୋଲିଂ ଟିମ୍ ଗଠନ କରିବା ସହ ରାଜ୍ୟରେ ଦୁର୍ଘଟଣାପୂର୍ଣ୍ଣ ଅଞ୍ଚଳରେ ନିୟୋଜିତ କରିବାକୁ କହିଥିଲେ। ବିଶେଷକରି ଗଞ୍ଜାମ, ବ୍ରହ୍ମପୁର, ଖୋର୍ଦ୍ଧା, ଅନୁଗୁଳ, ବରଗଡ, ରାଉରକେଲା, ବାଲେଶ୍ୱର, ଭଦ୍ରକ, ପୁରୀ, ଯାଜପୁର, କଟକ ଦେଇ ଯାଇଥିବା ରାଜପଥ ଗୁଡିକରେ ଦୁର୍ଘଟଣାପୂର୍ଣ୍ଣ ଅଞ୍ଚଳରେ ପାଟ୍ରୋଲିଂ ଟିମ୍‌କୁ ନିୟୋଜିତ କରିବାକୁ କୁହାଯାଇଥିଲା । ଯଦି କେହି ବ୍ୟକ୍ତି ଦୁର୍ଘଟଣାରେ ଶୀକାର ହେଉଛନ୍ତି ତାଙ୍କୁ ତୁରନ୍ତ ହସ୍ପିଟାଲ ପହଞ୍ଚାଇବା ପାଇଁ କୁହାଯାଇଥିଲା। ସୂଚନାଯୋଗ୍ୟ, ସୁପ୍ରିମକୋର୍ଟ କମିଟି ପକ୍ଷରୁ ସଡ଼କ ସୁରକ୍ଷା ନିୟମରେ ପରିବର୍ତ୍ତନ କରି ନିୟମ ଉଲଘଂନକାରୀଙ୍କୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ଲଗାଇବା ପାଇଁ କୁହାଯାଇଛି। ଯେଉଁମାନଙ୍କୁ ବିନା ପାରିଶ୍ରମିକରେ କିଛି ଘଣ୍ଟା ପାଇଁ ଟ୍ରାଫିକ୍ ପୋଷ୍ଟ ଆଦି ସ୍ଥାନରେ କାର୍ଯ୍ୟରେ ଲଗାଇବାକୁ ସୁପ୍ରିମକୋର୍ଟ କମିଟି ପରାମର୍ଶ ଦେଇଥିଲା।

# ଏଥର ଇ-ବିଧାନସଭା



**ଭୁବନେଶ୍ୱର :** ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେଉଥିବା ବେଳେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଆସନ୍ତା ୧୭ରେ ସର୍ବଦଳୀୟ ବୈଠକ ଡାକିଥିବା ସୂଚନା ମିଳିଛି। ଏହାସହିତ ଚଳିତ ବଜେଟ୍ ଅଧିବେଶନ ସମ୍ପୂର୍ଣ୍ଣ ଭାବେ ଇ-ବିଧାନସଭା ଭାବେ କାର୍ଯ୍ୟ କରିବ। ବାଚସ୍ପତି ଶ୍ରୀ ପାତ୍ର ଏକ ଉଚ୍ଚସ୍ତରୀୟ ବୈଠକରେ ଇ-ବିଧାନସଭା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ବିଧାନସଭାର ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଢଙ୍ଗରେ ସମ୍ପାଦନ କରିବା ନିମନ୍ତେ ବାଚସ୍ପତି ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଇ-ବିଧାନସଭାକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରିବା ନିମନ୍ତେ 'ନେଭା'ର ୧୦ ଜଣିଆ ବୈଷୟିକ ଦଳ ଉପସ୍ଥିତ ରହି ଏହି କାର୍ଯ୍ୟ କରାଇବେ। ଆଇଟି ବିଭାଗର ଜଣେ ଦକ୍ଷ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯିବା ସହ ଏକ ସର୍ଭର ସ୍ଥାପନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ରାଜ୍ୟପାଳଙ୍କ ଅଭିଭାଷଣଠୁ ଅରମ୍ଭ କରି ବଜେଟ୍ ଉପସ୍ଥାପନ, ବିଧାନସଭା ସଦସ୍ୟମାନଙ୍କ ଅଣତାରକା ଚିହ୍ନିତ ପ୍ରଶ୍ନର ଉତ୍ତର ଓ ମୋଟ ଅଧିବେଶନର ବିବରଣୀ ନେଭା ମାଧ୍ୟମରେ କରାଯିବ। ଅବଶ୍ୟ ବିଧାନସଭା କାର୍ଯ୍ୟକ୍ରମ ଯେପରି ବ୍ୟାହତ ନହେବ ସେଥିପାଇଁ ଚଳିତ ବଜେଟ୍ ଅଧିବେଶନରେ ବିଧାୟକମାନଙ୍କୁ ଆବଶ୍ୟକ କାଗଜପତ୍ର ପ୍ରଦାନ କରାଯିବ। ବିଧାନସଭା ଗୃହ ଭିତରେ ପ୍ରଥମେ କେବଳ ବିଧାୟକମାନଙ୍କୁ ପ୍ରଶ୍ନ-ଉତ୍ତର ସହ ଅନ୍ୟାନ୍ୟ ଆଲୋଚନା ସମ୍ପର୍କରେ ଅବଗତ କରାଯିବ। ବିଧାନସଭାରେ ଉପସ୍ଥାପିତ ହୋଇନଥିବା ବିଷୟବସ୍ତୁକୁ ବାହାରେ ପ୍ରକାଶିତ ନକରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏହି ବୈଠକରେ ବିଭିନ୍ନ ବିଭାଗର ଅର୍ଥ ବିଭାଗର ସଚିବଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ ଗତ ଜାନୁଆରୀ ୨୧ରେ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ସଂସଦୀୟ ବ୍ୟାପାର ସଚିବ ଡ. ରାଜେନ୍ଦ୍ର ଏସ୍ ଶୁକ୍ଳା ବାଚସ୍ପତି ଡଃ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଇ-ବିଧାନସଭାକୁ ଭୂୟସୀ ପ୍ରଂଶସା କରିଥିଲେ। ପରେ ଗଣମାଧ୍ୟମକୁ ଡ. ଶୁକ୍ଳା କହିଥିଲେ, ପଞ୍ଜାବ ଭଳି ଓଡ଼ିଶା ବିଧାନସଭାର କାର୍ଯ୍ୟ ବେଶ୍ ଉଲ୍ଲେଖନୀୟ ରହିଛି। କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ୬୦ ପ୍ରତିଶତ ଅର୍ଥାତ ୧ କୋଟି ୨ ଲକ୍ଷ ୯୬ ହଜାର ୪୦୮ ଟଙ୍କାର ଆର୍ଥିକ ଅନୁଦାନ ଦେଇଥିବାବେଳେ ରାଜ୍ୟ ସରକାର ଅବଶିଷ୍ଟ ୪୦ ଭାଗ ଅର୍ଥ ଦେଇଛନ୍ତି।

# ଖୋର୍ଦ୍ଧାରେ ହେବ ଭାରତୀୟ ଡାଲି ଗବେଷଣା ପ୍ରତିଷ୍ଠାନର ଆଞ୍ଚଳିକ କେନ୍ଦ୍ର

**ଭୁବନେଶ୍ୱର :** ଖୋର୍ଦ୍ଧାରେ ଭାରତୀୟ ଡାଲି ଗବେଷଣା ପ୍ରତିଷ୍ଠାନ (ଆଇଆଇପିଆର)ର ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି। ଗୁରୁବାର କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମର ଏହାର ଶିଳାନ୍ୟାସ କରିଛନ୍ତି। ଆଇଆଇପିଆର ପକ୍ଷରୁ ବିଶ୍ୱ ଡାଲି ଦିବସ ପାଳନ ଲାଗି ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିବାବେଳେ ଏହି ସମାରୋହରେ ଶ୍ରୀ ତୋମର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିଳାନ୍ୟାସ କରିଛନ୍ତି। ସେ କହିଛନ୍ତି ଯେ ଡାଲି ଉତ୍ପାଦନ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେଉଛି। ବିଗତ ୫/୬ ବର୍ଷ ମଧ୍ୟରେ ଦେଶରେ ଡାଲି ଉତ୍ପାଦନ ୧୪୦ ଲକ୍ଷ ଟନ୍‌ରୁ ୨୪୦ ଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି। ଖୋର୍ଦ୍ଧା ଜିଲ୍ଲାରେ ଭାରତୀୟ ଡାଲି ଗବେଷଣା ପ୍ରତିଷ୍ଠାନର ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ହେଲେ ଡାଲି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ମଧ୍ୟ ଆତ୍ମନିର୍ଭରଶୀଳ ହେବ। ଗତ ୬ ବର୍ଷ ଭିତରେ ମୋଦୀ ସରକାର ଡାଲି ଉପରେ ଏମ୍‌ଏସ୍‌ପିକୁ ୪୦ରୁ ୭୩ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ପୂର୍ବୋଦୟ ବିକାଶ ମିଶନରେ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ବିକାଶର ପ୍ରୟୋଗଶାଳା କରିଛନ୍ତି। ପୁଣିଥରେ ଓଡ଼ିଶା ଗୁରୁତ୍ୱ ଦେଇଥିବାରୁ କେନ୍ଦ୍ର କୃଷିମନ୍ତ୍ରୀ ଶ୍ରୀ ତୋମରଙ୍କୁ ଧନ୍ୟବାଦ ଜଣାଇଛନ୍ତି ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି।

# ଦଶନ୍ଧିର ପାଣିପାଗ ରିପୋର୍ଟ; ରେକର୍ଡ ଦୋହରାଇଲା ୨୦୨୦

**ଭୁବନେଶ୍ୱର :** ୨୦୨୦ ଡିସେମ୍ବର ପହିଲାରୁ ୩୧ ଜାନୁଆରୀ ୨୦୨୧ ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିଛି। କେବଳ ୩୦ ଜାନୁଆରୀରେ ରାଜ୍ୟର କିଛି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ଅନୁଭୂତ ହୋଇଛି। ବିଗତ ୧୦ ବର୍ଷ ମଧ୍ୟରେ, ୨୦୨୦ ପରି କେବଳ ଡିସେମ୍ବର ୨୦୧୩ରେ ରାଜ୍ୟର ଜିଲ୍ଲାଗୁଡିକରେ ପାଗ ମୁଖ୍ୟତ ଶୁଖୁଲା ରହିଥିଲା। ଯାହାକି ଚଳିତଥର ପୁଣି ଦୋହରାଯାଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପ୍ରକାଶ ପାଇଛି। ୨୦୧୩ ଓ ୨୦୨୦ରେ ଡିସେମ୍ବର ମାସରେ ଜମା ବି ବର୍ଷା ହୋଇ ନଥିବାବେଳେ ୦.୦ ମିମି ବର୍ଷା ରେକର୍ଡ କରାଯାଇଛି। ଅନୁରୂପ ଭାବେ ୨୦୧୪ ଏବଂ ୨୦୧୮ର ଜାନୁଆରୀ ମାସରେ ୦.୦ ମିମି ବର୍ଷା ରେକର୍ଡ ହୋଇଛି। ଉକ୍ତ ୨ ବର୍ଷର ଜାନୁଆରୀ ମାସରେ ଜମା ବି ବର୍ଷା ହୋଇନାହିଁ। ପାଗ ସମ୍ପୂର୍ଣ୍ଣ ଭାବେ ଶୁଖୁଲା ଥିବା ପାଣିପାଗ ବିଭାଗ ଦ୍ୱାରା ପ୍ରଦତ୍ତ ବିଗତ ୧୦ ବର୍ଷର ଡିସେମ୍ବର ଏବଂ ଜାନୁଆରୀ ମାସର ରେକର୍ଡ ପରିସଂଖ୍ୟାନରୁ ପ୍ରକାଶ ପାଇଛି। ଏଥିସହ ପାଣିପାଗ ବିଭାଗ ଦ୍ୱାରା ୨୦୨୦ ଡିସେମ୍ବରରେ ଅନୁଭୂତ ମାସିକ ହାରାହାରି, ହାରାହାରି ସର୍ବୋଚ୍ଚ ଏବଂ ହାରାହାରି ସର୍ବନିମ୍ନ ତାପମାତ୍ରାର ସବିଶେଷ ବିବରଣୀ ମଧ୍ୟ ପ୍ରକାଶ ପାଇଛି। ୨୦୨୦ ଡିସେମ୍ବରରେ ଉଭୟ ମାସିକ ହାରାହାରି ତାପମାତ୍ରା ଏବଂ ମାସିକ ହାରାହାରି ସର୍ବୋଚ୍ଚ ତାପମାତ୍ରା, ଉତ୍ତର-ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ସ୍ୱାଭାବିକ ତାପମାତ୍ରା ଠାରୁ ପାଖା- ପାଖୁ ୨ ଡ଼ିଗ୍ରୀ ଅଧିକ ରହିଥିଲା। କିନ୍ତୁ ମାସିକ ହାରାହାରି ତାପମାତ୍ରା ରାଜ୍ୟର ପ୍ରାୟ ସ୍ଥାନରେ ପାଖାପାଖି ସ୍ୱାଭାବିକ ଥିଲା। କେବଳ ସମ୍ବଲପୁରରେ ତାପମାତ୍ରା ସ୍ୱାଭାବିକଠାରୁ ୨ ଡ଼ିଗ୍ରୀ ଅଧିକ ରହିଥିଲା ବୋଲି ପ୍ରକାଶିତ ବିବରଣୀରେ ପ୍ରକାଶ ପାଇଛି। ସେହିପରି ଜାନୁଆରୀ ୨୦୨୧ରେ ଅନୁଭୂତ ମାସିକ ହାରାହାରି, ହାରାହାରି ସର୍ବୋଚ୍ଚ ଏବଂ ହାରାହାରି ସର୍ବନିମ୍ନ ତାପମାତ୍ରାର ସବିଶେଷ ବିବରଣୀ ମଧ୍ୟ ବିଭାଗ ଦ୍ୱାରା ପ୍ରକାଶ କରାଯାଇଛି। ପ୍ରକାଶିତ ବିବରଣୀରେ ଗତ ଜାନୁଆରୀ ୨୦୨୧ରେ ମାସିକ ହାରାହାରି, ହାରାହାରି ସର୍ବୋଚ୍ଚ ଏବଂ ହାରାହାରି ସର୍ବନିମ୍ନ ତାପମାତ୍ରା ଓଡ଼ିଶାର ପ୍ରାୟ ସ୍ଥାନରେ ସ୍ୱାଭାବିକ ତାପମାତ୍ରାଠାରୁ ଅଧିକ ରହିଥିଲା ଏବଂ ତା ସହିତ ମାସିକ ହାରାହାରି ସର୍ବୋଚ୍ଚ ତାପମାତ୍ରା ଅନେକ ସ୍ଥାନରେ ମୁଖ୍ୟତ ଆଭ୍ୟନ୍ତରୀଣ ଓଡ଼ିଶାରେ ସ୍ୱାଭାବିକ ତାପମାତ୍ରାଠାରୁ ପାଖାପାଖି ୨ ଡ଼ିଗ୍ରୀ ଯାଏଁ ଅଧିକ ଥିବା ବିଭାଗ ପକ୍ଷରୁ ଉଲ୍ଲେଖ କରାଯାଇଛି। ବିଗତ ୧୦ ବର୍ଷରେ ମାସିକ-ହାରାହାରି ସର୍ବୋଚ୍ଚ ଏବଂ ସର୍ବନିମ୍ନ ତାପମାତ୍ରା, ଜାନୁଆରୀ ୨୦୨୧ରେ ରାଜ୍ୟର ଅନେକ ସ୍ଥାନରେ ଅତ୍ୟାଧିକ ଥିଲା। ମୁଖ୍ୟତଃ ଭୁବନେଶ୍ୱରରେ ୨୦୨୧ ଜାନୁଆରୀରେ ମାସିକ-ହାରାହାରି ସର୍ବୋଚ୍ଚ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୧.୦ ଡ଼ିଗ୍ରୀ ସେଲସିଅସ ଏବଂ ସର୍ବନିମ୍ନ ତାପମାତ୍ରା ୧୭.୪ ଡିଗ୍ରୀ ସେଲସିଅସ୍ ଥିଲା, ଯାହାକି ଗତ ୧୦ ବର୍ଷରେ ସର୍ବାଧିକ ବୋଲି ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ପୂର୍ବରୁ ୨୦୧୨ରେ ସର୍ବାଧିକ ୩୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ମିଳିଥିବା ତଥ୍ୟରୁ ଜଣାପଡ଼ିଛି।

### ଅପପୁଷ୍ଟି ରୋକିବାକୁ 'ସୋପାନ' କାର୍ଯ୍ୟକ୍ରମ

# ୫ବର୍ଷରେ ଖର୍ଚ୍ଚହେବ ୧ହଜାର କୋଟି




**ଭୁବନେଶ୍ୱର :** ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ରାଜ୍ୟରେ ଆରମ୍ଭ ହୋଇଛି 'ସୋପାନ' କାର୍ଯ୍ୟକ୍ରମ। ଏହି ଯୋଜନା ରାଜ୍ୟର ୨୨ଟି ଜିଲ୍ଲାର ୧୨୫ଟି ଦୁର୍ଗମ ଅପହଞ୍ଚ ବ୍ଲକ୍‌ର ପୁଷ୍ଟିଗତ ସ୍ଥିତିର ଉନ୍ନତି ଆଣିବା ଦିଗରେ ଯଥେଷ୍ଟ ଫଳପ୍ରଦ ହେବ। ଯୋଜନା କାର୍ଯ୍ୟକାରୀପାଇଁ ଆଗାମୀ ୫ ବର୍ଷରେ ୧୦୦୦ କୋଟି ଟଙ୍କା ବିନିଯୋଗ କରିବାର ପ୍ରସ୍ତାବ ରହିଛି। ସୋପାନ କାର୍ଯ୍ୟକ୍ରମର ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ, ପୁଷ୍ଟିଗତ ସ୍ତରରେ ଅତ୍ୟନ୍ତ ନିମ୍ନସ୍ତରରେ ଥିବା ୧୨୫ଟି ବ୍ଲକ୍‌କୁ ପ୍ରାଧାନ୍ୟ ଦିଆଯିବ। ହିତାଧିକାରୀମାନଙ୍କ ପୁଷ୍ଟିହୀନତା ଦୂରୀକରଣ ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରାଯିବ। ସଂପୃକ୍ତ ଅଞ୍ଚଳରେ ୧୪ରୁ ୧୯ ବର୍ଷର କିଶୋରୀ ବାଳିକା ଯେଉଁମାନେ ଏ ପର୍ଯ୍ୟନ୍ତ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି ଓ ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଜନା ଓ ରକ୍ତହୀନତା ନିମନ୍ତେ ପରୀକ୍ଷା ଓ ଚିକିତ୍ସା ପାଇନାହାନ୍ତି ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯିବ। ଗର୍ଭବତୀ ମହିଳାମାନଙ୍କୁ ଟେକ୍‌ହୋମ୍ ରାସନ ବ୍ୟତୀତ ଅଙ୍ଗନୱାଡ଼ି କେନ୍ଦ୍ରରେ ଆଉଥରେ ରନ୍ଧାଖାଦ୍ୟ ପରିବେଷଣ, ୩ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ପାଇଁ ଗୋଷ୍ଠୀ ଦ୍ୱାରା ପରିଚାଳିତ କ୍ରେଚ୍‌ରେ ଖାଦ୍ୟ, ସ୍ୱାସ୍ଥ୍ୟ ପରୀକ୍ଷା ଆଦି ଅଗ୍ରାଧିକାର ଭିତ୍ତିରେ କରାଯିବ। ଅତିଶୟ ପୁଷ୍ଟିହୀନ 'ସାମ୍' ଶିଶୁମାନଙ୍କ ନିମନ୍ତେ ପରିମାର୍ଜିତ ଶୁଖିଲା ଖାଦ୍ୟ ପ୍ରଦାନ କରାଯିବ। ଶିଶୁମାନଙ୍କ ଶାରୀରିକ ଅଭିବୃଦ୍ଧିକୁ ନିୟମିତ ଅନୁଧ୍ୟାନ କରିବା ଉଦ୍ଦେଶ୍ୟରେ ବର୍ଷକୁ ଦୁଇଥର ୦-୬ ବର୍ଷର ପିଲାମାନଙ୍କ ଓଜନ ପରୀକ୍ଷା କରାଯିବ। ୫ -ଟି କାର୍ଯ୍ୟକ୍ରମ ଅଧୀନରେ ପୁଷ୍ଟିହୀନତା ଦୂର ପାଇଁ ବିଭିନ୍ନ ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ ପରେ ଏହି ରଣନୀତି ପ୍ରସ୍ତୁତ କରାଯାଇଛି। ଦେଶରେ ପ୍ରଥମଥର ପାଇଁ ଆମ ରାଜ୍ୟରେ ନ୍ୟୁଟ୍ରିସନ ବଜେଟ୍ ଆରମ୍ଭ କରାଯାଇଛି। ଖାଦ୍ୟସାରଣୀକୁ ଅଧିକ ଦୃଢ଼ୀଭୂତ କରିବା ପାଇଁ ଘରକୁ ନେଉଥିବା ଶୁଖିଲା ରାସନରେ ୩ଗୋଟି ଏବଂ ଗରମ ରନ୍ଧାଖାଦ୍ୟରେ ୫ଗୋଟି ଅଣ୍ଡା ପ୍ରତି ସପ୍ତାହରେ ପ୍ରଦାନ କରାଯାଉଛି। ମମତା ଯୋଜନାରେ ଗର୍ଭାବସ୍ଥାରେ ପୁଷ୍ଟିପାଇଁ ଓ ମଜୁରୀ କ୍ଷତିର ଭରଣାପାଇଁ ୪୨ ଲକ୍ଷରୁ ଅଧିକ ଗର୍ଭବତୀ ଏବଂ ପ୍ରସୂତିଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି। ପରିପୂରକ ପୁଷ୍ଟିସାଧନ ପାଇଁ ଦିଆଯାଉଥିବା ଛତୁଆ ମାତୃକମିଟି ଓ ଯାଞ୍ଚ କମିଟିର ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଉଛି । ଜିଲ୍ଲା ଖଣିଜ ପାଣ୍ଠି, ଓମ୍ବାଡ୍ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱ ମାଧ୍ୟମରେ ପୁଷ୍ଟିହୀନତାର ଧାରାକୁ ରୋକିବା ପାଇଁ ପ୍ରୟାସ କରାଯାଉଛି। ୧୨୫ ଗୋଟି ପୁଷ୍ଟି କ୍ଷେତ୍ରରେ ଅନଗ୍ରସର ପ୍ରକଳ୍ପରେ କିଶୋରୀ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍, ଗର୍ଭବତୀ ପ୍ରସୂତି ମହିଳାଙ୍କ ପାଇଁ ଅତିରିକ୍ତ ଗରମ ରନ୍ଧାଖାଦ୍ୟ ଓ ୩ରୁ କମ୍ ବୟସର ଶିଶୁମାନଙ୍କ ପାଇଁ କ୍ରେଚ୍, ଶୁଖିଲା ରାସନ ଓ ଗରମ ରନ୍ଧାଖାଦ୍ୟରେ ପୌଷ୍ଟିକ ତତ୍ତ୍ୱ ମିଶ୍ରଣ, ଓଜନ ଉତ୍ସବ ପାଳନ, ବାର୍ଷିକ ପୁଷ୍ଟି ସ୍ଥିତିର ସର୍ଭେ ଓ ୬ ବର୍ଷରୁ କମ୍ ବୟସର ଶିଶୁ, କିଶୋରୀ ବାଳିକା, ଗର୍ଭବତୀ, ପ୍ରସୂତି ମହିଳାଙ୍କ ପୁଷ୍ଟି ସାଧନକୁ ସୁନିଶ୍ଚିତ କରିବା ନିମନ୍ତେ 'ସୋପାନ' କାର୍ଯ୍ୟକ୍ରମ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ଆଶା କରାଯାଉଛି। ୫-ଟି ଆଧାରରେ ରାଜ୍ୟର କିଶୋରୀ ବାଳିକା, ଗର୍ଭବତୀ ମହିଳା, ଶିଶୁମାନଙ୍କ ପୁଷ୍ଟିହୀନତା ଓ ରକ୍ତହୀନତା ଦୂର କରିବା ସହ ଦୁର୍ବଳ ଶ୍ରେଣୀର ପିଲାମାନଙ୍କ ପୁଷ୍ଟିଗତ ସ୍ଥିତିର ଉନ୍ନତି ଆଣିବା ନିମନ୍ତେ 'ସୋପାନ' ଏକ ଯୁଗାନ୍ତକାରୀ ପଦକ୍ଷେପ କୁହାଯାଉଛି।

# ଏଥର ହେବନି ଖଣ୍ଡଗିରି ମେଳା



**ଭୁବନେଶ୍ୱର :** ଚଳିତ ବର୍ଷ ହେବନି ଖଣ୍ଡଗିରି ମେଳା। ଖଣ୍ଡଗିରିରେ ଯାତ୍ରା ଓ ମେଳା ଆୟୋଜନକୁ ନା କହିଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)। କେବଳ ବିଧି ରଖିବା ପାଇଁ ପୂଜା କରାଯିବ। ଯାହାଫଳରେ କଳାକାର, ଯାତ୍ରା ପାର୍ଟି ମାଲିକ ଓ ଆୟୋଜକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚଳିତବର୍ଷ ମହାମାରୀ କରୋନା ପାଇଁ ମେଳା ଓ ଯାତ୍ରାକୁ ନେଇ ଦ୍ୱନ୍ଦ୍ୱ ଲାଗିଥିଲା। ନିର୍ଦ୍ଧାରିତ ସ୍ଥାନରେ ଖଣ୍ଡଗିରି ମେଳା ପାଇଁ ଅନୁମତି ଦେବା ଅସମ୍ଭବ ବୋଲି ଗତକାଲି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧରୀ କହିଥିଲେ। ମେଳାରେ ପ୍ରାୟ ୫୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହେବାକୁ ଥିବାବେଳେ ସେହି ସ୍ଥାନରେ କୋଭିଡ୍ କଟକଣା ଭିତରେ ଯାତ୍ରା ପାଇଁ ଅନୁମତି ଦେବା ଅସମ୍ଭବ। ଯାତ୍ରା ହେଉଥିବା ସ୍ଥାନରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ କୋଭିଡ୍ କଟକଣା ପାଳନ କରିବା ମଧ୍ୟ ସମ୍ଭବ ହୋଇନପାରେ। ଗୋଟିଏ ସ୍ଥାନରେ ନକରି ଦୁଇ ବା ତିନୋଟି ସ୍ଥାନରେ ପୃଥକ୍ ପୃଥକ୍ ଭାବେ ଯାତ୍ରା ଆୟୋଜନ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏଥିରେ ମଧ୍ୟ ସହମତି ମିଳି ପାରିଲା ନାହିଁ। ଯାତ୍ରା ପରିବେଷଣ କରିବାକୁ ମନା କଲା ବିଏମ୍‌ସି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୫ - ୨୧ ଫେବୃଆରୀ, ୨୦୨୧

# ସଂସ୍କାର ବାସ୍ତବ ହେଉ

ଆଜିକାଲି ପ୍ରତ୍ୟେକ କ୍ଷେତ୍ରରେ ସଂସ୍କାରର ଆବଶ୍ୟକତା ରହିଛି ବୋଲି କୁହାଯିବା ସହିତ ଶାସନ ଓ ପ୍ରଶାସନରେ ତଦନୁଯାୟୀ ପରିବର୍ତ୍ତନ ଚାଲିଛି। ତେବେ ଦୀର୍ଘ ବର୍ଷ ହେଲା ସରକାରୀ ନଥିବରେ ବା କାର୍ଯ୍ୟକଳାପରେ ଏତେ ତ୍ରୁଟିଯୁକ୍ତ ବ୍ୟବସ୍ଥା କିଭଳି କାର୍ଯ୍ୟ କରୁଥିଲା? ସରକାରୀ ହେଉ କି ଘରୋଇ ଉଦ୍ୟୋଗକୁ ଯେଉଁମାନେ ପରିଚାଳନା କରୁଥିଲେ, ସେମାନେ କଣ ଦକ୍ଷ ନଥିଲେ ବା ସେମାନଙ୍କର ଏ ଦିଗରେ ଦକ୍ଷତା ନଥିଲା ବୋଲି କୁହାଯାଇପାରିବ କି! ଦକ୍ଷତା ଆଧାରରେ ଜଣଙ୍କୁ ଉପଯୁକ୍ତ ପଦବୀ ବା ଚାକିରି ମିଳେ ବୋଲି ସମସ୍ତେ ଜାଣନ୍ତି। ଯିଏ ଯେଉଁ କାର୍ଯ୍ୟ ପାଇଁ ଯୋଗ୍ୟ ତାଙ୍କୁ ସେହି କାର୍ଯ୍ୟ କରିବା ପାଇଁ ସୁଯୋଗ ମିଳିଥାଏ। ହେଲେ ବିଗତ କିଛିବର୍ଷ ହେବ ପରିଚାଳନାଗତ ତ୍ରୁଟି ହିଁ କ୍ଷତିର କାରଣ ବୋଲି ଦର୍ଶାଯାଉଛି। ତେବେ ଏହି ତ୍ରୁଟି କଣ? ଏପରିକି ମଠ ମନ୍ଦିର ପରିଚାଳନାରେ ମଧ୍ୟ ବିଭ୍ରାଟ ଦେଖାଯାଉଛି। ଶିଳ୍ପ କାରଖାନା ଗୁଡିକ ଲାଭ ବଦଳରେ କ୍ଷତିରେ ଚାଲୁଥିବା ସାମ୍ନାକୁ ଆସୁଛି। ଏଭଳି କାହିଁକି ହେଲା ବା ହେଉଛି, ଏହା ଉପରେ ରୋକ ଲଗାଇବା ପାଇଁ ପ୍ରଶାସନିକ ସଂସ୍କାର ଅଣାଯିବାକୁ ବିଭିନ୍ନ ବିଭାଗ ଉଦ୍ୟମ କରୁଥିବା ଜଣାପଡେ। ଫଳରେ ଇନଭେଷ୍ଟମେଣ୍ଟ ହେଉ କି କୁଟୀର ଶିଳ୍ପରେ ବିନିଯୋଗ କଥା ଆସୁ, ଅଧିକାଂଶ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ମିଳେ। ତେବେ ଏହା ପଛରେ କେଉଁ କାରଣ ରହିଛି ଓ କେଉଁମାନଙ୍କ ପାଇଁ ସଂସ୍ଥା କ୍ଷତିରେ ପଡିଛି ତାହାର ସବିଶେଷ ତଥ୍ୟ ସାମ୍ନାକୁ ଆସେନାହିଁ। ହେଲେ ଜାତୀୟ ହେଉ ରାଜ୍ୟ ଅର୍ଥ ବୁଡିଯାଏ। ଏଭଳି ଅନେକ ସମସ୍ୟା ସହ ଲୁଝୁଥିବା ସଂସ୍ଥା ସମେତ ବିଭିନ୍ନ ଦିଗରେ ସଂସ୍କାର ଆବଶ୍ୟକ ବୋଲି ଅନୁଭବ ହେବା ପରେ ଏହା କାର୍ଯ୍ୟ ଆରମ୍ଭ କରେ। ତେବେ ଆରମ୍ଭରୁ ଏହି ସବୁ ଦିଗ ପ୍ରତି ଅବହେଳା କାରଣରୁ ଏଭଳି ହୋଇଥାଏ ବୋଲି ନିଶ୍ଚିତ ହେବାକୁ ପଡିବ। କର୍ତ୍ତବ୍ୟରେ ଅବହେଳା ଓ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ପାଇଁ ରାଜକୋଷର ବିପୁଳ କ୍ଷତି ହୋଇଥାଏ। ଯାହାର ଭରଣା କରିବା ଦାୟିତ୍ୱ ଦେଶବାସୀଙ୍କ ଉପରେ ପଡେ। ସାଧାରଣଲୋକଙ୍କ ଟିକସ ଅର୍ଥରେ ବ୍ୟବସ୍ଥା ଚାଲୁଥିବା ବେଳେ କିଛି ମୁଷ୍ଟିମେୟଙ୍କ ହାତରେ ଦେଶର ଅର୍ଥ ଅନ୍ୟାୟ ଭାବେ ରହିବାର ଅର୍ଥ ହେଉଛି ବ୍ୟବସ୍ଥାରେ ତ୍ରୁଟି। ଏହି ଦିଗ ପ୍ରତି ସଚେତନ ରହି ଦେଶ ଚଳାଇବାର ପ୍ରତିବଦ୍ଧତା ହିଁ ଭଲ ଶାସନର ଲକ୍ଷଣ। ସେହିଭଳି ଅପରାଧ ନିୟନ୍ତ୍ରଣ ଓ ଅପରାଧିକ କାର୍ଯ୍ୟକଳାପ ଉପରେ ପ୍ରତିବନ୍ଧକ ଲାଗିବାର ଆବଶ୍ୟକତା ଅଛି। ଯେଉଁ ମାନଙ୍କ ପାଇଁ ସମାଜରେ ଭୟ ଓ ଆତଙ୍କ ସୃଷ୍ଟି ହେଉଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୟଶୂନ୍ୟ ବସବାସ କରିବା ହେଉଛି ସବୁଠୁ ବଡ ପ୍ରସଙ୍ଗ। କାରଣ ଭୟ ଭିତରେ ଶାନ୍ତି ଏବଂ ଆନନ୍ଦ ମିଳିନଥାଏ। ସ୍ୱାଧୀନ ଭାବେ ବଞ୍ଚିବାର ଅଧିକାର କ୍ଷୁର୍ଣ୍ଣ ହେଲେ କେହି କେବେ ସ୍ୱାଧୀନତାକୁ ବୁଝିପାରିବେନି। ଏଥିପାଇଁ ପ୍ରଚଳିତ ବ୍ୟବସ୍ଥାରେ ସବୁ ପ୍ରକାର ସୁଯୋଗ ରହିବା ଦରକାର। ଫଳରେ ଜଣେ ନାଗରିକ ନିଜ ଅଧିକାରକୁ ନେଇ ଅଧିକ ସନ୍ତୁଷ୍ଟ ରହିବ। ସବୁବେଳେ ବା ସବୁ ପ୍ରସଙ୍ଗରେ ରାଜନୈତିକ ସ୍ୱାର୍ଥ ହାସଲ ଚିନ୍ତା କିମ୍ବା ଦଳକୁ କେତେ ଫାଇଦା ମିଳିବ ଭଳି ଚିନ୍ତାଧାରା ବାସ୍ତବରେ ଲୋକଙ୍କ ପାଇଁ କେତିକି ହିତ ସାଧନ କରିବା କଥା ତାହା କରୁନାହିଁ।



ସମ୍ପାଦକୀୟ


ତାରକ ମହାନ୍ତି

ଏଭଳି ହୋଇଥିଲେ ଧନୀ-ଗରିବ ତାରତମ୍ୟ ଏତେ ବଢୁନଥାନ୍ତା। ନାଗରିକ ପାଇଁ ସମ୍ବିଧାନରେ ରହିଥିବା ପ୍ରାବଧାନ ଓ ଲୋକଙ୍କୁ ମିଳୁଥିବା ଅଧିକାର ମଧ୍ୟରେ ପାର୍ଥକ୍ୟ ହିଁ ଅସଲ ମଞ୍ଜି। ଏହାର ମୂଳ କେଉଁଠି ଓ ଶେଷ କେଉଁଠି ବୁଝିବା ସହଜ ନୁହେଁ। ନିର୍ବାଚିତ ସରକାରମାନେ ଯେତେବେଳେ ଲୋକଙ୍କ ମଙ୍ଗଳ କରିବା କୁହନ୍ତି ବା ଘୋଷଣା କରନ୍ତି ଏହାର କାର୍ଯ୍ୟକାରିତାରେ ବିଶେଷ ପରିଶ୍ରମ ହୁଏନାହିଁ। ଅମଲାଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀ ପର୍ଯ୍ୟନ୍ତ ଦୁର୍ନୀତିରେ ଲିପ୍ତ ଥିବାରୁ ଅସଲରେ କିଏ ସରକାରୀ ସୁବିଧା ପାଇଲା କି ନପାଇଲା ଏହାର ତର୍ଜମା ହୁଏନାହିଁ। ବରଂ ପୁନଶ୍ଚ ଏକ ଯୋଜନା ଜରିଆରେ ଲୋକଙ୍କୁ ଭ୍ରମିତ କରି ରାଜନୀତିର ସ୍ୱାଦ ଖୋଜାଯାଏ। ସ୍ୱାଧୀନତା ପରଠାରୁ ସବୁ ସରକାର ଜନକଲ୍ୟାଣ ଯୋଜନାର ଘୋଷଣା କରିଚାଲିଥିଲେ ବି ଜନତାଙ୍କର କେତେ ମଙ୍ଗଳ ହୋଇଛି ବା ଉଦ୍ଦିଷ୍ଟ ଅର୍ଥରୁ କେତେ ବାଟମାରଣା ହୋଇଛି ସେ ନେଇ ବିଶେଷ ଦୃଷ୍ଟି ଦିଆଯାଏନାହିଁ। ନାମକୁମାତ୍ର କିଛି ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇ ଜନ ଆକ୍ରୋଶରୁ ବଞ୍ଚିବାକୁ ସବୁ ସରକାର ଚେଷ୍ଟା କରନ୍ତି। ବ୍ୟବସ୍ଥାରେ ଥିବା ଅନେକ ମୌଳିକ ସୁବିଧା ସାଧାରଣ ନାଗରିକଙ୍କୁ ମିଳିନଥାଏ। ବସ୍ତୁତଃ ସେହି ପ୍ରଭାବଶାଳୀ ଓ ପୁଞ୍ଜିପତି ସବୁ ସୁବିଧା ଭୋଗ କରିଥାଆନ୍ତି।

ନିର୍ବାଚିତ ପ୍ରତିନିଧି ଜନତାଙ୍କ ସେବକ କୁହାଯାଉଥିଲା ବେଳେ ବାସ୍ତବରେ ଦେଶର କେଉଁ ନେତା ଜନତାଙ୍କ ସେବା କରନ୍ତି ତାହାର ତର୍ଜମା ହେଉ। ନିର୍ବାଚନୀ ପାଣ୍ଠି ସଂଗ୍ରହ ଆଳରେ ବ୍ୟବସ୍ଥା ଭିତ୍ତିକ ବିକାଶ ଅର୍ଥ ଭାଗ ବଣ୍ଟରାରେ ଚାଲି ଯାଉଥିବା ସମସ୍ତେ ଅନୁଭବ କରୁଛନ୍ତି। ହେଲେ ଭୋଟ ଦେଇସାରିବା ପରେ ଆଗାମୀ ପାଞ୍ଚବର୍ଷ ପାଇଁ ଲୋକଙ୍କ ହାତରେ କୌଣସି କ୍ଷମତା ରହୁନାହିଁ। ଯାହାଫଳରେ ଚିହ୍ନ ଦେଖି ମୋହର ଦେଇଥିବା ନାଗରିକ ଦ୍ୱନ୍ଦ୍ୱରେ ରହୁଛି। ଗାଁ ଗାଁରେ ଦଳୀୟ କନ୍ଦଳ, ଗୋଷ୍ଠୀ ଚକ୍ରାନ୍ତର ପ୍ରଭାବ ବେଶ ଅନୁମେୟ। କହିବା ବାହୁଲ୍ୟ ଯେ, ଅମୁକ ସରକାର ଭଲ ବା ସମୁକ ସରକାର ଭଲ। ସବୁ ସରକରଙ୍କ କିଛିନା କିଛି ତ୍ରୁଟି ଥିବା ସମସ୍ତେ ଜାଣନ୍ତି। ସହର ପ୍ରତି ସରକାର ଯେଭଳି ଆଭିମୁଖ୍ୟ ପୋଷଣ କରନ୍ତି, ଗ୍ରାମ ବିକାଶ ପ୍ରତି ସେତିକି ଧ୍ୟାନ ଦିଆଯାଏ ନାହିଁ। ହେଲେ ଗ୍ରାମ୍ୟ ଅର୍ଥନୀତିର ବିକାଶରେ ହିଁ ରାଷ୍ଟ୍ର ବିକାଶର ସୂତ୍ର ରହିଥିବା କୌଣସି ନେତା ଅନୁଭବ କରନ୍ତିନାହିଁ। ଶିଳ୍ପ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଉଥିଲା ବେଳେ କୃଷିକୁ ସେତେଟା ଗୁରୁତ୍ୱ ମିଳୁନଥିବାରୁ ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଗାଁ ଛାଡି ସହର ମୁହାଁ ହେଉଛନ୍ତି। କୃଷି, ପଶୁପାଳନ ଓ କୁଟୀର ଶିଳ୍ପ ପ୍ରତି ବେକାରଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରାଯିବାର ନିହାତି ଆବଶ୍ୟକତା ଥିଲା ବେଳେ ବେକାରଙ୍କୁ ନିର୍ବାଚନୀ ଅସ୍ତ୍ର କରାଯାଉଛି ସିନା, ସେମାନଙ୍କ ଭବିଷ୍ୟତ ପାଇଁ କୌଣସି ଯୋଜନା ନାହିଁ। ଯାହାଫଳରେ ଯୁବଗୋଷ୍ଠୀ ବାଟବଣା ହୋଇ, କେହି କେହି ନିଶାସକ୍ତ ହୋଇପଡୁଛନ୍ତି। ତେଣୁ କିଭଳି କୁହାଯାଇପାରିବ ଯେ ଯୋଜନାର ସୁଫଳ ସମସ୍ତଙ୍କୁ ମିଳୁଛି। ସବୁ ଘଟଣା ପଛରେ ଦୃଢ଼ ରାଜନୈତିକ ଅଭିସନ୍ଧି, ତଳ ସ୍ତରର ଲୋକଙ୍କୁ ଉପରକୁ ଉଠାଇ ନଦେବାର ମସୁଧା, ଜାତି ଭେଦ ଓ ଶାସକ-ପ୍ରଶାସକଙ୍କ ପାରିବାରିକ ଉତ୍ଥାନ ପଛରେ ରହିଥିବା ମନ୍ଦ ଉଦ୍ଦେଶ୍ୟ ଯୋଗୁ ବ୍ୟବସ୍ଥା ବିଗିଡି ଚାଲିଛି। ମାର ମାର ଭଣ୍ଡାରିଆକୁ ମାର ନୀତିରେ ତଳ ସ୍ତରର କର୍ମଚାରୀ ଓ ଗରିବଙ୍କ ଉପରେ ଅତ୍ୟାଚାର କରାଯାଉଥିଲେ ବି ବଡବଡିଆଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ କରାଯାଉନାହିଁ। ବଡଙ୍କ ତ୍ରୁଟି କ୍ଷମଣୀୟ ହେଉଥିଲା ବେଳେ ନିରୀହ ଓ ଅଳ୍ପ ଆୟକାରୀ କ୍ଷତିଗ୍ରସ୍ତ ହେଉଛନ୍ତି। ଉପର ସ୍ତରରୁ ସବୁକିଛି ଠିକ୍ ଚାଲିଥିଲେ ବା ପ୍ରତ୍ୟେକ କାର୍ଯ୍ୟ ଯେଉଁମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି ସେମାନେ ସ୍ୱଚ୍ଛ ଭାବେ ଏହାକୁ କାର୍ଯ୍ୟକାରୀ କରିଥିଲେ ଆଜି ଏଭଳି ଅବସ୍ଥାର ସମ୍ମୁଖୀନ ହେବାକୁ ପଡିନଥାନ୍ତା। ତେବେ ସେ ଯାହା ହେଉ ସଂସ୍କାର ବାସ୍ତବିକ ସଂସ୍କାର ହେଉ ଧୂଆଁବାଣ ନହେଉ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବହି ଯୋଗାଣର ଫନ୍ଦିଫିକର



ସୌମେନ୍ଦ୍ର ଜେନା

ଗତ ଏକବର୍ଷ ହେଲା ମାଧ୍ୟମିକ ବିଦ୍ୟାଳୟଗୁଡିକର ପାଠାଗାର ପାଇଁ ବହିଯୋଗାଣ ସାରା ରାଜ୍ୟରେ ଚାଲୁରହିଛି। ଏହି ବହି କ୍ରୟ ପାଇଁ ସରକାର ଗୋଟିଏ ପଟେ ସ୍କୁଲଗୁଡିକର ଖାତାକୁ ଟଙ୍କା ପଠାଇ ସାରିଛନ୍ତି। ବହି ଯୋଗାଣ ପାଇଁ ଯେଭଳି ନିୟମ ପ୍ରଣୟନ କରାଯାଇଛି ସେଥିରେ ନିର୍ଦ୍ଦିଷ୍ଟ କେତେକ ଲୋକଙ୍କ ସ୍ୱାର୍ଥକୁ ରହିଁ ଯେ ଏସବୁ ହୋଇଛି ତାହା ସ୍ପଷ୍ଟ ଜାଣିହେବ। ପୁସ୍ତକ ନିର୍ବାଚନ ପାଇଁ ଯେପରି ସମସ୍ତଙ୍କୁ ସୁଯୋଗ ମିଳିବା କଥା ତାହା ରାଜା ରାମମୋହନ ରାୟ ପରି ଏଠାରେ ହେଉନାହିଁ। ଯେଉଁଥିପାଇଁ ଅନେକ ବହି ଜାଲିଆତି କରି ଯୋଗାଣ ହେଉଛି। ଅନ୍ୟ ଭାଷାରେ କହିଲେ ଏହି ଯୋଗାଣରେ ସରକାରଙ୍କ ଭୂମିକା ରହୁନଥିବା ହେତୁ କମିଶନ ମାଧ୍ୟମରେ ବହି ଯୋଗାଣ ହେଉଛି। ନିର୍ବାଚିତ ପୁସ୍ତକ ମଧ୍ୟରୁ ଭାରତୀୟ ସାହିତ୍ୟ କେନ୍ଦ୍ର ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ବହିକୁ ଅନ୍ୟ ଜଣେ ବ୍ୟକ୍ତି ବିତରକ ଭାବେ ନିଜ ନାମ ଛାପି ବିକ୍ରି କରିଛନ୍ତି। ଖୋର୍ଦ୍ଧା, ବଲାଙ୍ଗୀର ଆଦି ଜିଲ୍ଲାରେ ଜଣେ ପ୍ରକାଶକଙ୍କ ତିନୋଟି ପୁସ୍ତକକୁ କଟକର ଜଣେ ସାମ୍ବାଦିକ ଛାପି ବିକ୍ରି କରିଛନ୍ତି। କେବଳ ଏତିକି ନୁହେଁ ହାଇସ୍କୁଲ ଗୁଡିକର ପାଠାଗାରଗୁଡିକୁ ବିକ୍ରି ହୋଇଥିବା ପୁସ୍ତକଗୁଡିକ ମଧ୍ୟରୁ ଅନେକ ପୁସ୍ତକ ଛାତ୍ରଛାତ୍ରୀଙ୍କ ପାଇଁ ଉପଯୋଗୀ ନହୋଇଥିଲେ ମଧ୍ୟ ସେଗୁଡିକରେ ଅଧିକ କମିଶନ କାରବାର କରି ବିକ୍ରି କରାଯାଇଛି। ନିର୍ବାଚିତ ପୁସ୍ତକର ତାଲିକା ବାହାରୁ ଅନେକ ପଡିରହିଥିବା ପୁରୁଣା ବହି ଏବଂ ବୟସ୍କମାନଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତକ ସବୁ ବିକ୍ରି ହୋଇଛି, ଯାହା କାହାର କାର୍ଯ୍ୟରେ ନଲାଗି କେବଳ ଖତ ହେବା ସାର ହେବ।

କେନ୍ଦ୍ର ସରକାରଙ୍କ ଅନୁଦାନ ଅର୍ଥରେ ଯେତେବେଳେ ବଡ ଧରଣର ପୁସ୍ତକ କ୍ରୟ ଅଭିଯାନ ହେଉଛି ସେ ସମୟରେ ସରକାର ରାଜା ରାମମୋହନ ରାୟ ପାଠାଗାର ପାଇଁ ସଂଗ୍ରହ କରାଯାଉଥିବା ପୁସ୍ତକ ପରି ରାଜ୍ୟସ୍ତରୀୟ ପୁସ୍ତକ ସଂଗ୍ରହ ଅଭିଯାନ ଇନ୍‌ଡୋର ଷ୍ଟାଡିୟମରେ କରିପାରିବେ। ଏଥିପାଇଁ ପ୍ରକାଶକମାନଙ୍କଠାରୁ ପୁସ୍ତକ ଯୋଗାଣ ନିମିତ୍ତ ଖର୍ଚ୍ଚ ନେବା ମଧ୍ୟ ଆବଶ୍ୟକ। ପ୍ରଦେଶ ସ୍ତରରେ ଅସୁବିଧା ହେଲେ ଜିଲ୍ଲା ସ୍ତରରେ ମଧ୍ୟ ପୁସ୍ତକଗୁଡିକୁ ସଂଗ୍ରହ ପାଇଁ କୁହାଯାଇପାରେ। ପ୍ରକାଶକମାନେ ନିଜ ନିଜ ଖର୍ଚ୍ଚରେ ଜିଲ୍ଲାସ୍ତରରେ ବହି ପହଞ୍ଚାଇବାର ବ୍ୟବସ୍ଥା କରିବେ। ଏହି ପ୍ରକ୍ରିୟାରେ ସରକାର ସିଧାସଳଖ ବହି ସଂଗ୍ରହ ଓ ବିତରଣ କଲେ ମଝିରେ ଜାଲିଆତି ଯୋଗାଣର ରାସ୍ତା ବନ୍ଦ ହେବା ସହଜ ହୋଇପାରନ୍ତା। ଯେହେତୁ ପ୍ରତି ଜିଲ୍ଲାରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ରହିଛି ପ୍ରକାଶକମାନେ ସେହି କାର୍ଯ୍ୟାଳୟରେ ପୁସ୍ତକ ପହଞ୍ଚାଇବା ବ୍ୟବସ୍ଥା ରହିଲେ ଅଧିକରୁ ଅଧିକ ସଂଖ୍ୟକ ପ୍ରକାଶକ ଏଥିରୁ ସୁବିଧା ପାଇପାରନ୍ତେ। ଜିଲ୍ଲା ସ୍ତରରେ କ୍ରୟ ପାଇଁ ଯଦି ବହି ମନୋନୟନ ହୁଅନ୍ତା ତେବେ ଜିଲ୍ଲାସ୍ତରର ପୁସ୍ତକ ପ୍ରକାଶକମାନେ ଏଥିରୁ ଲାଭ ଉଠାଇବାକୁ ସକ୍ଷମ ହୋଇପାରନ୍ତେ। ଫଳରେ ପୁସ୍ତକ ଶିଳ୍ପ କେବଳ କଟକ କିମ୍ବା ଭୁବନେଶ୍ୱର ମଧ୍ୟରେ ସୀମିତ ନରହି ରାଜ୍ୟର ଅନ୍ୟ ଜିଲ୍ଲାକୁ ମଧ୍ୟ ପ୍ରସାରିତ ହୋଇପାରନ୍ତା। ଗୋଟିଏ ପଟେ ଆତ୍ମନିର୍ଭର ଭାରତର କଥା କୁହାଯାଉଥିଲେ ମଧ୍ୟ ଏହି କାରଣରୁ ରାଜ୍ୟରେ ଯୁବ ପିଢୀମାନେ ପୁସ୍ତକ ଶିଳ୍ପକୁ ଆସିବା ପ୍ରାୟ ଦେଖାଯାଉନାହିଁ। ଯାହା କେବଳ ପ୍ରି-ପେଡ ପ୍ରକାଶନ ହେବା ଦେଖାଯାଉଛି। ଅଧିକରୁ ଅଧିକ ପ୍ରକାଶକମାନେ ଏହି ଶିଳ୍ପକୁ ଆସିଲେ ପୁସ୍ତକ ଯୋଗାଣ ଏବଂ ବିକ୍ରି ପାଇଁ ନେଟୱାର୍କ ପ୍ରସ୍ତୁତି ହୋଇପାରନ୍ତା, ରାଜ୍ୟରେ ୮୦୦୦୦ରୁ ଅଧିକ ଶିକ୍ଷାନୁଷ୍ଠାନ ରହିଥିବା ସ୍ଥଳେ ଶହେରୁ ଅଧିକ ସହରାଞ୍ଚଳ ଏବଂ ୩୧୪ ବ୍ଲକ ଅଞ୍ଚଳ ରହିଛି। ବଡ ବଡ ସହରଗୁଡିକରେ ବୁକ୍ ମଲ ଏବଂ ଛୋଟ ଛୋଟ ସହରଗୁଡିକରେ ବହି ସୋରୁମ୍ ଖୋଲିବା ଆବଶ୍ୟକ, ଯେଉଁଠି ବର୍ଷସାରା ପାଠକମାନେ ନିଜ ରୁଚିର ବହି ଦେଖି କିଣିପାରିବେ। ଏଥିପାଇଁ ରାଜ୍ୟ ସରକାର ପୁସ୍ତକ ଶିଳ୍ପକୁ ସ୍ୱୀକୃତି ଦେବା ସହ ଋଣ ଓ ଜମିର ସୁବିଧା ଦେବା ଆବଶ୍ୟକ। କାରଣ ରାଜ୍ୟରେ ପୁସ୍ତକଗୁଡିକର ଆଧୁନିକ ଭଣ୍ଡାରୀକରଣ ବ୍ୟବସ୍ଥା ନାହିଁ। ଯାହା ଫଳରେ କୋଟି କୋଟି ଟଙ୍କାର ପୁସ୍ତକ ପ୍ରତିବର୍ଷ ନଷ୍ଟ ହେଉଛି। ପୁସ୍ତକଗୁଡିକର ସୁରକ୍ଷା, ପୁରୁଣା ପୁସ୍ତକର ପୁନଃ ପ୍ରକାଶନ, ପ୍ରାଚୀନ ପୋଥିଗୁଡିକର ପୁସ୍ତକରୂପ ପ୍ରକାଶନ ଉପରେ ଜୋର ଦେଲେ ରାଜ୍ୟର ବୌଦ୍ଧିକ ସଂପଦର ସୁରକ୍ଷା ହୋଇପାରନ୍ତା। ଏହାବାଦ ପୁସ୍ତକ ଯୋଗାଣ ପ୍ରକ୍ରିୟାକୁ ସରଳ କରା ନ ଯାଇ କେନ୍ଦ୍ରୀଭୂତ ଓ ସୀମିତ କରାଯିବା ଦ୍ୱାରା କିଛି ହାତଗଣତି ପ୍ରକାଶକ ଏହି ବ୍ୟବସ୍ଥାରୁ ସମସ୍ତ ଲାଭ ନେଉଛନ୍ତି। ସରକାର ଯଦି ଏକାଧିକ ଜିଲ୍ଲାରେ ସୋରୁମ୍ ଖୋଲିବାକୁ ପ୍ରକାଶକମାନଙ୍କୁ କୁହନ୍ତେ କିମ୍ବା ନୂଆ ପ୍ରକାଶକଙ୍କୁ ସୁବିଧା ଦିଅନ୍ତେ ତେବେ ପୁସ୍ତକ ପ୍ରଦର୍ଶନର ଅସୁବିଧା ରୁହନ୍ତା ନାହିଁ, ଏମାନଙ୍କ ମାଧ୍ୟମରେ ରାଜ୍ୟବ୍ୟାପି ପୁସ୍ତକ ବିତରଣ ହୋଇପାରନ୍ତା।

ଓଡିଶାରେ ପୁସ୍ତର ପ୍ରକାଶନ ଆଜି ସମସ୍ୟା ହୋଇନଥିଲା ବେଳେ ସଂଗଠିତ ପ୍ରକାଶନ ଓ ବିତରଣ ସମସ୍ୟା ହୋଇ ରହିଛି। ଗୋଟିଏ ପଟେ ପୁସ୍ତକ ପ୍ରଦର୍ଶନ ଓ ବିତରଣର ଅଭାବ ହେତୁ ସଂଖ୍ୟାଧିକ ପାଠକ ବହି ପ୍ରଦର୍ଶନୀକୁ ବାଦ ଦେଲେ ଅନ୍ୟ ସମୟରେ ଦେଖିବା ସମ୍ଭବପର ହେଉନାହିଁ। ସେଥିପାଇଁ ଭିନ୍ନ ଭିନ୍ନ ସମାଜସେବୀ ଓ ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷାନୁଷ୍ଠାନଗୁଡିକ ଅଧିକରୁ ଅଧିକ ପୁସ୍ତକ ବିତରଣ ପାଇଁ ଆଗଭର ହେଲେ ତଳସ୍ତର ଯାଏ ଓଡିଆ ବହି ପ୍ରଦର୍ଶିତ ହେବା ସହ ବିତରଣ ହୋଇପାରନ୍ତା। ସ୍ଥାନୀୟ ସ୍ତରରେ ଜିଲ୍ଲା ପରିଷଦଗୁଡିକ ମଧ୍ୟ ନିଜ ଅଞ୍ଚଳର ଶିକ୍ଷାନୁଷ୍ଠାନ, ପଞ୍ଜିକୃତ ପାଠାଗାର, ଯୁବକସଂଘ, ମହିଳା ସମିତି, ପୂଜାସମିତି, ଟ୍ରଷ୍ଟ, ଶିକ୍ଷାନୁଷ୍ଠାନଗୁଡିକୁ ପୁସ୍ତକ ବିତରଣ କାର୍ଯ୍ୟରେ ସାମିଲ କରିପାରିବେ। ଅନେକ ଅନୁଷ୍ଠାନରେ କୋଟି କୋଟି ଟଙ୍କା ପଡି ରହୁଥିଲା ବେଳେ ସେସବୁର ଉପଯୁକ୍ତ ବିନିଯୋଗ ପାଇଁ ପୁସ୍ତକ ଯୋଗାଣ ଭିନ୍ନ ଏକ ମାଧ୍ୟମ ହୋଇପାରନ୍ତା। ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଆଦି ରାଜ୍ୟରେ ପୁସ୍ତକ ପ୍ରକାଶନର ଉନ୍ନତି ପାଇଁ ସଂଗଠିତ ପ୍ରୟାସ, ସରକାରୀ ପ୍ରୋତ୍ସାହନ,ଜାରି ରହିଥିଲାବେଳେ ଓଡିଶା ଏହି ଦିଗରେ ପ୍ରୟାସ ବହୁତ କମ୍ ରହିଛି। ବିଦେଶରେ ସହରାଞ୍ଚଳରେ ପ୍ରଶାସନ ପକ୍ଷରୁ ମୋବାଇଲ ଗାଡିରେ ଭ୍ରାମ୍ୟମାଣ ପାଠାଗାର ଯୋଜନା ଚାଲୁଥିଲା ବେଳେ ରାଜ୍ୟର ଶତାଧିକ ମ୍ୟୁନିସପାଲଟି ଏବଂ ଏନଏସିରେ ଏ ପ୍ରକାର ସୁବିଧା କେଉଁଠି ନାହିଁ। ଯଦି ଏହି ଯୋଜନାରେ ବ୍ଲକସ୍ତରୀୟ ଭ୍ରାମ୍ୟମାଣ ପାଠାଗାର ହୁଅନ୍ତା ତେବେ ତିନିଶହରୁ ଅଧିକ ଗାଡି ଦୈନିକ ପନ୍ଦରଶହରୁ ଅଧିକ ଗ୍ରାମକୁ ଯାଇପାରନ୍ତେ। ଏହି ଯୋଜନା ପାଇଁ ଅଧିକ ପୁସ୍ତକ ଯୋଗାଣ ହୁଅନ୍ତା ଏବଂ ସିଧାସଳଖ ପାଠକମାନେ ବହି ଦେଖିବାର ସୁଯୋଗ ପାଇପାରନ୍ତେ। ବହି ଦେଖିବା ଓ ବାଛିବାର ସୁବିଧା ପାଠକମାନଙ୍କ ପାଇଁ ସୃଷ୍ଟି କରାଯାଉ। ସରକାର ଶିକ୍ଷା ବିଭାଗର ଟେଣ୍ଡର କିମ୍ବା ସଂସ୍କୃତି ବିଭାଗ ରାଜା ରାମ ମୋହନରାୟ ପାଠାଗାର ପୁସ୍ତକ ଯୋଗାଣ ମଧ୍ୟରେ ସୀମିତ ନରହି ଅନ୍ୟ ବିଭାଗ ଯଥା ସହରାଞ୍ଚଳ ବିକାଶ ଏବଂ ପଞ୍ଚାୟତିରାଜ ବିଭାଗକୁ ଏଥିରେ ସାମିଲ କରନ୍ତୁ। ଓଡିଶା ଖଣି ନିଗମ, ଶିଳ୍ପ ନିଗମ ମଧ୍ୟ ସେମାନଙ୍କ ବିକାଶ ପାଣ୍ଠିକୁ ଏହି କ୍ଷେତ୍ରରେ ବିନିଯୋଗ କରନ୍ତୁ। ଯାହା ଫଳରେ ବହୁରଂଗୀ, ଆନ୍ତର୍ଜାତିକ ମାନର ସୁଦୃଶ୍ୟ ପୁସ୍ତକମାନ ପ୍ରକାଶ ପାଇବା ସହଜ ହେବା ସହ ଯୋଗାଣ ମଧ୍ୟ ସମ୍ଭବ ହେବ।

*ଭାରତୀୟ ସମ୍ବାଦ ସେବା(ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଗର୍ବରେ ଉଡୁ ତ୍ରିରଙ୍ଗା ଆକାଶେ କୃଷକର ହେଉ ଜୟ



ନଳିନୀ କୁମାର ପଣ୍ଡା

କେନ୍ଦ୍ର ସରକାର କୃଷିଜାତ ଦ୍ରବ୍ୟଗୁଡ଼ିକ ନିମିତ ଉପଯୁକ୍ତ ବଜାର ଯୋଗାଇବା ସହ କୃଷକମାନଙ୍କ ଆୟବୃଦ୍ଧି ସକାଶେ ତିନୋଟି ଗୁରୁତ୍ୱପୂର୍ଣ୍ଣ ଆଇନ ଆଣିଛନ୍ତି, ଯାହାକୁ ବିରୋଧକରି କେତେକ କୃଷକ ସଂଗଠନ ଦୁଇମାସ ହେବ ଆନ୍ଦୋଳନ କରୁଛନ୍ତି। ପରିସ୍ଥିତି ଏମିତି ହେଲାଯେ ଚଳିତ ବର୍ଷ ପବିତ୍ର ଗଣତନ୍ତ୍ର ଦିବସରେ ଚାଷୀ ଆନ୍ଦୋଳନ ନାଁରେ କିଛି ଅସାମାଜିକ ତତ୍ୱ ଆମର ରଷ୍ଟ୍ରୀୟ ଧ୍ୱଜ, ଆମ ଦେଶର ଗର୍ବ, ଗୌରବ ଓ ସମ୍ମାନ, ଏକତା, ଅଖଣ୍ଡତା ଏବଂ ସ୍ୱାଧୀନତାର ପ୍ରତୀକ "ତ୍ରୀରଙ୍ଗା" ପତାକାକୁ ଅପମାନ କଲେ ଆଉ ଭୁଲିଗଲେ "ଛେପ ଉପରକୁ ପକାଇଲେ ନିଜ ମୁଁହରେ ହିଁ ପଡ଼ିଥାଏ"। ଅର୍ଥାତ "ତ୍ରୀରଙ୍ଗା"ର ଅପମାନ ହେଉଛି ନିଜର ଅପମାନ। କାରଣ ଏହା ହେଉଛି ଆମ ଦେଶର ପରିଚୟ। ଏପରି ଲୋକଙ୍କ ବିରୋଧରେ ସରକାର ଶକ୍ତ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର, ଯେପରି ଭବିଷ୍ୟତରେ ଏହାର ପୁନରାବୃତି ନହେବ। ଆମ ଭାରତ ଏକ କୃଷି ପ୍ରଧାନ ଦେଶ।ଏହାର ଉନ୍ନତି କୃଷକର ଉନ୍ନତିରେ ରହିଛି। ଅର୍ଥାତ କୃଷକର ଉନ୍ନତି ହେଲେହିଁ ଦେଶର ପ୍ରଗତି ହୋଇପାରିବ ଏବଂ ଆମର "ତ୍ରୀରଙ୍ଗା" ସଗର୍ବେ ଆକାଶରେ ଉଡ଼ି ପାରିବ। ସେଥିପାଇଁ ସରକାର କୃଷି ସଂସ୍କାର ଆଇନକୁ ଆଣିଛନ୍ତି। ଏବେ ଆସନ୍ତୁ ଜାଣିବା ଏହି ତିନୋଟି କୃଷି ସଂସ୍କାର ଆଇନ୍ ଦ୍ୱାରା କିପରି ଦେଶରେ କୃଷି ପରିଦୃଶ୍ୟ ବଦଳିପାରିବ।

ଏହି ତିନି ଆଇନ ମଧ୍ୟରୁ ପ୍ରଥମ ଆଇନଟିକୁ ବେଶି ବିରୋଧ ହେଉଛି। ସିଧା କହିବାକୁ ଗଲେ ଏହି ଆଇନ କୃଷି ବିପଣନ ଅଧିନିୟମର ସଂସ୍କାର ସହିତ ଜଡ଼ିତ।ଏଥିରେ ଚାରିଗୋଟି ବିନ୍ଦୁ ଉପରେ ତଥାକଥିତ କୃଷକ ମାନଙ୍କର ବିରୋଧ ହେଉଛି।ଏହି ଚାରୋଟି ବିନ୍ଦୁ ହେଉଛି, ଏପିଏମସି ମଣ୍ଡି ମାନଙ୍କ ବାହାରେ ବଜାରର ପରିଭାଷା ବା ଅର୍ଥ, ବେପାରୀର ସଂଜ୍ଞା, ବଜାର ଶୁଳ୍କ ଏବଂ କୃଷକ ତଥା ବେପାରୀମାନଙ୍କ ହେବାକୁ ଥିବା କୌଣସି ବି ବିବାଦକୁ ସମାଧାନ କରିବାର ପ୍ରକ୍ରିୟା। ଆଶ୍ଚର୍ଯ୍ୟର କଥା ସବୁ ଜାଗାରେ, ସମାଚାର ବା ସମ୍ବାଦପତ୍ରରେ ଏବଂ କୃଷକମାନଙ୍କ ରାଲିରେ ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମ୍‌ଏସ୍‌ପି ହଟେଇବାକୁ ଆଳ କରାଯାଉଛି, ଯାହାକି କୃଷି ଆଇନରେ ବିଲକୁଲ୍ ନାହିଁ।

ସତ୍ୟତ ଏହା ଯେ କୃଷି ଉତ୍ପାଦ ବିପଣନ କମିଟି ମଣ୍ଡି ମାନଙ୍କର ଅଧିକାର ବା ତାହାର ମହତ୍ୱକୁ ଏହି ଆଇନରେ କୌଣସି ପ୍ରକାରରେ କମ୍ କରାଯାଇନାହିଁ। ଅଧିକନ୍ତୁ ନିଶ୍ଚିତ ଏହିପରି ବ୍ୟବସ୍ଥା କରାଯାଇଛି କି ମଣ୍ଡି ବାହାରେ କୌଣସି କୃଷକ ପାଖରୁ କିଣାଯାଇଥିବା କୃଷି ଉତ୍ପାଦ ଉପରେ କୌଣସି ପ୍ରକାର କିଛିବି କର ନିଆଯାଇ ପାରିବନାହିଁ। ସବୁ ସମସ୍ୟାର ମୂଳ ଏହି କର ବା ଶୁଳ୍କ ହିଁ ଅଟେ। ପଞ୍ଜାବର ମଣ୍ଡିମାନଙ୍କରେ ଚାଷୀମାନଙ୍କୁ ସବୁଠାରୁ ଅଧିକା କର ଦେବାପାଇଁ ପଡ଼େ। ବଜାର ଶୁଳ୍କ ଭାବରେ ୩ ପ୍ରତିଶତ, ଗ୍ରମୀଣ ବିକାଶ ଶୁଳ୍କ ବାବଦରେ ୩ ପ୍ରତିଶତ ଓ ମଧ୍ୟସ୍ଥି କମିଶନ ନାଁରେ ୨.୫ ପ୍ରତିଶତକୁ ମିଶାଇ ପଞ୍ଜାବର ପତ୍ୟେକ କୃଷକ ୧୦୦.୦୦ ଟଙ୍କାର ଉତ୍ପାଦ ବିକ୍ରିରେ ୮.୫୦ ଟଙ୍କା କର ହିସାବରେ ଦିଏ। ଏହା ଦେଶର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ବହୁତ ଅଧିକ, ଯାହାକି ମୋଟାମୋଟି ବାବରେ ୧ - ୩ ପ୍ରତିଶତ ଅଟେ। ଏହାର


ପ୍ରଭାବ ଏକ ଉଦାହରଣରୁ ସ୍ପଷ୍ଟ ବୁଝାଯାଇପାରେ। ଏହି ବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮.୫ ପ୍ରତିଶତ ମଣ୍ଡି ଦେଣନେଣ ଖର୍ଚ୍ଚ ହିସାବରେ ପ୍ରତି କ୍ୱିଣ୍ଟାଲ ଧାନ ଉପରେ ପ୍ରାୟ ୧୬୦.୦୦ ଟଙ୍କାର କର ବସୁଛି। ଏହାର ଅର୍ଥ ହେଉଛି କି ଯଦି କୌଣସି ବେପାରୀ ମଣ୍ଡି ବାହାରେ ସେହି ଧାନ କିଣେ, ତାର ସିଧା ୧୬୦.୦୦ ଟଙ୍କାର ସଂଚୟ ହେବ, ଯାହାର କିଛିଅଂଶ ସେ ଚାଷୀକୁ ଦେଇପାରେ ଏବଂ ଏହିପ୍ରକାର କୃଷକକୁ ସର୍ବନିମ୍ନ ସହାୟକ ମୂଲ୍ୟରୁ ବି ଅଧିକ ଟଙ୍କା ମିଳିବ। ଏହା ମଣ୍ଡି କର୍ମଚାରୀ ଏବଂ ମଧ୍ୟସ୍ଥିମାନଙ୍କ ଚିନ୍ତାର ବିଷୟ। ତାଙ୍କର ଯୁକ୍ତି କି ଏମିତି କୌଣସି ଚାଷୀ ମଣ୍ଡିକୁ ଆସିବେ ନାହିଁ। କିନ୍ତୁ ଏହାର ଦ୍ୱିତୀୟ ପରିଣାମ ଏହିକି ଯେ ଯେଉଁ ମୋଟା ଅଙ୍କର କର ପଞ୍ଜାବର ମଣ୍ଡିମାନଙ୍କରେ ଆଦାୟ କରାଯାଉଛି, ସେଥିରେ ତାହା ମଣ୍ଡିମାନଙ୍କୁ ପ୍ରତିସ୍ୱର୍ଦ୍ଧୀ ବନେଇବା ପାଇଁ କମ୍ କରିବାକୁ ପଡ଼ିବ। ଏହା ଚାଷୀମାନଙ୍କର ଲାଭ ହିଁ ଅଟେ। ଏହି ଆଇନର ବିରୋଧୀମାନଙ୍କର ଏହାବି କହିବା କଥା ଯେ ଚାଷୀ ଓ ବେପାରୀମାନଙ୍କ ଭିତରେ ବିବାଦକୁ ଶେଷ କରିବା ପାଇଁ ଆଇନରେ ଥିବା ବ୍ୟବସ୍ଥାର ଏକ ବିକଳ୍ପ ରହୁ, ଯାହାଦ୍ୱାରା ଚାଷୀକୁ ସମାଧାନ ପାଇଁ ଅଦାଲତକୁ ଯିବାକୁ ପଡ଼ିବ ନାହିଁ।

ଦ୍ୱିତୀୟ ଆଇନ ଅନୁବନ୍ଧିତ କୃଷି ସମ୍ବନ୍ଧରେ ଅଟେ। ଚୁକ୍ତି ଭିତିକ କୃଷି ଏବେବି ଦେଶର ବହୁତ ଜାଗାରେ ହେଉଛି। କିନ୍ତୁ କୌଣସି ଆଇନ ନଥିବା କାରଣରୁ ଏହା ଅଧିକ ଅନୌପଚାରିକ ଭାବରେ କରାଯାଉଛି। ଏହାର ପରିଣାମ ଏହା ହେଉଛି ଯେ ଏକ ପକ୍ଷରେ ଚୁକ୍ତି କରିବାବାଲା କମ୍ପାନୀମାନେ କୌଣସି ପ୍ରକାର ଆଇନ-କାନୁନ ନଥିବା କାରଣରୁ କୃଷକମାନଙ୍କ ଉପରେ କୌଣସି ବଡ଼ ନିବେଶ କରିବାକୁ ଚାହୁଁ ନାହାନ୍ତି ଏବଂ ଅନ୍ୟପକ୍ଷରେ ଚାଷୀ କମ୍ପାନୀମାନଙ୍କ ଦ୍ୱାରା ନିଜ ଚୁକ୍ତିରୁ ଅହରିଯିବାର ଆଶଙ୍କାରୁ ବଂଚିବା ପାଇଁ ନିଜଆଡୁ ସେହି ଫସଲ ଓ ଜମିର ଗୁଣବତା ବଢ଼େଇବା ପାଇଁ କମରୁ କମ ନିବେଶ କରିବା ପାଇଁ ଚାହୁଁଛି। ଥରେ ଆଇନ ପରିସରକୁ ଆସିବା ପରେ ଦୁଇପକ୍ଷ ନିଶ୍ଚିନ୍ତ ହୋଇ ଗୁଣବତା ଏବଂ ମୂଲ୍ୟ ଉପରେ ନିଜନିଜର ଧ୍ୟାନ କେନ୍ଦ୍ରିତ କରିପାରିବେ। କୃଷକ ଗୋଷ୍ଠୀ ଏହାର ଲାଭ ଉଠାଇ ପାରିବେ ଏବଂ ଦେଶରେ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗର ବିକାଶରେ ଏହାର ଭୂମିକା ବହୁତ ମହତ୍ୱପୂର୍ଣ୍ଣ ହୋଇପାରେ, କାରଣ ଉଦ୍ୟୋଗ ଜଗତକୁ ଏକ ନିର୍ଦ୍ଦିଷ୍ଟ ଗୁଣବତାର ଫସଲ ମନମୁତାବକ ମାତ୍ରାରେ କେବଳ ଏହି ପ୍ରଣାଳୀରୁ ମିଳିପାରେ। ଏହା ଉଲ୍ଲେଖନୀୟ ଅଟେ ଯେ ଭାରତରେ କର୍ପୋରେଟ କୃଷିକୁ ଏବେବି କାନୁନୀ ବୈଧତା ମିଳିନାହିଁ। ଅର୍ଥାତ କୌଣସି କୃଷକ ବା କୃଷକଗୋଷ୍ଠୀର ଜମିକୁ ଲିଜ ନେଇ ଚାଷକରିବା ଏବେବି କୌଣସି କମ୍ପାନୀ ପକ୍ଷରେ ସମ୍ଭବ ନୁହେଁ।

ତୃତୀୟ ଆଇନ ଯାହା ୫୫ ବର୍ଷର ପୁରୁଣା ଆବଶ୍ୟକ ବସ୍ତୁ ଅଧିନିୟମରେ ସଂଶୋଧନ ସମ୍ପର୍କିତ ଅଟେ।ଏଥିରେବି କୌଣସି କାରଣରୁ କୃଷକର ହିତ ବାଧିତ ହେବାର ଆଶଙ୍କା ନଜର ଆସୁନାହିଁ। ଏହି ଆଇନ କାରଣରୁ ଏବେଯାଏଁ କେବେବି କୌଣସିବି ଦ୍ରବ୍ୟ ଉପରେ ଭଣ୍ଡାରଣ କ୍ଷମତା ଲଗେଇ ପାରୁଥିଲେ। ଏହାର ଅର୍ଥ ଯଦି କୌଣସି ବ୍ୟାପାରୀ ୧୦୦୦ ଟନ ଚଣା ନିଜର ଗୋଦାମରେ ରଖିଛି ଏବଂ ସରକାର ମୋଟ ଚଣା ଏପରେ ୨୦୦ ଟନର ଭଣ୍ଡାରଣ କ୍ଷମତା ଲଗେଇଦେଲେ, ତାହେଲେ ରାତାରାତି ବ୍ୟାପାରୀକୁ କିଛିବି ମୂଲ୍ୟରେ ୮୦୦ ଟନ୍ ପଡ଼ିବ। ଏହି କାରଣରୁ ଏପର୍ଯ୍ୟନ୍ତ କୌଣସି ବ୍ୟାପାରୀ, କମ୍ପାନୀ ବା କୃଷକ-ଉତ୍ପାଦକ ସମୂହ (ଏଫ୍‌ପିଓ) ଗୋଦାମରେ ପୁଞ୍ଜି ନିବେଶ କରିବାକୁ ଡରୁଥିଲେ। ଏବେ ଏହି ଆଇନରେ ସଂଶୋଧନକରି ଏହା ନିଶ୍ଚିତ କରିଦିଆଗଲାକି ସରକାର କେବଳ ସେତେବେଳେ ଭଣ୍ଡାରଣ କ୍ଷମତା ଲଗେଇ ପାରିବେ, ଯେତେବେଳେ ଫଳ, ପନିପରିବାର ମୂଲ୍ୟରେ ୧୦୦ ପ୍ରତିଶତ ଓ ଶସ୍ୟର ମୂଲ୍ୟରେ ୫୦ ପ୍ରତିଶତ ବା ତାଠାରୁ ଅଧିକ ବଢ଼ିଯିବ। ଏହା ବ୍ୟତୀତ ଯୁଦ୍ଧ, ମରୁଡ଼ି, ବନ୍ୟା ପରି ବିପତି ସମୟରେ ଭଣ୍ଡାରଣ କ୍ଷମତା ଲାଗିପାରେ। ଏହି ଗୋଟିଏ ସଂଶୋଧନରେ ଆଶା କରାଯାଉଛି ଯେ ପନ୍ୟାଗାର କ୍ଷେତ୍ରରେ ବଡ଼ ରୂପରେ ନିଜକ୍ଷେତ୍ରର ନିବେଶ ଆସିବ, ଯେଉଁଠିରେ କୃଷି ଉତ୍ପାଦର ସଠିକ ଭଣ୍ଡାରଣ ହୋଇ ପାରିବ। ଏହାଦ୍ୱାରା ବର୍ଷକୁ ନଷ୍ଟ ହେଉଥିବା ପାଖାପାଖି ୯୦,୦୦୦ କୋଟି ଟଙ୍କାର କୃଷି-ଉତ୍ପାଦ ବର୍ବାଦ ହେବାରୁ ବଂଚିବା ସହିତ କୃଷକମାନଙ୍କୁ ତାଙ୍କ ଉତ୍ପାଦର ଉତ୍କୃଷ୍ଟ ମୂଲ୍ୟବି ମିଳିପାରିବ। କାରଣ ଉଚିତ ଭଣ୍ଡାରଣ ବ୍ୟବସ୍ଥା ଦ୍ୱାରା ସେମାନଙ୍କ ପାଇଁ ନିଜର ଉତ୍ପାଦକୁ କିଛିବି ମୂଲ୍ୟରେ ବିକିବାର ବାଧକତା ରହିବ ନାହିଁ।

*ବନ ଗବେଷକ, ସ୍ନାତକତର, ଓ.ୟୁ.ଏ.ଟି*
E-mail : nkp1.mbj@gmail.com

# ସ୍ମୃତିର ଆଇନାରେ, କଥାକାର ଅଖିଳ ମୋହନ ପଟ୍ଟନାୟକ



ପ୍ରଦୀପ୍ତ ଆଚାର୍ଯ୍ୟ


ଆମରାଜ୍ୟର ବହୁ ସ୍ୱନାମଧନ୍ୟ ସାରସ୍ୱତ ପ୍ରତିଭା,ଯଥା କବି, ଲେଖକ, କଥାକାର, ନାଟ୍ୟକାର ମାନେ ତାଙ୍କର କୃତି ନିମନ୍ତେ ପ୍ରସିଦ୍ଧି ଲାଭ କରିଛନ୍ତି। କିନ୍ତୁ କେତେଜଣଙ୍କୁ ଛାଡିଦେଲେ, ଅନ୍ୟ ମାନଙ୍କର ଯଶଖ୍ୟାତି ଧୀରେ ଧୀରେ ଜନମାନସରୁ ଲୁପ୍ତ ହୋଇଯାଉଛି। ସେହିପରି ଏକ ସାରସ୍ୱତ ପ୍ରତିଭା ହେଲେ,କଥାକାର ଅଖିଳ ମୋହନ ପଟ୍ଟନାୟକ,ଯିଏକି,ଅବିଭକ୍ତ ପୁରୀଜିଲ୍ଲାର ଖୋର୍ଦ୍ଧା ଠାରେ,୧୯୨୭ ମସିହା ଡିସେମ୍ବର ୧୮ ତାରିଖରେ, ତତ୍କାଳୀନ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ,ବାଙ୍କ ବିହାରୀ ପଟ୍ଟନାୟକଙ୍କ ଔରସରୁ ଜନ୍ମ ଗ୍ରହଣ କରିଥିଲେ।୧୯୪୪ ମସିହାରେ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ,୧୯୪୮ମସିହାରେ ପୁରୀ ଜିଲ୍ଲାର,ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ବି.ଏ. ଏବଂ ୧୯୫୨ ମସିହାରେ, କଟକର ମଧୁସୂଦନ ଆଇନ୍ ମହାବିଦ୍ୟାଳୟରୁ,ଆଇନ୍‌ରେ ଡିଗ୍ରୀ କରି ଶିକ୍ଷା ସମାପ୍ତି କରିଥିଲେ। ଛାତ୍ର ଜୀବନରୁ ସେ ବାମପନ୍ଥୀ ଚିନ୍ତାଧାରା ପ୍ରତି ଆକର୍ଷିତ ହୋଇଥିଲେ,ଏବଂ ସେହି ସମୟରେ ସେ ଜଣେ ଦକ୍ଷ ବିଚକ୍ଷଣ ବକ୍ତା ଭାବରେ ସୁନାମ ଅର୍ଜନ କରିଥିଲେ।ଏଥିପାଇଁ ତାଙ୍କୁ ଅନେକବାର କଲେଜରୁ ବରଖାସ୍ତ ହେବାକୁ ପଡିଛି ଏବଂ କାରାବରଣ ମଧ୍ୟ କରିବାକୁ ପଡିଛି।ପେଶାରେ ସେ ଥିଲେ ଆଇନିଜୀବି,"କିନ୍ତୁ ନିଶା ଥିଲା ତାଙ୍କର ସାହିତ୍ୟ ସାଧନା। କଲେଜରେ ଅଧ୍ୟୟନ ସମୟରେ ତାଙ୍କର ପ୍ରଥମ ଗଳ୍ପ"ସପନ"ଶଙ୍ଖ ନାମକ ପତ୍ରିକାରେ ପ୍ରକାଶିତ ହୋଇଥିଲା।ସେ ଏକାଧାରରେ ସାହିତ୍ୟାନୁରାଗୀ,କଳାପ୍ରେମୀ ଓ ସମାଜସେବୀ ଥିଲେ।ତାଙ୍କ ଜୀବନ କାଳ ମଧ୍ୟରେ,ସେ ଅନେକ ସାହିତ୍ୟ,ସଂସ୍କୃତି ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସକ୍ରିୟ ସଦସ୍ୟ ଥିଲେ।ତାଙ୍କର ମଂଚ ଅଭିନୟ ନିଶା ଯୋଗୁଁ,ସେ "ଜନତା ରଙ୍ଗମଂଚ "ପୁନରୁଦ୍ଧାର ପାଇଁ ସଦା ଚେଷ୍ଟିତ ଥିଲେ।ତାଙ୍କର ସ୍ମରଣୀୟ କାଳଜୟୀ ସାହିତ୍ୟ କୃତି ମଧ୍ୟରୁ,୧୯୬୪ ରେ ପ୍ରକାଶିତ ଗଳ୍ପ ସଂକଳନ"ଝଡର ଇଗଲ ଓ ଧରଣୀର କୃଷ୍ଣସାର",୧୯୭୯ ରେ ପ୍ରକାଶିତ ଗଳ୍ପ ସଂକଳନ "ଓ ଅନ୍ଧଗଳି",୧୯୮୪ରେ ପ୍ରକାଶିତ ଗଳ୍ପ ସଂକଳନ"ନଦୀର ନାମ ଗଣତନ୍ତ୍ର", ୧୯୯୦ରେ ପ୍ରକାଶିତ ଗଳ୍ପ ସଂକଳନ "ପ୍ରଥମ ଓ ଶେଷ",ଭ୍ରମଣ କାହାଣୀ "ଅନ୍ୟ ଦେଶ",ଚିଠି ସଂକଳନ, "ଅନାଗତ ଫାଲ୍‌ଗୁନ",ଜୀବନୀ ସଂକଳନ, "ବାଘରାଣୀ ଖଇରୀ",ଇତ୍ୟାଦି ଉଲ୍ଲେଖଯୋଗ୍ୟ।"ଓ ଅନ୍ଧଗଳି" ଗଳ୍ପ ସଂକଳନ ନିମନ୍ତେ, ତାଙ୍କୁ ୧୯୮୧ ମସିହାରେ,କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିଲା।ତାଙ୍କ ସମସାମୟିକ ଲେଖକ ମାନେ,ମୁଖ୍ୟତଃ ଗ୍ରାମାଚଂଳ ଜୀବନଧାରା ଉପରେ ସାହିତ୍ୟ ସୃଷ୍ଟି କରୁଥିବା ବେଳେ,ଅଖିଳ ମୋହନଙ୍କ ସୃଷ୍ଟି ସହରୀ ଜୀବନ ଉପରେ ପର୍ଯ୍ୟବସିତ ଥିଲା।ତାଙ୍କ ଲିଖିତ ପୁସ୍ତକ ଗୁଡିକ,ଇଂରାଜୀ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାରେ ମଧ୍ୟ ଅନୁବାଦିତ ହୋଇଅଛି।କେତେକ ସ୍ଥାନରେ ତାଙ୍କର ଜନ୍ମଦିନ ଡିସେମ୍ବର ୧୮ ତାରିଖକୁ "ଅଖିଳ ଉତ୍ସବ" ରୂପେ ପାଳନ କରାଯାଏ। ଏହିପରି ଜଣେ ବିଶିଷ୍ଟ ପ୍ରତିଭାଧାରୀ, ସାହିତ୍ୟାନୁରାଗୀ, କଥାକାରଙ୍କ ସ୍ମୃତିଚାରଣ କରି,ତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ,ତାଙ୍କ ପରି ଜଣେ ବିଶିଷ୍ଟ ସାହିତ୍ୟିକ,ଆମ ଗହଣରେ ବାରମ୍ବାର ଜନ୍ମ ଗ୍ରହଣ କରନ୍ତୁ,ଏହାହିଁ ଈଶ୍ୱରଙ୍କ ନିକଟରେ ଆମର ନିବେଦନ।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଈଶାଣୀବ୍ରହ୍ମପୁର,କଟକ*
*ମୋ-୬୩୭୧୫୯୩୨୨୦*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ଼ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**




# ବେଳ ଭଲ ନାହିଁ

**ଛାଡ଼୍** ଆଗକୁ କ'ଣ ଘଟିବ ସେକଥା ଭାବି ଲାଭ ନାହିଁ। ଆମ ବେଳକାଳ ଆଉ କେତେଦିନ ଯେ କଟିଗଲେ ଯାଏ, ଏସବୁ ଝମେଲା ମୁଣ୍ଡ ନ ପୂରାଇ ଆମର ତାସ ଖେଳି ସମୟ କଟିଗଲେ ଯାଏ। ଆଜି କ'ଣ ତାସ ଖେଳ ହେବନି କି?

କ'ଣ ଆମେ ଏଇ ତିନିଜଣ ଖେଳିବା? ରହ ଆଉ ଜଣେ କିଏ ଆସୁ।

ମଲା ଖେଳିବାକୁ କ'ଣ ଲୋକ ଅଭାବ ନା କ'ଣ। ତବେ ଫେଣ୍ଟା ଫେଣ୍ଟି କରି ବାଜି ସଜାଡ଼ିବା ଭିତରେ ଦେଖୁନା କିଏ ଜଣେ ପହଞ୍ଚିଯିବ।

ହେଇପା' କୈଳାସ ଏପଟେ ଆସୁଛି, ସେ ତ ଖେଳିବାକୁ ଆଗଭର ନା।

ସେ'ତ କ'ଣ ଜାମା ଯୋଡ ହୋଇ ଆସୁଛି, କୁଆଡକୁ ଯିବ ବୋଲି ବାହାରିଛି ନା କ'ଣ?

ହଁ, ତା' ପୋଷାକ କହୁଛି ବାହାରକୁ ଯିବା ଭଳି, ହଉ ଆସୁ, ତମେ ବାଜି ସଜାଡ଼।

ବୁଝିଲ ଗୋଲେଖ ଭାଇ - କୈଳାସ ଟୋକାଟା ଉଦ୍‌ଯୋଗିଆଟିଏ ବୋଲି ଜାଣ। ଦେଖୁନା ବର୍ଷ କେଇଟାରେ କ'ଣ କରି ପକାଇଲାଣି। ଔଷଧ ନାଆଁ ପଢ଼ି ପାରିଲା ଭଳି ପାଠ ପଢ଼ିଛି, ହେଲେ ଔଷଧ ଦୋକାନଟିଏ କରି କେମିତି କମାଲ କରୁଛି। ଡାକ୍ତର ନଥିଲେ ତାକୁ ପଚାରି ଦିଅ, ସବୁ ରୋଗ ପାଇଁ ଠିକ୍ ଠିକ୍ ଔଷଧ ବତାଇ ଦେବ। ଇଞ୍ଜେକ୍ସନ୍ ଓ ସାଲାଇନ୍ ବି ଲଗାଇ ଦେବ। ସେଦିନ ଦେଖିଲନି, ବଇଆ ଝିଅ ଡାଇରିଆରେ କତରା ଲଗା ହୋଇ ମେଡିକାଲକୁ ଆସିଥିଲା, ଆମର ଏ ଟୋକା ଡାକ୍ତର ତ ଘଣ୍ଟେ କାଳ ତା' ନାଡ଼ି ପାଇଲା ନାହିଁ ସାଇଲାଇନ ଦେବା ପାଇଁ। ଖୋଜା ପଡିଲା କୈଳାଶକୁ ସେ ସଙ୍ଗେ ସଙ୍ଗେ ନାଡ଼ି ପାଇ, ସାଲାଇନ୍ ଲଗାଇ ତାକୁ ବଞ୍ଚାଇ ଦେଲାନା।

ବାଡି ବାଇଗଣ ଓ ପୋଥି ବାଇଗଣ କ'ଣ ମାଗଣାରେ କୁହାଯାଇଛି। ଆଜିକାଲିକା ଡାକ୍ତର ବହି ଘୋଷି ଘୋଷି ଡିଗ୍ରୀ ନେଇ ଆସିଛନ୍ତି, ନାଡି ବି ଭଲ କରି ଚିହ୍ନି ନ ଜାଣୁନୁ ଡାକ୍ତର। ରୋଗୀଟିଏ ଗଲେ ସେ ରୋଗ କ'ଣ କହି ନ ସାରୁଣୁ ପ୍ରେସ୍କ୍ରିପ୍‌ସନ୍ ଲେଖି ବଢ଼ାଇ ଦେଉଛନ୍ତି ଯାଆ ଔଷଧ କିଣି ଆଣ ବୋଲି। ଆଗରୁ ଯେଉଁସବୁ ରୋଗ ଟୁଟୁକା ଟୁଟୁକିରେ ଭଲ ହେଉଥିଲା, ଏବେ ସେସବୁ ରୋଗ ପାଇଁ ଶହ ଶହ ଟଙ୍କାରେ ଔଷଧ କିଣିବାକୁ ପଡୁଛି।

ଶହ ଶହ ଟଙ୍କାରେ ଔଷଧ କିଣିବା ପରେ କେଉଁ ଭଲ ହେଉଛି ଯେ। ରୋଗୀ ଦିନେ ଦେଖିଲା, ଦିଇ ଦିନ ଦେଖିଲା, ରୋଗ ଭଲ ହେଲାନି କି ଯନ୍ତ୍ରଣା ଯଦି ନ କମିଲା ଡାକ୍ତରଙ୍କ ପାଖକୁ ଗଲେ, ସିଏ ପ୍ରେସ୍କ୍ରିପ୍‌ସନ୍ ବଦଳାଇ ଆଉ ମେଞ୍ଚେ ଔଷଧ ଲେଖି ଦେଉଛନ୍ତି। ରୋଗ ଇଆଡେ ଭଲ ହେଉ ବା ନ ହେଉ ତମେ ଔଷଧ କିଣି କିଣି ମରିଯିବ।

ବୁଝିଲୁ ବିଚ, ଏଇସବୁ ଗୋଟିଏ ଗୋଟିଏ ଚାଲ, ତୁ ବୋଧେ ତା' ଭିତରକୁ ପଶିନୁ।

କି ଚାଲ?

ଏଇଟା ଔଷଧ ଦୋକାନୀ ଓ ଡାକ୍ତରଙ୍କ ଚାଲ। ଚାଲ କ'ଣ, ସିଧା କଥା ହେଲା କମିଶନ। ଡାକ୍ତର ଯେତେ ପ୍ରେସ୍କ୍ରିପ୍‌ସିନ୍ କରିବେ ସେତେ ଔଷଧ ବିକ୍ରି ହେବ। ଔଷଧ ଦେକାନର ବିକ୍ରି ଉପରେ ଡାକ୍ତର କମିଶନ ପାଇବେ। ରୋଗୀ ତା'ର ଔଷଧ କିଣି କିଣି ମରୁଥାଉ, ଡାକ୍ତର କମିଶନ ପାଇଲେ ଗଲା। ଏମାନେ କ'ଣ ଆଜିକାଲି ସେବା ମନୋବୃତ୍ତି ନେଇ ଡାକ୍ତର ହେବାକୁ ଆସିଛନ୍ତି। ସେମାନେ ତ ଆଗେ ହିସାବ କରୁଛନ୍ତି ତାଙ୍କ ପାଠ ପଢ଼ାରେ କେତେ ଖର୍ଚ୍ଚ ହୋଇଛି ସେ ଟଙ୍କା ଉଠିବ କେମିତି।

ହେଲେ ଗୋଲେଖ ଭାଇ, ଏବେ ବି ଡାକ୍ତର ଅଛନ୍ତି ସେମାନେ ଫିସ୍ କଡା କରି ନେଉଛନ୍ତି, ମାତ୍ର ପାନେ ଔଷଧରେ ରୋଗ ଭଲ। ମୋ ଝିଅର ପୁଅକୁ ଛଅ ମାସ ଯାଏ ଝାଡା ଲାଗି ରହିଥିଲା, ସିଏ ତ ଦୁନିଆଁଯାକର ଡାକ୍ତର ଦେଖାଇ ଥକି ପଡିଥିଲା, ତାକୁ କିଏ ଜଣେ କଟକର ଗୋଟେ ଡାକ୍ତର ନାଆଁ କହିଲା, ସେଠିକୁ ଗଲା। ସେ ଫିସ୍ ଶହେଟଙ୍କା ନେଲା ସତ, ମାତ୍ର ଔଷଧ ଲେଖିନା ଗୋଟିଏ ଟାବଲେଟ୍। କହିଲା ଏହି ଟ୍ୟାବଲେଟ୍‌ଟାକୁ ଖୋଇଦେବ; ମାତ୍ର ଭୁଲରେ ବୋତଲରେ ଦୁଧ ପେଇବ ନାହିଁ। ସେହି ଗୋଟିଏ ପାନରେ ତ ତା' ଝାଡା ବନ୍ଦ।

(କ୍ରମଶଃ)

# କି ଦୋଷ



**ଗଜାନନ ମିଶ୍ର**



**ମ**ଦ ଗଞ୍ଜେଇ ଚରସ ବିଡି
ସିଗାରେଟ୍ ଗୁଟଖା ଖାଏ ନାଇଁ
କେବେ ଖାଇ ପାରିଲିନି
ମୋର କି ଦୋଷ!

ଏ ଘର ସେ ଘର ଅଡକା
ଯାଇଛ ନ କହି
ପରଘରେ ଅଶାନ୍ତି କେବେ
ସୃଷ୍ଟି କରି ନାଇଁ ମୋର କି ଦୋଷ!

ଜୁଆ ସଙ୍ଗା ଜିତାନିଗୁଡୁ କେବେ
ଖେଳି ନାଇଁ
ଖେଳେଇ ନାଇଁ ମୋର କି ଦୋଷ!

ମିଛ ସତ କହି ସ୍ତ୍ରୀର ମନ
ଜାଣି କିଛି କରି ନାଇଁ
କରି ପାରିନି ବୃଥା
ପ୍ରତିଶ୍ରୁତିରେ ମୋର କି ଦୋଷ!

ଆକାଶକୁ ଅନେଇଛି ଘଣ୍ଟା ଘଣ୍ଟା
ସମୁଦ୍ରକୁ ଫିଙ୍ଗିଛି ନଡିଆ
ମୋର କି ଦୋଷ!

ପବନକୁ ଅବଶ୍ୟ କେବେ
କେବେ କହିଛି
କଦମତାଳରେ ଆ ଆ।

ନିଆଁକୁ ବି କହିଛି ଜଳା
ଆହୁରି ଜଳା ପର୍ବତ ଉପରେ।
କହିଛି ମାଟି ମତେ ଥା ଥା
ଏଇଠି ଏମିତି ବର୍ଷା ଶୀତରେ।
ଭାଗ୍ୟସହ ଖେଳିଛି
ବିରୋଧାଭାସରେ
ଅନେକବେଳେ ଲମ୍ଫଦେଇ
ଅନାହୂତ।

ଦୋଷାଦୋଷକୁ କରିନି ଖାତିର୍।
ନିଜପର ଭୁଲି ଯାଇଛି ଆଇଛି
କେହି କିଛି କହୁ ନ କହୁ।
ଲୀଳାଖେଳାକୁ ବୁଝିଛି ଠିକ୍
କହିନି କି କହୁନି କାହାକୁ।


ଯଦି ସୂର୍ଯ୍ୟ ଉଦିଲା ଯଦି ତାରା ଝଡିଲେ
ଯଦି ଗଛରେ ପତ୍ର କଅଁଳିଲା
ଚଢ଼େଇ ଯଦି ଉଡି ଆସି
ଅନ୍ୟତ୍ର ବସିଲା
ମୋର କି ଦୋଷ କି ଦୋଷ!

*ତପୋବନ, ଟିଟିଲାଗଡ, ବଲାଙ୍ଗିର*

# ଜହର ଜହ୍ନ



**ପୂର୍ଣ୍ଣ ମହାରଣା**



**କ**ଣେଇ ଚାହାଁନା
କରତୀ ହଉଚି ଛାତି
କଥା ଦେଏନା
ଅନିଦ୍ରାରେ କଟେ ସାରାରାତି!

ଅଛନ୍ତି ଅନେକ ହେଲେ
ତୋ ପାଇଁ କାଇଁକି କେଜାଣି
ଛାତି ମୋର ହୁଏ ଦିକିଦିକି!

ତୁତ ମୋର ଆପଣାର ନୁହଁକି
ନୁହଁ ବି ନିଜର
ସମ୍ପର୍କ ନଥିଲା ମୋଟେ
ଏଇ ଯାହା ଦେଖାଚାହାଁ
ମାତ୍ର କେଇଥର!

ତମ ଗାଆଁରେ ପତ୍ର ପଡିଲେ
ଆମ ଗାଆଁରେ ଶବ୍ଦଟେ
ତମ ଗାଆଁରେ ଫୁଲ ଫୁଟିଲେ
ଆମ ଗାଆଁକୁ ବାସ୍ନା ଛୁଟେ!

ତମ ଗାଆଁ ନଈ
ଆମ ଗାଆଁର କୂଳଖାଏ
ତମ ଗାଁ ପବନ ଆମ ଗାଆଁ
ଗଛ ପତର ସନ୍ଧିରେ
ଗୀତ ଗାଉ ଥାଏ!

ଭାବିଚି ଅନେକ ଥର
ତମ ଆଗେ ସବୁଖୋଲି
କହିଦେବି ବୋଲି
ହେଲେ କୋଉବା ପାରୁଚି!

ପିଟି ଦେବିକି ମୁଣ୍ଡ
ତମଗାଁ ଗୋଲଟୋଲ ଜହ୍ନକୁ
ଦେଖିଦେଲା ପରେ ହିଁ ଭାବୁଚି!


*ବାଲକାଟି, ଖୋର୍ଦ୍ଧା*
*ଦୂରଭାଷ : ୯୯୩୭୭୭୭୬୫୨*

# କବିତାର କଥା

(ଭାଗ-୬)



**ଉମାକାନ୍ତ ରାଉତ**



## ଚିର ଦରିଦ୍ର ହୋଇ ବି ଚିର ସମ୍ପତ୍ତିବାନ୍

କବିତାଟିଏ ହୋଇ ଝରିବା ଓ ନଦୀଟିଏ ହୋଇ ଚିରନ୍ତନଭାବେ ବହିଯିବାର ସାତ୍ତ୍ୱିକ ଅଭୀପ୍ସା କେବଳ ଜଣେ ନିର୍ମଳ କବି ହିଁ କରିପାରେ। ନିର୍ମଳ କମିଟିଏ ଶତ ହସ୍ତରେ ଆହରଣ କରୁଥିଲେ ବି ସହସ୍ର ହସ୍ତରେ ସଂପ୍ରଦାନ କରି ଚାଲିଥାଏ। ସେଥିପାଇଁ ଚିରଦରିଦ୍ର ହୋଇ ବି ସେ ଚିରସମ୍ପତ୍ତିବାନ୍। ଦେବାର ବିକଳତା ଯୋଗୁଁ ସେ ପାଇବାର କାଙ୍ଗାଳ ନାଗଫାଶରୁ ମୁକ୍ତ। ତାହାହିଁ ତା'ର ବିଭୂତି ଓ ବିଭବ। ସେଥିପାଇଁ ସେ ତାର ସୁକୁମାର ତନୁକୁ ଜାଳି ଅନଳରେ ସ୍ନାନ କରିପାରେ। ସକଳ ସ୍ୱପ୍ନକୁ ଦଳିମକଚି ନର୍କର ପଥରେ ଚାଲିପାରେ। ପୁଣି ତା'ର ପାଗଳ ଛାତିକୁ ପତାଇ ବିପକ୍ଷର ତୀରକୁ ଆବାହନ କରିପାରେ ଓ କଣ୍ଠ ଫଟାଇ ମରଣର ମଧୁର ଗୀତିକା ଗାଇପାରେ। ଦେହସର୍ବସ୍ୱତାର ଉର୍ଦ୍ଧ୍ୱରେ ରହିବାର ସଦା ପ୍ରୟାସରେ ଥାଏ ନିର୍ମଳ କବି।

କବିର ସୃଜନ ପ୍ରବାହ ଖରସ୍ରୋତା ନଦୀ ଭଳି ବିଶାଳତା ଆଡକୁ ସଦା ଧାବମାନ ହୋଇଥାଏ। ଉକ୍ତ ପ୍ରବାହରେ ଓତଃପ୍ରୋତଭାବେ ଜଡିତ ଥାଏ ସାମଗ୍ରିକ ଜୀବନର କଳରୋଳ। ଅତଏବ, ମୁକ୍ତିର ପଥ ଅନ୍ୱେଷଣ କରୁ କରୁ କବି ଜୀବନ ଓ ଜଗତର ସା-ରେ-ଗା-ମାକୁ କେବେ ବି ନିରବି ଯିବାକୁ ପ୍ରଶ୍ରୟ ଦିଏନାହିଁ। ସୁତରାଂ, କବିର ସର୍ଜନାରେ ଫୁଟିଉଠେ ବହୁବିଧ ଆଙ୍ଗିକ ଅନୁଭବର ଆତ୍ମିକ ରୂପ... ନାନାବିଧ ବର୍ଣ୍ଣାଳୀ ଓ ଜଗତ ଜୀବନର ବର୍ଣ୍ଣବୋଧ।

ଭାବରାଜ୍ୟରେ ଖୁବ୍ ବଳିୟାନ ହୋଇ ମୁକ୍ତ ବିଚରଣ କରୁଥିବାରୁ ଅଭାବ ରାଜ୍ୟର ଆପେକ୍ଷିକ ଦାରିଦ୍ର୍ୟ ନିର୍ମଳ କିବଙ୍କୁ ଆକ୍ରାନ୍ତ କରିପାରେ ନାହିଁ।

ସେଥିପାଇଁ ଆକାଶରେ ଉର୍ଦ୍ଧ୍ୱ ଉଡାଣ ଭରୁଥିବା ପକ୍ଷୀଟିଏ ଭଳି ଅସୀମ ଆକାଶର ମାନସିକତାରେ ବିଚରଣ କରୁଥାଏ କବି। ପକ୍ଷୀଠାରୁ ସମଗ୍ର ଆକାଶର ଅଧିକାର ଛଡେଇ ନେବାର ତାକତ କାହାର ଅଛି କି? କବିଟିଏ କ'ଣ ପକ୍ଷୀଟିଏ ନୁହେଁ?

ସେଇଥିପାଇଁ ତ ସମସ୍ତ ଯାତନା ଜ୍ୱାଳା ସଂଘାତକୁ ଅକ୍ଳେଶରେ ଚଳୁ କରି, ପାଇବାର କାଙ୍ଗାଳ ନାଗଫାଶରୁ ମୁକ୍ତ ଥିଲେ ବୋଲି ସନ୍ଥକବିଙ୍କ ଛାତିରୁ ଉକୁଟି ଉଠିଥିଲା -

"ପ୍ରାଣୀଙ୍କ ଆରତ ଦୁଃଖ ଅପମିତ
ଦେଖୁ ଦେଖୁ କିବା ସହୁ
ମୋ' ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ"

ସ୍ଥୁଳ ଦୃଷ୍ଟିରୁ ଦରିଦ୍ର ହେଲେ ବି ସୂକ୍ଷ୍ମଭାବରେ ଏହା ଚିରସମ୍ପତ୍ତିବାନର ଜ୍ୱଳନ୍ତ ଦୃଷ୍ଟାନ୍ତ ନୁହେଁ କି?

ନିମ୍ନ ଉଚ୍ଛ୍ୱାସକୁ ଲକ୍ଷ କରାଯାଉ ...

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲିଯାଆନ୍ତୁ ପିଠିରେ
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୁରୁ ତହି ପଡି ମୋର ମାଂସ ହାଡ"

ଜଣେ ନିଜକୁ ଚିରସମ୍ପତ୍ତିବାନ୍ ବୋଲି ଅନୁଭବ ନକଲେ ଏମିତି ସ୍ୱତଃ ଉଦଭାସ ନିର୍ଗତ ହୋଇପାରେ କି?

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ଥେରାପି

**ଲିପ୍‌ସା ପଟେଲ**



**ରା**ତି ପ୍ରାୟ ଏଗାରଟା ପଇଁଚାଳିଶ। ହଠାତ୍ ନିଶିର ଫୋନରେ ଚମକି ପଡିଲେ ସ୍ୱପ୍ନା। ଏତେ ରାତିରେ ତ ନିଶି କେବେ ଫୋନ୍ କରେନି। କ'ଣ ଅସୁବିଧା ହେଲା କି? ଏମିତିରେ ପ୍ରତ୍ୟେକ ମା' ମାନଙ୍କର ହୃଦୟ ନିଜ ନିଜ ପିଲାଙ୍କୁ ନେଇ ଆଶଙ୍କାରେ ଭର୍ତ୍ତି ଥାଏ। ପିଲାମାନେ ଘର ବାହାରେ ରହିଲେ ସେଇ ଆଶଙ୍କା ବହୁଗୁଣିତ ହୋଇଯାଏ। ସ୍ୱପ୍ନାଙ୍କର ମଧ୍ୟ ସେଇ ଅବସ୍ଥା। ନିଶି ଏବେ ମେଡିକାଲ କଲେଜରେ ପିଜି ଶେଷ ବର୍ଷର ଛାତ୍ରୀ। ସେ ଯେବେଠୁ ବାହାରେ ରହି ପାଠ ପଢ଼ା ଆରମ୍ଭ କଲା, ସେଦିନରୁ ସ୍ୱପ୍ନା କେବେହେଲେ ଫୋନକୁ ବନ୍ଦ କରିନାହାନ୍ତି। ସବୁବେଳେ ତାଙ୍କ ମୋବାଇଲ ଖୋଲ ହିଁ ରହେ। ଦୀପକଙ୍କ ନିଦରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା କରି ମୋବାଇଲକୁ ନିରବ କରିଦିଅନ୍ତି ପଛକେ ବନ୍ଦ କରନ୍ତିନି। ଏଇ କାରଣରୁ ଦୁଇ ତିନିଟା ମୋବାଇଲ ବି ବଦଳ କରିସାରିଲେଣି।

ମୋବାଇଲର ଉଜ୍ଜ୍ୱଳ ପରଦା ଦେଖି ସଙ୍ଗେ ସଙ୍ଗେ ଫୋନ୍ ଧରିନେଲା ସ୍ୱପ୍ନା। ଦୀପକ ନିଦ ରାଇଜରେ କେତେବେଳକୁ ହଜିସାରିଥିଲେ। ଦୀପକଙ୍କ ନିଦ ହଠାତ୍ ଭାଙ୍ଗିଗଲେ ଆହୁରି ଅସୁବିଧା। ମୁଣ୍ଡ ବିନ୍ଧା ଆରମ୍ଭ ହେଲେ ଦୁଇ ତିନି ଦିନ ଧରି ଲାଗିରହିଥାଏ। ତା' ପାଇଁ ପୁଣି ଅନେକ ଔଷଧ ଓ ଘରୋଇ ଚିକିତ୍ସା ଲୋଡା। ତେଣୁ ନିହାତି ଜରୁରୀ ନଥିଲେ ଦୀପକଙ୍କୁ କେବେ ବି ସ୍ୱପ୍ନା ନିଦରୁ ଉଠାନ୍ତିନି। ନିଶିର ସ୍ୱରରୁ ସ୍ୱପ୍ନା ଜାଣିପାରୁଥିଲେ ତା'ର ଭାବାବେଗ କିଛିଟା ଭିନ୍ନ ଥିଲା। ସେ ସକାଳୁ ପ୍ରଥମ ବସ୍ ଧରି ସଙ୍ଗେ ସଙ୍ଗେ ମେଡିକାଲ କଲେଜକୁ ଆସିବା ପାଇଁ ତା' ମାମାକୁ ଅନୁରୋଧ କରୁଥିଲା। ଏକଥା କିନ୍ତୁ ବାପାଙ୍କୁ ନ ଜଣାଇ କେବଳ ଦେଖା କରିବାକୁ ଯାଉଛି କହି ଆସିବା ପାଇଁ ମଧ୍ୟ ମାମାକୁ କହୁଥିଲା। ସ୍ୱପ୍ନା ଟିକିଏ ଛାନିଆ ହୋଇପଡିଲେ। କ'ଣ କିଛି ଘଟଣା ଘଟିଛି? ନିଶି ସହ କିଛି ଅସୁବିଧା ହୋଇନି ତ? ନିଶି ତ ଯେତେ ପଚାରିଲେ ସୁଦ୍ଧା କହି କହୁନି, କେବଳ ଶୀଘ୍ର ଆସିବା ପାଇଁ ଘୋଷା ଲଗାଉଛି। କାନ୍ଦିବାର ଆଭାସ ତ ନାହିଁ, ପୁଣି କଥା କ'ଣ? ରାତିସାରା ସ୍ୱପ୍ନାଙ୍କ ଆଖିରେ ନିଦ ନାହିଁ। ସେଇ ରାତି ହିଁ ସେ ବ୍ୟାଗ୍ ସଜାଡିଦେଲେ।

ସକାଳୁ ସକାଳୁ ହିଁ ନିଶି କହିବା ମୁତାବକ ପ୍ରଥମ ବସ୍ ଧରି ସ୍ୱପ୍ନା ପହଞ୍ଚିଗଲେ ନିଶି ରହୁଥିବା ଭଡାଘରେ। ନିଶି ତ ଆଖି ସାମ୍ନାରେ, ଠିକ୍ ଠାକ ଦେଖାଯାଉଛି। କିଛି ପଚାରିବା ପୂର୍ବରୁ ହିଁ ନିଶି ମାମାକୁ କାହା ସହ ଭେଟାଇବା ପାଇଁ ଡାକିଛି ବୋଲି କହିସାରିଥିଲା। ସ୍ୱପ୍ନା ଓଲଟି କହୁଥିଲେ, ଯଦି ଭେଟାଇବାର ଥିଲା ତ ତୋର ବାବୁଙ୍କୁ ମଧ୍ୟ ସାଥିରେ ନେଇ ଆସିଥିଲେ ଏକା ଥରେ ଦେଖା ସାକ୍ଷାତ ହୋଇଯାଇଥାନ୍ତା। ସ୍ୱପ୍ନା ଭାବୁଥିଲେ ନିଶି ତା'ର ପସନ୍ଦର ଜୀବନସାଥୀ ବାଛିନେଇଛି ଓ ତା' ସହ ଭେଟ କରାଇବା ପାଇଁ ଡାକିଛି। ଅନେକଥର ସେ ଛୁଟିରେ ଘରକୁ ଗଲେ ଅବା ତା'ର ଡ୍ୟୁଟି ଅଫ୍ ଥିଲେ ସେ ଆଶିଷ ସହ ବୁଲାବୁଲି କରେ। ତା' ବିଷୟରେ ସେ ସ୍ୱପ୍ନାଙ୍କୁ ମଧ୍ୟ କହିଛି କେତେଥର। ତେଣୁ ସେ ଆଶିଷ ଓ ନିଶିର ସମ୍ପର୍କକୁ ମନେ ମନେ ସହମତି ବି ଦେଇସାରିଛନ୍ତି। ଝିଅ ଯଦି ନିଜ ପସନ୍ଦର ଡାକ୍ତରକୁ ବାହା ହୁଏ, ତେବେ ତାଙ୍କପଟୁ କିଛି ଆପତ୍ତି ନାହିଁ।

-ମାମା! ଆମ ପାଖରେ ସମୟ ବହୁତ କମ। ତୁମେ ଶୀଘ୍ର ଗାଧୋଇ ପ୍ରସ୍ତୁତ ହୋଇଯାଅ। ମୋ ସହ ଡାକ୍ତରଖାନା ଯିବ।

-ନିଶିର କଥା ଶୁଣି ସ୍ୱପ୍ନା ଟିକେ ହସିଦେଇ କହିଲେ, ଦୁହେଁ ଡାକ୍ତର ବୋଲି କଣ ସବୁବେଳେ ସମସ୍ତଙ୍କ ସହ ଡାକ୍ତରଖାନାରେ ହିଁ ଦେଖା କରିବ? ଘରକୁ ଡାକିଲୁନି?

-ନା, ସେ ଘରକୁ ଆସିପାରିବେନି। ତୁମେ ଦେଖା କଲେ ବଳେ ବୁଝିଯିବ।

ରାସ୍ତାସାରା ନିଶି ଚୁପ୍ ଚାପ୍ ଗାଡି ଚଳାଉଥାଏ। ଏଇ କାର ଗତ ଦୁଇବର୍ଷ ତଳେ ଦୀପକ ନିଶିର ଜନ୍ମଦିନରେ ଉପହାର ଦେଇଥିଲେ। ଝିଅ ଆଖି ସାମ୍ନାରେ କେତେ ବଡ ହୋଇଗଲା ସତରେ। ନିଶି ଗାଡିରୁ ଓହ୍ଲାଇବା ପୂର୍ବରୁ ତା' ମାମାକୁ କହିଲା, ଏଇଠି ଯାହା ବି ଘଟିବ ସେକଥା ସେ କିମ୍ବା ସ୍ୱପ୍ନା ଭୁଲରେ ବି ଦୀପକଙ୍କୁ ଜଣାଇବେ ନାହିଁ। ଦୀପକ ଯେ କେତେ ରାଗି ଲୋକ ଏ କଥା ବେଶ୍ ଭଲ ଭାବରେ ଜାଣନ୍ତି ସ୍ୱପ୍ନା ଓ ନିଶି। ସ୍ୱପ୍ନା ନିଶିର କଥା ଶୁଣି ଆହୁରି ଶଙ୍କାଗ୍ରସ୍ତ ହୋଇପଡିଲେ। ଏମିତି କ'ଣ ସବୁ କହୁଛି ନିଶି? ସେ କିଛି ପଚାରିବା ପୂର୍ବରୁ ହିଁ ନିଶି ତାଙ୍କ ହାତଧରି ଗୋଟିଏ କ୍ୟାବିନ୍ ପଟେ ନେଇଗଲା।

କ୍ୟାବିନ୍‌ର ଦରଜା ପାଖରେ ସ୍ୱପ୍ନାଙ୍କୁ ଅଟକିବାକୁ କହି ନିଶି ଏକୁଟିଆ ଭିତରକୁ ଗଲା। ସାମ୍ନା ବେଡରେ ଶୋଇଥିବା ଭଦ୍ର ବ୍ୟକ୍ତିଟିଙ୍କୁ ଯିଏ ତା'ର ଚିକିତ୍ସାଧୀନ ରୋଗୀ, ତାଙ୍କୁ ଆଖି ବନ୍ଦ କରିବାକୁ କହିଥିଲା। ଧୀରେ ଧୀରେ ଦରଜା ଖୋଲି ସ୍ୱପ୍ନାଙ୍କୁ ଭିତରୁ ଡାକିଲା ଓ ଭଦ୍ରବ୍ୟକ୍ତିଙ୍କୁ ଆଖି ଖୋଲିବାକୁ କହିଲା। ସେ ଆଖି ଖୋଲୁ ଖୋଲୁ ତାଙ୍କ ପାଦ ଛୁଇଁ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲା। ଭଦ୍ରବ୍ୟକ୍ତିଙ୍କ ନାଁ ଥିଲା ନିଶିକାନ୍ତ ଅଧିକାରୀ। ସେ ରକ୍ତ କର୍କଟ ରୋଗୀ। ତାଙ୍କ ଜୀବନର ଅବଧି କହିବା ଏବେ ଡାକ୍ତରଙ୍କ ପାଇଁ ମଧ୍ୟ କଷ୍ଟସାଧ୍ୟ।

-ତେବେ କେମିତି ଲାଗିଲା ଏଇ ଜନ୍ମଦିନ ଉପହାର? ନିଶି ନିଜ ମାମାକୁ ଜାବୁଡି ଭଦ୍ରବ୍ୟକ୍ତିଙ୍କୁ ପଚାରିଲା।

ନିଶିକାନ୍ତ ଓ ସ୍ୱପ୍ନା ଦୁହେଁ ନିର୍ବାକ। ଏତେବର୍ଷ ପରେ ଦୁହେଁ ଦୁହିଁଙ୍କୁ ଭେଟୁଛନ୍ତି ତାହା ପୁଣି ଏମିତି ନିଶି ସାମ୍ନାରେ ଅପ୍ରତ୍ୟାଶିତ ଭାବରେ। କ'ଣ କେହି ସମ୍ବୋଧନ କରିବେ ଅବା କଥାବାର୍ତ୍ତା ଆରମ୍ଭ କରିବେ? ନିଶିକାନ୍ତଙ୍କ ଅନୁମାନ ତେବେ ଠିକ୍ ଥିଲା। ନିଶି ହିଁ ସ୍ୱପ୍ନାଙ୍କ ଝିଅ। ସେ ତ ପ୍ରଥମ ଦିନରୁ ପଚାରିବେ ଭାବୁଥିଲେ; କିନ୍ତୁ ଏଥିପାଇଁ ପୁଣି ଯଦି ସ୍ୱପ୍ନାଙ୍କ ସଂସାରରେ ଝଡ ସୃଷ୍ଟି ହେବ, ତେବେ ସେ ନିଜକୁ କେବେ କ୍ଷମା କରିପାରିବେ ନାହିଁ। ତେଣୁ ନିଜ ଜୀବନର ସର୍ବୋତ୍ତମ ପ୍ରାପ୍ତି, ନିଜ ପ୍ରେମର ପୁଲକ ଓ ଅନେକ ସୁଖଦ ସ୍ମୃତିକୁ ପର୍ଯ୍ୟାୟକ୍ରମେ ନିଶି ସହ ବାଣ୍ଟିଥିଲେ। ଯେତେବେଳେ ନିଶି ତାଙ୍କ ପ୍ରେମିକାର ନାଁ ପଚାରିଥିଲା, ଅବିଳମ୍ୱେ ନିଶିକାନ୍ତ ଝର୍କା କାଚ ପଟେ ଦେଖାଇ କହିଥିଲେ, ଠିକ୍ ଏମିତି ଚେହେରା ଥିଲା ମୋ ପ୍ରେମିକାର। ଏବେ ସେ କେଉଁଠି ଅଛି ତାକୁ ଜଣାନାହିଁ। ନିଶି ଠିକ୍ ବୁଝିପାରିଥିଲା ତାଙ୍କ ଇସାରା।

କିଛିଦିନ ତଳେ ନିଶିକାନ୍ତଙ୍କ ଅବସ୍ଥା ସାଂଘାତିକ ହୋଇପଡିଥିଲା। ତିନିଦିନ ଆଇସିୟୁରେ ରହିଲା ପରେ ତାଙ୍କ ଚେତା ଫେରିଲା। ସେତେବେଳେ ନିଶିକାନ୍ତ ୱିଲିୟମ ସେକ୍ସପିଅରଙ୍କ ଗୋଟିଏ କବିତା ମନେ ପକାଇ ନିଶିକୁ କହିଥିଲେ, ଏଇ ତୁମ ଔଷଧପତ୍ର, ପ୍ରୋଟୋକଲ କିଛି କାମ ଦେବନି। ଯଦି ମୋ ପ୍ରେମିକା ଆସି ମୋ ସାମ୍ନାରେ ଛିଡା ହୋଇଯିବ, ମୁଁ ତାକୁ ସେକ୍ସପିଅରଙ୍କ ପରି ମନା କରିବିନି ବରଂ ପୁନର୍ଜନ୍ମ ପାଇଯିବି; ଆଉ ଯଦି ମୃତ୍ୟୁ ବି ସେଇ ମୁହୂର୍ତ୍ତରେ ଆସେ ମୁଁ ସୁଖଦ ମରଣଟିଏ ଆଲିଙ୍ଗନ କରିନେବି। ସେହିକ୍ଷଣି ନିଶି ତା'ର ମାମାଙ୍କୁ ଫୋନ୍ କରି ଡକାଇଥିଲା।

ଅନେକ ନିରବତା ଓ କିଛି ମାତ୍ର କଥାବର୍ତ୍ତା ପରେ ନିଶତ ତା' ମାମାକୁ ନେଇ ତା' ଭଡାଘରକୁ ଚାଲିଆସିଲା। ବାରମ୍ବାର କହୁଥାଏ, ଏସବୁ କିଛି ତା' ବାବାଙ୍କୁ ନ ଜଣାଇ କିଛି ଦିନ ତା' ସହ ରହିଯାନ୍ତୁ ଓ ସମୟ ଦେଖି ନିଶିକାନ୍ତଙ୍କ ସହ ମିଳାମିଶା କରନ୍ତୁ। ଏଇ ଶେଷ ଅବସ୍ଥାରେ ଅନ୍ତତଃ...। ନିଶିର କଥା ଶୁଣି ସ୍ୱପ୍ନା ମନେ ମନେ ଭାବୁଥିଲେ କେତେବେଳେ ନିଶି ଏତେ ବଡ ହୋଇଗଲା ଯେ ଆଜି ତାଙ୍କୁ ତାଙ୍କର ତିରିଶ ବର୍ଷ ତଳର ଅତୀତ ସହ ଭେଟ କରାଉଛି? ଏଇ ଅତୀତଟି ପାରିବାରିକ ଚାପ ଓ ସମାଜର ଶୃଙ୍ଖଳ ଭିତରେ ପାଣିଗାର ପରି ଲିଭିଯାଇଥିଲା। ଝିଅ ତ ମା'ର ପ୍ରକୃତ ବାନ୍ଧବୀ ବୋଲି ଶୁଣିଥିଲେ। ଆଜି କିନ୍ତୁ ଅଙ୍ଗେ ନିଭାଉଛନ୍ତି। ତାଙ୍କ ଆଖିରେ ଲୁହ ଜକେଇ ଆସିଲା।

-ନିଶି ପ୍ରଶ୍ନ କଲା, ମାମା କ'ଣ ତମେ ମୋ ନାଁଟା ଏଥିପାଇଁ ନିଶି ରଖିଲ?

-ସ୍ୱପ୍ନା ଦୀର୍ଘ ନିରବତାକୁ ଭାଙ୍ଗି କହିଲେ, ତୁ କାହିଁକି ପୋନରେ ଏସବୁ କହିଲୁନି? ଏମିତି କ'ଣ କରାଯାଏ? ତୋ ବାପା ଜାଣିଲେ...?

-ବାପା ଜାଣିବେ ବୋଲି ତ ପ୍ରଶ୍ନ ଉଠୁନି। ଏଇ ରହସ୍ୟ କେବଳ ତୁମର ଓ ମୋ ଭିତରେ ସୀମିତ।

-ତଥାପି...। ସ୍ୱପ୍ନା ଆତଙ୍କିତ ହୋଇପଡୁଥିଲେ।

ପରଦିନ ପୁଣି ସ୍ୱପ୍ନା ନିଶି ସହ ଯାଇ ନିଶିକାନ୍ତଙ୍କୁ ଦେଖା କରିଥିଲେ। ନିଶିକାନ୍ତଙ୍କ ମୁହଁରେ ଅପୂର୍ବ କ୍ଳାନ୍ତି ଦେଖି ନିଶି ମନେ ମନେ ଖୁସି ହେଉଥିଲା।

-ନିଶିକାନ୍ତ ତା' ମୁଣ୍ଡର ହାତ ବୁଲାଇ ଧନ୍ୟବାଦ କହିଲେ।

-ସଙ୍ଗେ ସଙ୍ଗେ ନିଶି ଉତ୍ତର ଦେଲା, ଏହାକୁ ଗୋଟିଏ ପ୍ରକାର ଥେରାପି ବୋଲି ଧରିନିଅନ୍ତୁ। ହୁଏତ ଚିକିତ୍ସା ବିଜ୍ଞାନ ହାରିଯାଇପାରେ; ମାତ୍ର ଏଇ ଥେରାପି ପାଇଁ ଯଦି ସେ ଗୋଟିଏ ଦିନ ବି ଅଧିକ ବଞ୍ଚିପାରନ୍ତି ତେବେ ତା'ର ଡାକ୍ତରୀ ପଢ଼ା ସଫଳ ହେଲା ବୋଲି ସେ ଜାଣିବ।

ନିଶିକାନ୍ତ ଆଉ କିଛି କହିନଥିଲେ। ସ୍ୱପ୍ନା ହସହସ ମୁହଁରେ ନିଶି ପଟେ ଅନାଇ ରହିଥିଲେ। ତା'ପାଖକୁ ଲାଖି ଯାଇ ପଚାରିଲେ, ତୁ କେବେ ଏତେ ବଡ ହୋଇଗଲୁ?

*ଭବାନୀପାଟଣା*



# ମୟୂରଭଞ୍ଜ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ କୋଭିଡ-୧୯ ଟିକାକରଣ କାର୍ଯ୍ୟକ୍ରମ

**ବାରିପଦା :** ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ ଅନୁସାରେ ମୟୁରଭଞ୍ଜ ଜିଲ୍ଲାରେ ୨ୟ ପ୍ରର୍ଯ୍ୟାୟ କୋଭିଡ-୧୯ ଟୀକାକରଣ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫାସିଲିଟେସନ୍ କେନ୍ଦ୍ର, ସଂରକ୍ଷିତ ଆରକ୍ଷୀ ନରୀକ୍ଷକ ଓ ପଞ୍ଚମ ବାଟାଲିୟନ ଲକ୍ଷ୍ମୀପୋଷୀ ଏବଂ ୨୬ ଟି ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ମୋଟ ୨୯ ଟି ଟୀକାକରଣ କେନ୍ଦ୍ରରେ ଆନୁଷ୍ଠାନିକ ଭାବେ ତା ୦୬/୦୨/୨୦୨୧ରିଖ ପୂର୍ବାହ୍ନରେ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ଜରୁରୀ ବିଭାଗ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫାସିଲିଟେସନ୍ କେନ୍ଦ୍ର ଠାରେ ଆୟୋଜିତ ୨ୟ ପର୍ଯ୍ୟାୟ କୋଭିଡ-୧୯ ଟୀକାକରଣ କାର୍ଯ୍ୟକ୍ରମରେ ମୟୁରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଭା.ପ୍ର.ସେ ଓ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ ସ୍ମିଥ୍.ପି ପାରମାର୍ ପ୍ରମୁଖ ଯୋଗ ଦେଇ ଟୀକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର୍ ଟୀକା ନେବାପରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ତଥା ପୌର ନିର୍ବାହୀ ଅଧିକାରୀ,



ବାରିପଦା ପି. ଅନ୍ନେଷା ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି ଓ ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ବେହେରା, ପିଡିଡିଆରଡିଏ ଭବେଶ କୁମାର ନାୟକ, ଜିଲ୍ଲାଜରୁରୀ ଅଧିକାରୀ ସୁଜୟ କୁମାର ପତି ପ୍ରମୁଖଙ୍କ ସମେତ ସଂପୃକ୍ତ ବିଭଗ ପଦାଧିକାରୀ / କର୍ମଚାରୀ ମାନେ ଟୀକା ନଇେଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ରୂପଭାନୁ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପରିଚାଳିତ କୋଭିଡ ଟୀକାକରଣ କାର୍ଯ୍ୟକ୍ରମରେ ଜିଲ୍ଲା କୋଭିଡ ନୋଡାଲ ଅଧିକାରୀ ଡ଼ା ଜ୍ଞାନ ରଞ୍ଜନ ମହାନ୍ତି, ଡିପିଏମ୍ ଏନ୍ଆର୍ଏଚ୍ଏମ୍ ପି ପି ପତି, ହସ୍ପିଟାଲ୍ ମ୍ୟାନେଜର ସମୀର ମହାପାତ୍ର, ସମ୍ପୃକ୍ତ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ କୋଭିଡ-୧୯ ଟୀକାକରଣ ପାଇଁ ନିୟମାନିର୍ଦ୍ଦେଶାବଳୀନୁସାରେ ମୟୂରଭଞ୍ଜ ଜିଲ୍ଲାରୁ ୭,୨୦୦ ପଞ୍ଜିକୃତ ଆଗ ଧାଡ଼ିରେ ରହି କୋଭିଡ ପରିଚାଳନା କରୁଥିବା ସଂପୃକ୍ତ ବିଭିନ୍ନ ବିଭାଗର ଯଥା ବିପର୍ଯ୍ୟୟ ପରିଚାଳନା ଓ ରାଜସ୍ୱ / ପୋଲିସ / ଅଗ୍ନିଶମ / ପୌରକର୍ମଚାରୀ / ବ୍ଲକ କର୍ମଚାରୀ / ପଂଚାୟତ ଅନୁଷ୍ଠାନର ସଦସ୍ୟ ସଦସ୍ୟା ମାନଙ୍କୁ ଟୀକା ଦେବାର ବ୍ୟବସ୍ଥା କରାଯାଇଛି। ଏଥି ପାଇଁ ଜିଲ୍ଲାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ପ୍ରର୍ଯ୍ୟାୟ ଟୀକାକରଣ କାର୍ଯ୍ୟ ପରିଚାଳନା ପାଇଁ ପ୍ରତ୍ୟେକ ଟୀକାକରଣ କେନ୍ଦ୍ରରେ ୫ଜଣିଆ ତାଲିମ ପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ସମ୍ପୃକ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ୱାବଧାନରେ ପରିଚାଳିତ ହେଉଛି। ପ୍ରତିଦିନ ପ୍ରତ୍ୟେକ ଟୀକା କେନ୍ଦ୍ରରେ ୧୦୦ଜଣଙ୍କୁ ଟୀକା ପ୍ରଦାନ କରାଯିବାର ଲକ୍ଷ ଧାର୍ଯ୍ୟ ନେଇ ସୁବ୍ୟବସ୍ଥା ମଧ୍ୟରେ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଉଛି। ଏହି ଦ୍ୱିତୀୟ ପର୍ଯ୍ୟାୟ ଟୀକାକରଣ ପ୍ରଥମ ଦିନରେ ଜିଲ୍ଲାରେ ୨୯୪୮ ଜଣ ଆଗ ଧାଡ଼ିରେ ରହି କୋଭିଡ୍ ପରିଚାଳନା କରୁଥିବା ସଂପୃକ୍ତ ବିଭାଗ ପଦାଧିକାରୀ / କର୍ମଚାରୀ ମାନେ ଟୀକା ନେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କୋଟିଆରେ ...

ଲଢୁଥିବାବେଳେ ଆନ୍ଧ୍ରର ସୀମାଞ୍ଚଳ ଦୋରା ପ୍ରାର୍ଥୀ ହୋଇଛନ୍ତି। ଏହି ଫାଟୁସିନେରୀ ପଞ୍ଚାୟତରେ କୋଟିଆର ବିବାଦୀୟ ଚିକିପାର୍, କୋନାଦରା, ଡୋଲିଆମ୍ବ, ବର୍ଣ୍ଣାପାଡୁ, ଫାଟୁସିନେରୀ ସମେତ ଆନ୍ଧ୍ର ପ୍ରଦେଶର ଏଲିଙ୍ଗିବାଲସା ଓ ବନଙ୍ଗବାଲସା ରହିଛି। କୋଟିଆ ପଞ୍ଚାୟତର ମୋଟ ୨୧ଟି ବିବାଦୀୟ ଗ୍ରାମକୁ ନେଇ ଆନ୍ଧ୍ର ସରକାର ଫାଟୁସିନେରୀ, ଫଗୁଣସିନେରା ଓ ତଳଗଞ୍ଜେଇପଦର, ଏହିପରି ୩ଟି ପଞ୍ଚାୟତ ଗଠନ କରିଛନ୍ତି। ଯାହାର ନାମ ମଧ୍ୟ ପରିବର୍ତ୍ତନ କରିଦେଇଛନ୍ତି। ଶୁକ୍ରବାର କୋରାପୁଟ ଜିଲ୍ଲାପାଳ ମହମ୍ମଦ୍ ଅବ୍ଦାଲ ଅଖତାର୍ ବିଜୟନଗରମ୍ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିର୍ବାଚନ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେହେଁ ଆନ୍ଧ୍ର ପ୍ରଶାସନ ସେଥିପ୍ରତି ଗୁରୁତ୍ୱ ନଦେଇ ନିର୍ବାଚନ କରାଇଛି। ସେହିପରି ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର ଧୂଳିପୁଟ ପଞ୍ଚାୟତର ଜୁମଡ଼ାଙ୍ଗରେ ମଧ୍ୟ ଆନ୍ଧ୍ର ପଞ୍ଚାୟତ ନିର୍ବାଚନ କରାଇଛି। ଭୋଟ ଦେବାକୁ ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ ଗାଁ ଓଡ଼ିଶାର ହୋଇଥିଲେ ହେଁ ଓଡ଼ିଶା ସରକାରଙ୍କ କିଛି ସୁବିଧା ସୁଯୋଗ ପହଞ୍ଚୁନି। ତେଣୁ ବାଧ୍ୟହୋଇ ଲୋକେ ଆନ୍ଧ୍ର ଆଡ଼କୁ ଢଳୁଛନ୍ତି। ଆନ୍ଧ୍ର ସରକାର ଲୋକଙ୍କୁ ସମସ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି। ଏଠାକାର ଲୋକଙ୍କ ପାଖରେ ଉଭୟ ଆନ୍ଧ୍ର ଏବଂ ଓଡ଼ିଶାର ରାସନ କାର୍ଡ, ଆଧାର ଓ ଭୋଟର କାର୍ଡ ରହିଛି। ସମାନଭାବେ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତରେ ମଧ୍ୟ ପଞ୍ଚାୟତ ନିର୍ବାଚନ କରାଇବାରେ ସଫଳ ହୋଇଛି ଆନ୍ଧ୍ର। ଆନ୍ଧ୍ର ପ୍ରଦେଶର ପଞ୍ଚାୟତ ନିର୍ବାଚନରେ ଓଡ଼ିଶା ସୀମାନ୍ତ ଗ୍ରାମବାସୀ ସାମିଲ ହେବେନି ବୋଲି ଜିଲ୍ଲା ପ୍ରଶାସନ କହିଥିବା ବେଳେ ଶନିବାର ତାହା ଫସର ଫାଟିଛି। ପ୍ରଶାସନକୁ ଚକମା ଦେଇ ବହୁ ଗ୍ରାମର ଓଡ଼ିଆ ଭୋଟର ଭୋରରୁ ଆନ୍ଧ୍ରରେ ଭୋଟ ଦେଇ ଗ୍ରାମକୁ ଫେରିଥିବା ଦେଖିବାକୁ ମିଳିଛି। କିଛି ବ୍ୟକ୍ତିଙ୍କ ଅଙ୍ଗୁଳିରେ କାଳି ଲାଗିଥିବାର ଦେଖିବାକୁ ପାଇ ଅଧିକାରୀ ସେମାନଙ୍କୁ ପଚାରିଥିଲେ। ଓଡ଼ିଶା ପ୍ରଶାସନ ଆମ କଥା ବୁଝୁନି। ଆନ୍ଧ୍ର ସରକାର ଭତ୍ତା ଓ ଘରକୁ ଆଣି ରାସନ ଦେଉଛି। ଆମ ପିଲାଙ୍କୁ ଭଲ ଶିକ୍ଷା ସହ ବିଦ୍ୟୁତ୍, ସ୍ୱାସ୍ଥ୍ୟ ସୁବିଧା ଦେଉଛି। ଏଣୁ ଆମେ ଭୋଟ ଦେଇଛୁ ବୋଲି ସ୍ଥାନୀୟ ଦୁଇ ଜଣ ଭୋଟର କହିଥିଲେ। ସେହିଭଳି ବୁରାତାଲ ପଞ୍ଚାୟତର ବିବାଦୀୟ ଗାଁ ଗୁଡ଼ିଖଳା ଗ୍ରାମବାସୀଙ୍କୁ ଆନ୍ଧ୍ର ଭୋଟ ଦାନରେ ଅଟକ ରଖିବା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ଗଜପତି ଜିଲ୍ଲା ପ୍ରଶାସନ ଉଦ୍ୟମ କରିଥିଲେ ମଧ୍ୟ ଗ୍ରାମର ୩୦ରୁ ଊର୍ଦ୍ଧ ବ୍ୟକ୍ତି ପ୍ରଶାସନକୁ ଲୁଚି ବୁଡ଼ାର୍‌ସିଙ୍ଗିରେ ଭୋଟଦେଇ ଫେରିଥିବା ଦେଖାଯାଇଥିଲା। ଲୋକଙ୍କୁ ମନେଇବାକୁ ଉପଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବିଡିଓ ପ୍ରକାଶ ଚନ୍ଦ୍ର ଦାଶ, ତହସିଲଦାର ଅମିତ କୁମାର ନାୟକ ବହୁ ପ୍ରଚେଷ୍ଟା କରିବା ସତ୍ତ୍ୱେ ସେମାନେ ବସ୍ ଓ ଟ୍ରାକ୍ଟର ଯୋଗେ ଯାଇ ଭୋଟ ଦେଇଥିଲେ। ତୁମ୍ବା ପଞ୍ଚାୟତ ଅନ୍ତର୍ଗତ କୁଲାଡ଼ି, ସାତପୁରି ଓ ବାଞ୍ଜୁଆ ସାହି ଆନ୍ଧ୍ର ପ୍ରଦେଶ ତାଳଗୁରାଙ୍ଗରି ପଞ୍ଚାୟତର ୯ ନମ୍ବର ୱାର୍ଡରେ ରହିଛି। ଏହି ୱାର୍ଡର ସାବିତ୍ରୀ ଶବର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବାର ସ୍ଥାନୀୟ ପ୍ରଶାସନ ପୂର୍ବରୁ କହିଥିବାବେଳେ ଏହା କେବଳ ବାହସ୍ଫୋଟ ବୋଲ ଜଣାପଡ଼ିଛି। ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକର ତୁମ୍ବା, ବୁରାତାଲ ଓ ଗୁଡ଼ିପଦର ପଞ୍ଚାୟତର କିଛି ଗ୍ରାମବାସୀ ଆନ୍ଧ୍ର ପ୍ରଶାସନ ଠାରୁ କିଛି ସୁବିଧା ପାଇବା ସହ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନରେ ଭୋଟ ଦେବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ପରେ ବ୍ଲକ ଓ ତହସିଲ ପ୍ରଶାସନ ସେହି ଏକା ଦିନରେ ୫ଟି ଗ୍ରାମରେ 'ମୋ ଗାଁରେ ତହସିଲ', 'ମୋ ନିବେଦନ' ପ୍ରମୁଖ କାର୍ଯ୍ୟକ୍ରମ କରି ଲୋକଙ୍କୁ ଆକଟ କରିବାକୁ ପ୍ରୟାସ କରିଥିଲେ। ଆନ୍ଧ୍ର ଏହି ଖବର ପାଇ ଶୁକ୍ରବାର ରାତିରେ ତଳଗୁରାଣ୍ଡି ପଞ୍ଚାୟତରେ ବୈଠକ କରିଥିଲା। ପୂର୍ବ ଯୋଜନା ମୁତାବକ ଭୋଟଗ୍ରହଣ ଦିନ ପ୍ରଶାସନ ଗ୍ରାମରେ ପହଞ୍ଚିବା ଆଗରୁ କୁଲାଡ଼ି, ସାତପୁରୀ, ଗୁଡ଼ିଖଳା, ବାବନାସାହି, ବାବୁଆସାହି ଓ ତୁମ୍ବା ଗ୍ରାମରୁ ବହୁ ବ୍ୟକ୍ତି ଭୋଟ ଦେଇ ଗ୍ରାମକୁ ଚାଲି ଆସିଥିଲେ। କିଛି ଲୋକ ସିଧାସଳଖ କହିଥିଲେ ଯେ ମନେ ପଡ଼ିଲେ ଓଡ଼ିଶା ପ୍ରଶାସନ ଓ ଜନ ପ୍ରତିନିଧି ଆସୁଛନ୍ତି, ଖାଲି ପ୍ରତିଶ୍ରୁତି ଦେଉଛନ୍ତି। ହେଲେ କିଛି ପ୍ରତିଶ୍ରୁତି ପୂରଣ କରୁନାହାନ୍ତି।

### ବାଇ-ଲ ପ୍ରତ୍ୟାହାର ...

ଅବସରରେ ଶ୍ରୀ ମିଶ୍ର ଯୁକ୍ତି ରଖିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି, ମନ୍ଦିର ମାନଙ୍କର ଉନ୍ନତି ପାଇଁ ରାଜ୍ୟ ସରକାର ବହୁ ପଦକ୍ଷେପ ନେଉଛନ୍ତି। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ନ ନେଇ ସେ ଆହୁରି କହିଛନ୍ତି ଯେ, ଯେଉଁ ମନ୍ତ୍ରୀ କହୁଥିଲେ ମୁଁ ଶ୍ରୀମନ୍ଦିର ପାଇଁ ବାଇ-ଲ ହଟାଇବାକୁ ପ୍ରସ୍ତାବ ଦେଲା ପରେ ଏହା ହଟିଛି; ସେ ଲିଙ୍ଗରାଜ ମନ୍ଦିର ପ୍ରସଙ୍ଗରେ ଆଇନ ପଢ଼ିବାକୁ କେମିତି ଉପଦେଶ ଦେଉଛନ୍ତି। ଇଏ କେମିତିକା କଥା ? ଉନ୍ନତିକରଣ କାମରେ ଯିଏ ବାଧା ଦେବ, ରାଜ୍ୟର ତ କ୍ଷତି ହେବ, ଲୋକେ କିନ୍ତୁ ବରଦାସ୍ତ କରିବେନି। କେବଳ ସେତିକି ନୁହେଁ ଧାର୍ମିକ ଭାବନାକୁ କୁଠାରଘାତ କଲା ଭଳି କାମ କରିବା ଉଚିତ ନୁହେଁ ବୋଲି ଶ୍ରୀ ମିଶ୍ର ମଧ୍ୟ ସତର୍କ କରାଇ ଦେଇଛନ୍ତି। ସେହିପରି ବିଜେଡି ପ୍ରତିନିଧି ଦଳଙ୍କ ସହ ଆସି କେନ୍ଦ୍ରମନ୍ତ୍ରୀଙ୍କ ସହ ବାଇ-ଲ' ପ୍ରତ୍ୟାହାର ସମ୍ପର୍କରେ ଆଲୋଚନା କରିବାକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ଅନୁରୋଧ କରିଥିଲେ କେନ୍ଦ୍ରାପଡ଼ା ସାଂସଦ ଅନୁଭବ। ତେବେ ଅନୁଭବଙ୍କ ଡକରା ପରେ ସେ ଯିବେନାହିଁ ବୋଲି ଅପରାଜିତା କହିଥିଲେ। ରାଜ୍ୟର ସମ୍ମାନ ଓ ଆଧ୍ୟାତ୍ମିକ ଭାବାବେଗ ସହ ଜଡ଼ିତ ଏହି ଅଣରାଜନୈତିକ ପ୍ରସଙ୍ଗରେ ବିଜେପି ଅସହଯୋଗ କରିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ଏହି ଘଟଣାକୁ ଉଲ୍ଲେଖ କରି ଟ୍ୱିଟ୍ କରିଥିଲେ ଅନୁଭବ। ଯାହାର ଉତ୍ତର ମଧ୍ୟ ଅପରାଜିତା ଟ୍ୱିଟ୍‌କରି ରଖିଛନ୍ତି। ସେ ଲେଖିଛନ୍ତି ଯେ ବିନା କାରଣରେ କୌଣସି କଥା ହୁଏନାହିଁ। ଉପଯୁକ୍ତ ସମୟ ଆସିଲେ ମୁଁ ନିଶ୍ଚିତ କହିବି। ଏବେ କେବଳ ଅପେକ୍ଷା କରନ୍ତୁ ଏବଂ ଦେଖନ୍ତୁ। ଅନ୍ୟପଟେ ଜାତୀୟ ସ୍ମାରକ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ ଡ୍ରାଫ୍ଟ ବାଇଲକୁ ତୁରନ୍ତ ପ୍ରତ୍ୟାହାର କରାଯାଉ, ନ ହେଲେ ସରସ୍ୱତୀ ପୂଜାରେ ରାଜ୍ୟ ମନ୍ଦିର ସେବାୟତ ସଂଘ ପକ୍ଷରୁ ଘଣ୍ଟ ବାଡେଇ ଏହାକୁ ବିରୋଧ କରାଯିବ ବୋଲି ଶନିବାର ପ୍ରକାଶ ପାଇଛି। ସଂଘ ପକ୍ଷରୁ ବହୁ କର୍ମକର୍ତ୍ତା ଏକାଠି ହୋଇ ଶନିବାର ଶ୍ରୀ ଲିଙ୍ଗରାଜ ମନ୍ଦିର ନିକଟରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ସେହିପରି ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ମଧ୍ୟ ଏନେଇ ପ୍ରତିବାଦ କରାଯାଇଛି। ମଞ୍ଚ ପକ୍ଷରୁ ଏନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯିବା ସହ ତୁରନ୍ତ ଏନେଇ ବିଚାର କରିବାକୁ ଦାବିହୋଇଛି। ତେବେ ଜାତୀୟ ସ୍ମାରକ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ ଡ୍ରାଫ୍ଟ ବାଇ-ଲ ନିୟମ ଅନୁସାରେ ଏବେ ଲିଙ୍ଗରାଜ, ଅନନ୍ତ ବାସୁଦେବ ଓ ବ୍ରହ୍ମେଶ୍ୱର ମନ୍ଦିରର ଶହେ ମିଟର ପର୍ଯ୍ୟନ୍ତ କୌଣସି ସରକାରୀ କିମ୍ବା ବେସରକାରୀ ନିର୍ମାଣ ହୋଇପାରିବ ନାହିଁ ଏବଂ ଆଉ ୨ଶହ ମିଟର ପର୍ଯ୍ୟନ୍ତ କୌଣସି ବି ନିର୍ମାଣ ପାଇଁ ଜାତୀୟ ସ୍ମାରକ କର୍ତ୍ତୃପକ୍ଷଙ୍କ ଅନୁମତି ନେବାକୁ ହେବ ବୋଲି ପ୍ରକାଶ ପାଇଥିଲା, ଯାହାର ପରିଣାମ ସ୍ୱରୂପ ଏହି ପ୍ରତିବାଦ ଦେଖିବାକୁ ମିଳିଛି।

### ସଡ଼କ ଦୁର୍ଘଟଣା ...

ତାହାହେଲେ ତାଙ୍କ ପରିବାରକୁ କେବଳ ଏକ ମାସର କ୍ଷତି ସହିବାକୁ ପଡ଼ିଥାଏ। ଫଳରେ ସଡ଼କ ଦୁର୍ଘଟଣା ଯୋଗୁଁ ଭାରତରେ ଦେଖାଦେଉଥିବା ଏଭଳି ତାରତମ୍ୟ ଉଦ୍‌ବେଗଜନକ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପୁନଶ୍ଚ ଗ୍ରାମାଞ୍ଚଳରେ ସଡ଼କ ଦୁର୍ଘଟଣାରେ ୪୪ ପ୍ରତିଶତ ଗରିବ ଲୋକ ପ୍ରାଣ ହରାଉଥିବାବେଳେ ସହରାଞ୍ଚଳରେ ଏଭଳି ଧନୀ ବ୍ୟକ୍ତିଙ୍କ ସଂଖ୍ୟା ୧୧.୬ ପ୍ରତିଶତ। ଧନୀ ପରିବାର ତୁଳନାରେ ଗରିବ ପରିବାର ଉପରେ ସଡ଼କ ଦୁର୍ଘଟଣାର ଅଧିକ ପ୍ରତିକୂଳ ପ୍ରଭାବ ପଡିଥାଏ। ଦୁର୍ଘଟଣାଗ୍ରସ୍ତ ହେବାପରେ ଅଧିକାଂଶ ଗରିବ ଲୋକ ଉନ୍ନତ ଚିକିତ୍ସା ଖର୍ଚ୍ଚ ତୁଲାଇବାରେ ଅସମର୍ଥ ହୋଇଥାନ୍ତି। ଫଳରେ ଉକ୍ତ ବ୍ୟକ୍ତି ମୃତ୍ୟୁମୁଖରେ ପଡିଥାଏ କିମ୍ବା ଆଜୀବନ ବିକଳାଙ୍ଗ ହୋଇଥାଏ। ଅପରପକ୍ଷରେ ଧନୀ ବ୍ୟକ୍ତି ଅର୍ଥବଳ ଯୋଗୁଁ ଉନ୍ନତମାନର ଚିକିତ୍ସା ପାଇବାରୁ ସେମାନଙ୍କର ମୃତ୍ୟୁହାର ଅପେକ୍ଷାକୃତ କମ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଗରିବ ଶ୍ରେଣୀର ରୋଜଗାରକ୍ଷମ ବ୍ୟକ୍ତି ଯଦି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାନ୍ତି, ତେବେ ତାଙ୍କ ପତ୍ନୀଙ୍କୁ ଦାରିଦ୍ର୍ୟ ବୋଝ ବୋହିବାକୁ ପଡିଥାଏ। ଫଳରେ ଏହି ମହିଳାଙ୍କର କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଘଟିବା ସ୍ୱାଭାବିକ ବୋଲି କୁହାଯାଇଛି। ଫଳରେ ଏଭଳି ମହିଳା ଉଭୟ ମାନସିକ ଓ ଶାରୀରିକସ୍ତରରେ ବିଷାଦଗ୍ରସ୍ତ ହୋଇପଡନ୍ତି। ବିଶ୍ୱର ଅନ୍ୟ ରାଷ୍ଟ୍ର ତୁଳନାରେ ଭାରତରେ ସର୍ବାଧିକ ସଡ଼କ ଦୁର୍ଘଟଣା ଘଟିଥାଏ। ଫଳରେ ଭାରତରେ ଦୈନିକ ୪୦୦ ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥାନ୍ତି ବୋଲି ରିପୋର୍ଟରୁ ଜଣାପଡିଛି। ବିଶ୍ୱ ତୁଳନାରେ ଭାରତରେ ଯାନବାହନ ସଂଖ୍ୟା ମାତ୍ର ୧ ପ୍ରତିଶତ ହୋଇଥିବାବେଳେ ଦୁର୍ଘଟଣାଜନିତ ମୃତ୍ୟୁହାର ୧୧ ପ୍ରତିଶତ ବୋଲି ଜଣାପଡିଛି। ବିଗତ ୧୦ ବର୍ଷ ମଧ୍ୟରେ ଭାରତରେ ୧୩ ଲକ୍ଷ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବାବେଳେ ୫୦ ଲକ୍ଷ ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ଉତ୍ତର ପ୍ରଦେଶ, ବିହାର, ତାମିଲନାଡୁ ଓ ମହାରାଷ୍ଟ୍ରରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ଅଧିକ ବୋଲି ଜଣାପଡିଛି।

### ନେତା, ମନ୍ତ୍ରୀଙ୍କ ...

ଘଟଣା ହେଉ ସବୁଥିରେ ଶିର୍ଷସ୍ଥାନ ଦଖଲ କରିଥିବା ବେଳେ ନିଜ ଦଳୀୟ ଶୃଙ୍ଖଳା ଭଙ୍ଗ କରୁଥିବା ନେତା ଓ କର୍ମୀ ମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅସନ୍ତୁଷ୍ଟ ନେତା ଓ କର୍ମୀ ମାନଙ୍କ ମହଲରେ ଜୋର ଦାବୀ ହେଉଛି। ଦୁର୍ନୀତିରେ ଲିପ୍ତଥିବା ହେଉ ବା କର୍ତ୍ତବ୍ୟରେ ଅବହେଳା ହେଉ ସରକାରୀ ବାବୁ ମାନଙ୍କ ଉପରେ ଯେଉଁ ଜିରୋ ଟଲେରାନ୍ସ ଛାଟ ମାଡ ଦିଆଯାଉଛି ତାର ଏକ ଝଲକ ଦଳୀୟ ନେତା, କର୍ମୀ ଓ ଠିକାଦାର ମାନଙ୍କ ଉପରକୁ ଗଲେ ନବୀନ ବାବୁଙ୍କ ସ୍ୱଚ୍ଛତା ସାଧାରଣରେ ପ୍ରସଂଶିତ ଲାଭ କରିବ। ମୋ ସରକାର ପ୍ରସାଶନରେ ସ୍ୱଚ୍ଛତା ଓ ସାଧାରଣ ଜୀବନରେ ସାଧୁତା ବଜାୟ ରଖିବା ଲାଗି ଏଭଳି ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାର ପେଡି ଖୋଲାଗଲେ ବହୁ ନେତା ବି ବଳି ପଡିଯିବାର ସମ୍ଭାବନା ସୃଷ୍ଟି ହେଲାଣି। ସେଥିପାଇଁ ମୁଖ୍ୟମନ୍ତ୍ରୀ, ସରପଞ୍ଚଙ୍କ ଠାରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଓ ଚତୁର୍ଥ ଶ୍ରେଣୀ କର୍ମଚାରି ମାନଙ୍କ ଠାରୁ ଆରମ୍ଭକରି ମୁଖ୍ୟ ଶାସନ ସଚିବ ପର୍ଯ୍ୟନ୍ତ ସେମାନଙ୍କ ସମ୍ପତ୍ତି ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ଘଟଣା ଏକ ପ୍ରକାର କୌତୁହଳ ସୃଷ୍ଟି କରିଥିଲେ ବି ନେତା, ଯନ୍ତ୍ରୀ ଓ ଠିକାଦାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟି ଯାଇଛି। ଆଗକୁ ଦୁର୍ନୀତି ବିରୋଧରେ ଲଢେଇ ଜାରି ରହିଲେ ସ୍ୱଚ୍ଛତା ସୃଷ୍ଟି ହେବା ସହିତ ଦଳୀୟ ଗୋଷ୍ଠି କନ୍ଦଳର ମଧ୍ୟ ପୂର୍ଣ୍ଣଚ୍ଛେଦ ପଡିଯିବ।

### ଘଟଣା ଘଟିବା ...

କରିଥିଲେ ସେହି ଅନୁସାରେ କୁଳମଣୀଙ୍କ ପୁତ୍ରବଧୂ ଓ ପୁଅ ନିଜ ବିଲରୁ ଫସଲ ଆଣିବାକୁ ଯାଇଥିଲେ। ପୂର୍ବରୁ ଏହି ଜମି ବିବାଦକୁ ନେଇ କୋର୍ଟରେ ଏକ ମାମଲା ହୋଇଥିଲା। କୋର୍ଟ ମଧ୍ୟ ମଧ୍ୟବର୍ତ୍ତିକାଳୀନ ରାୟରେ ଜଣାଇ ଦେଇଥିଲେ ଯେ, କିର୍ତ୍ତନ ଯେଉଁ ଅନୁସାରେ ଜମି ଭାଗ କରିଛନ୍ତି ସେହି ଅନୁସାରେ ତାଙ୍କର ପୁତ୍ରମାନେ ଏହାର ଉପଯୋଗ କରନ୍ତୁ। କିନ୍ତୁ କୈଳାସଙ୍କ ପତ୍ନୀ ବିଣାପାଣୀ ଆଇନ କାନୁନ୍‌ର ଊର୍ଦ୍ଧ୍ୱକୁ ଯାଇ ନିଜର ଦୁଇ ପୁତ୍ରଙ୍କ ସହାୟତାରେ ଏକ ପ୍ରକାର ଗୁଣ୍ଡାରାଜ ଆରମ୍ଭ କରିବା ଫଳରେ ଏଭଳି ଘଟଣାର ସୂତ୍ରପାତ ହୋଇଥିବା ଜଣାପଡିଛି। ତେବେ ଏହି ଘଟଣାରେ ପୋଲିସ ଯେଭଳି ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉଛି ଏବଂ ନିୟମ ବାହାରକୁ ଯାଇ ଆଗୁଆ ଏଫ୍‌ଆଇଆର ଗ୍ରହଣ କରିଛି ତାହା ଆଶ୍ଚର୍ଯ୍ୟଜନକ। ମନେହେଉଛି ପରୋକ୍ଷରେ ପୋଲିସ ଘଟଣା ପଛରେ ରହି ମାମଲାକୁ ବଢ଼ାଇବାକୁ ଚାହୁଁଛି। କାରଣ ଘଟଣାର ପୃଷ୍ଠଭୂମିରୁ ଏହା ଜଣାପଡୁଛି ଯେ, ଘଟଣା ଘଟିବା ପୂର୍ବରୁ ଗଣିଆ ଥାନା ପୋଲିସଙ୍କ ପରାମର୍ଶ ନିଆଯାଇଥିଲା ଓ ତଦନୁସାରେ ଏଭଳି ଘଟଣା ଘଟିଛି। ଯଦି ରକ୍ଷକ ଭକ୍ଷକ ହେବେ ଲୋକେ ଭରସା କରିବେ କାହାକୁ ? ତେଣୁ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ପୋଲିସ ତୁରନ୍ତ ଆକ୍ରମଣର ଶିକାର ହୋଇଥିବା ପରିବାରକୁ ନ୍ୟାୟ ଦେବା ପାଇଁ ଅଞ୍ଚଳରେ ଦାବି ହେଉଛି।

### ଜନବସତି ...

ଭାଟି ଗୁଡ଼ିକୁ ବାର୍ଷିକ ଲିଜ ସୂତ୍ରରେ ଲାଇସେନ୍ସ ପ୍ରଦାନ କରାଯାଉଥିବା ବେଳେ ଏହି ସାଧାରଣ ଇଟାଭାଟି ପାଇଁ କୌଣସି ସୁବିଧା ନାହିଁ । କେବଳ ରୟାଲଟି ଓ ଫାଇନ ଆଦାୟ ବ୍ୟବସ୍ଥାରେ ଶହ ଶହ ଇଟାଭାଟି ପୋଡ଼ା ଚାଲିଛି । ଏହି ଫାଇନ ବ୍ୟବସ୍ଥା ପୁଣି କେତେକ ହାତଗଣତି ମାଲିକଙ୍କ କ୍ଷେତ୍ରରେ ଲାଗୁ ହୋଇଥିବା ବେଳେ ଅନେକ ଇଟା ମାଫିଆମାନେ ଲକ୍ଷ ଲକ୍ଷ ଇଟା ପୋଡ଼ି ଚାଲିଥିଲେ ମଧ୍ୟ ଇଟା ମାଫିଆ ଓ କିଛି ପ୍ରଶାସନିକ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ତାହା ସରକାରୀ ରେକର୍ଡ଼ ଭୁକ୍ତ ହେଉନଥିବା ଅଭିଯୋଗ ହେଉଛି । ଯାହା ଫଳରେ କିଛି ପ୍ରଶାସନିକ ଅଧିକାରୀ ଓ ଇଟା ମାଫିଆମାନେ ଏହି ବ୍ୟବସ୍ଥାକୁ ଆପଣାଇ ମାଲେମାଲ ହେଉଥିବାର ଚର୍ଚ୍ଚା ହେଉଛି । ଅପର ପକ୍ଷରେ ନଦୀ ପଠାରୁ ମାଟି ଖନନ କରାଯାଇ ଏଥିରେ ବ୍ୟବହୃତ ହେଉଛି ଯଦ୍ୱାରା ନଦୀ କୂଳ ଖାଇ ଗ୍ରାମାଭିମୁଖୀ ହେବାଯୋଗୁଁ ନଦୀ କୁଳିଆ ଗ୍ରାମକୁ ବିପଦ ସୃଷ୍ଟି କରୁଛି । ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି ।

# ମସ୍ତିଷ୍କ ସଂକ୍ରମଣରେ ପୀଡିତ ମେଧାବୀ ଛାତ୍ରୀ

## ଆର୍ଥିକ ସହାୟତା ପାଇଁ ମା'ର ଆକୁଳ ନିବେଦନ



**ଜଗତସିଂହପୁର :** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅର୍ନ୍ତଗତ ଗୁଆଳିପୁର ଗ୍ରାମର ଜଣେ ମେଧାବୀ ଛାତ୍ରୀ ପ୍ରିୟଙ୍କା ପଟ୍ଟନାୟକ ମସ୍ତିଷ୍କ ସଂକ୍ରମିତ ରୋଗରେ ପିଡିତ ଥିବା ନେଇ ମାର ଆକୁଳ ନିବେଦନ ଦେଖିବାକୁ ମିଳୁଥିବା ବେଳେ ପରିବାର ସଦସ୍ୟ ମାନଙ୍କ ମୁଣ୍ଡରେ ଭାଳେଣି ପଡିଯାଇଛି। ପ୍ରିୟଙ୍କାଙ୍କ ପିତା ମନୋଜ ପଟ୍ଟନାୟକ ଦିଲ୍ଲୀର ଏକ ଘରୋଇ କମ୍ପାନିରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ଗାଁରେ ବୃଦ୍ଧ ବାପ, ମା' ଓ ଜଣେ ଭିନ୍ନକ୍ଷମ ଭାଇ ରହୁଥିବା ବେଳେ ତାଙ୍କ ଆର୍ଥିକ ସାହାଯ୍ୟରେ ନିଜର ଦୁଇ ଝିଅ ଓ ଗୋଟିଏ ପୁଅକୁ ପାଠ ପଢାଇବାରେ ସକ୍ଷମ ହେଉଥିଲେ। ନିଜର ବଡ ତଥା ମେଧାବୀ ଛାତ୍ରୀଟି ଏପରି ଏକ ମସ୍ତିଷ୍କ ସଂକ୍ରମଣ ରୋଗରେ ପଡିଯିବାର ଏଥିମଧ୍ୟରେ ଏକ ବର୍ଷ ବିତି ଯାଇଥିଲେ ବି ଶ୍ରୀ ପଟ୍ଟନାୟକ କୋଭିଡ କଟକଣାରେ କମ୍ପାନିରେ ଚାକିରି ହରାଇ ବସିଲେଣି। ଭୁବନେଶ୍ୱର ସ୍ଥିତ କେନ୍ଦ୍ର ସରକାରଙ୍କର ଏମ୍‌ସ ଡାକ୍ତରଖାନରେ ଝିଅଟି ଚିକିତ୍ସିତ ହେଉଥିବା ବେଳେ ଆର୍ଥିକ ସାହାଯ୍ୟ ଅଭାବରୁ ଦୈନିକ ଔଷଧ କିଣିବା ଆଉ ସମ୍ଭବପର ହେଉ ନାହିଁ। ଘରର ଆର୍ଥିକ ଚଳନିର ଦୁର୍ଦ୍ଦୀନ ଅବସ୍ଥାକୁ ନେଇ ଝିଅକୁ ଭଲ କରିବା ଏକ ପ୍ରକାର ତାଙ୍କପାଇଁ ସାତ ସପନ ହୋଇଗଲାଣି। ଝିଅର ମସ୍ତିସ୍କ ରୋଗ ପାଇଁ ତାଙ୍କ ବାପା ଏପର୍ଯ୍ୟନ୍ତ ଚାରିଲକ୍ଷ ଟଙ୍କା ଧାର କରଜ କରି ଖର୍ଚ୍ଚ କରିଥିବା ବେଳେ ତାଙ୍କର ଆର୍ଥିକ ପରିସ୍ଥିତି ଜଟିଳ ହୋଇ ପଡିଛି। ସେଥିପାଇଁ ରୋଗାଗ୍ରସ୍ତ ଝିଅଟିର ବାପା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସାହାଯ୍ୟ ପାଇଁ ଆବେଦନ କରିଥିଲେ ବି ଆର୍ଥିକ ସାହାଯ୍ୟ ପାଇ ପରିନାହାନ୍ତି। ଆର୍ଥିକ ଅଭାବ ଅନାଟନକୁ ଦେଖି ପିଡିତାଙ୍କ ମା ଜୟନ୍ତୀ ପଟ୍ଟନାୟକ ବଡଝିଅ ଟିର ଆଶୁ ଆରୋଗ୍ୟ କାମନା କରି ସୁସ୍ଥ ହୋଇ ଘରକୁ ଫେରିବାକୁ ଆକୁଳ ନିବେଦନ କରିବା ସହିତ ମାନ୍ୟଗଣ ବ୍ୟକ୍ତି ବା ବୁଦ୍ଧିଜୀବି ମାନେ ଆର୍ଥିକ ସାହାଯ୍ୟ କରିବାକୁ ନିବେଦନ କରିଛନ୍ତି। ଆର୍ଥିକ ସାହାଯ୍ୟ ପ୍ରଦାନପାଇଁ ଆଇ.ସି.ଆଇ.ସି.ଆଇ. ବ୍ୟାଙ୍କ ଆକାଉଣ୍ଟ ନଂ-୦୨୨୫୦୧୫୪୩୮୦୧ ଓ ଆଇ.ଏଫ୍.ଏସ୍.ସି କୋଡ ନଂ- ଆଇସିଆଇସି୦୦୦୦୨୨୫ ରେ ପଠାଇବାକୁ ନିବେଦନ କରାଯାଇଛି। ରଘୁନାଥପୁର ବ୍ଲକ ଅଞ୍ଚଳର ବୁଦ୍ଧିଜୀବି ମହଲରୁ ଦିବାକର ଖଟୁଆ, ସର୍ବେଶ୍ୱର ପଣ୍ଡା, ଜ୍ଞାନରଞ୍ଜନ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁ, ତପନ ମହାରଣା(ତପୁ), ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଅଜିତ ମହାରଣା(ଟୁବୁ), ମାନସ ପଟ୍ଟନାୟକ, ବିଶ୍ୱରଞ୍ଜନ ପଟ୍ଟନାୟକ ଓ ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଆର୍ଥିକ ସାହାଯ୍ୟ ଦେବା ସହିତ ପ୍ରିୟଙ୍କାର ଆରୋଗ୍ୟ କାମନା କରିଛନ୍ତି।

## କୋମାରେ ଗ୍ରାମୀଣ ଜଳ ଯୋଗାଣ ଯୋଜନା !

# ଖରାଦିନ ପୂର୍ବରୁ ଜଳ କଷ୍ଟ

**ସୋନପୁର :** ଆଗକୁ ଅସୁଛି ଖରା ଦିନ। ଯେଉଁଭଳି ଭାବେ ପାଣି ପାଇଁ ଅସ୍ୱାଭାବିକ ପରିବର୍ତନ ଦେଖା ଦେଉଛି, ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବ ବୋଲି ପୂର୍ବାନୁମାନ ପ୍ରକାଶ ପାଇଛି। ଏହି ଋତୁରେ ଜଳସ୍ତର କମିଯାଉଥିବାରୁ ଉତ୍କଟ ଜଳକଷ୍ଟ ଦେଖାଦେବ ବୋଲି ଆଶଙ୍କା କରାଯାଉଛି। ଠିକ ଏହି ସମୟରେ ସୋନପୁର ଜିଲ୍ଲା ର ଧୋବାବାହଲି ଗାଁ ଓ ସାନଝିଙ୍କି ରେ ଦେଖାଯାଇଛି ଜଳ ସଂଙ୍କଟ । ଦିର୍ଘଦିନ ଧରି ସଦର ଛନଛାନ ଡୁଙ୍ଗୁରି ଠାରୁ ଧୋବାବାହାଲି ଓ ସାନଝିଙ୍କି କୁ ପ୍ରାୟ ୧୫୦ରୁ ଉର୍ଦ୍ଧ ପରିବାର ରହୁଥିବା ଏହି ଗାଁ କୁ ଜଳ ଯୋଗାଣ ହେବାକଥା ହେଲେ ଏଠାରେ ପାଣି ଯୋଗାଉଥିବା କର୍ମଚାରିଙ୍କ ମନ ମାନି ଯୋଗୁ ସାତ ଦିନ ମାସକରେ ଥରେ ପାଣି ଦିଆଯାଏ । ଅଭିଯୋଗ କରି ଫୋନ ରେଯୋଗାଯୋଗ କଲେ ଯାନ୍ତ୍ରୀକ ତୃଟି ଦେଖାଇଦିଅନ୍ତି । ତେବେ ସରକାର ଗାଁ କୁ ପାଣି ଓ ମାଁ କୁ ସମ୍ମାନ କଥା କହୁଥିବା ବେଳେ । ଏଠି କିନ୍ତୁ ତାହାର ବ୍ୟତିକ୍ରମ ଦେଖାଯାଇଛି । ତେବେ ଆଗକୁ ଖରା ଦିନ ଥିବାରୁ ଯଦି ଏହି ପରି ସମସ୍ୟା ହୁଏ ଲେକେ ନାହିଁ ନ ଥିବା ଅସୁବିଧା ର ସମ୍ମୁଖିନ ହେବେ । ତେଣୁ ଖରା ଦିନ ପୂର୍ବରୁ ଉଭୟ ଗ୍ରାମ ବାସୀଙ୍କ ଜଳକଷ୍ଟ ଦୂର କରିବାକୁ ଯୁଦ୍ଧକାଳୀନ ଭିତିରେ ସମସ୍ତ ଅଚଳ ନଳକୂ ସଜାଡ଼ିବା ସହ ପ୍ରାତିଦିନ ପାଇପ ଯୋଗେ ପାଣି ଯୋଗାଇବା ପାଇଁ ଗ୍ରାମ ବାସିଙ୍କ ତରଫରୁ ଦାବି ହେଉଛି ।

## ବୁଲା ଗାଈଗୋରୁଙ୍କ ଚିନ୍ତା

# ପୌରପରିଷଦ ନିୟମ ଫୁଁ'



**ସୋନପୁର :** ସହର ରେ ଦିନକୁ ଦିନ ସଡକ ଦୁର୍ଘଟଣା ବଢୁଥିବା ଦେଖାଯାଉଛି । ସଡକ ଦୁର୍ଘଟଣାର ଘଟିବାର ଅନେକ କାରଣ ଅଛି, ହେଲେ ସହରର ମୁଖ୍ୟ ରାସ୍ତାରେ ବୁଲା ଗାଈ ଗୋରୁ ମାନଙ୍କ ପାଇଁ ମଧ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିବା ନଜିର ହେଉଛି। ସହରର ରାସ୍ତା ଉପରେ ଯଦି ଗାଈଁ ଗୋରୁ ଛାଡିଲେ ତେବେ ଗାଈ ମାଲିକଙ୍କ ଠାରୁ ପୌରପରିଷଦ ୧୦୦୦ ଟଙ୍କା ଜୋରିମାନା ଆଦାୟ କରାଯିବ ବୋଲି ସହରବାସୀଙ୍କୁ ଅବଗତ କରାଯାଇଥିଲା। ସହରର ପୌରପରିଷଦ ଏହି ପଦକ୍ଷେପକୁ ଲୋକେ ପ୍ରଶଂସା କରିଥିଲେ । ସହରରେ ଚର୍ଚ୍ଚ ହେଉଥିଲା କିଁ ଏବେ ବୁଲା ଗାଈ ଗୋରୁ ଯୋଗୁ ଦୁର୍ଘଟଣା ହେବନାହିଁ । ହେଲେ ଏହି ନିୟମ ଯେମିତି କିଏ ପାଳନ କରୁନାହିଁ। ଖୋଦ ପୌରପରିଷଦ ରାସ୍ତାରେ ବୁଲୁଥିବା ଗାଈ ଗୋରୁ ମାଲିକକୁ ଠାବ କରି ତାଠାରୁ ଫାଇନ ଆଦାୟ କରୁନାହିଁ । ଖୋଦ ପୌରପରିଷଦ ସମ୍ମୁଖରେ ମଧ୍ୟ ବୁଲା ଗାଈ ଗୋରୁ ଦେଖିବାକୁ ମିଳୁଛି କେବଳ ଯେ ପୌରପରିଷଦ ଅଫିସ ସମ୍ମୁଖରେ ବୁଲା ଗାଈ ଗୋରୁ ଦେଖିବାକୁ ମିଳୁଛି ତାହେ ନୁହେଁ ସହରର ଅନେକ ସ୍ଥାନରେ ଗାଈ ଗୋରୁ ବୁଲୁଛନ୍ତି । ପ୍ରଶାସନ ନିୟମ କରିବାକୁ ସମୟ ଲାଗୁନାହିଁ କିନ୍ତୁ ନିୟମ ପାଳନ କରିବାକୁ ପଛଘଞ୍ଚା ଦେଉଛି । ତେଣୁ ଏବେ ସୋନପୁର ସହରରେ ମାତ୍ର ଗୋଟିଏ ଚର୍ଚ୍ଚା ସତରେ ପୌରପରିଷଦ କରିଥିବା ନିୟମ ଲାଗୁହେବ ନାଁ ପ୍ରହସନ ପାଲଟିବ ପୌରପରିଷଦ ର ଏହି ନିୟମ।


# ଶ୍ରୀ କାରୁଣ୍ୟାନନ୍ଦ ସ୍ୱାମୀ



ସୌରଚନ୍ଦ୍ର ମହାପାତ୍ର

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ସାନ୍ନିଧ୍ୟ ପାଇ ତାଙ୍କ ସହ ବର୍ଷ ବର୍ଷ ଧରି ଅନେକ ଦିବ୍ୟଲୀଳାରେ ସାମିଲ ହେବାର ଅପୂର୍ବ ସୁଯୋଗ ପାଇଥିଲେ ସ୍ୱାମୀ କାରୁଣ୍ୟାନନ୍ଦ। 'ସତ୍ୟଂ ଶିବଂ ସୁନ୍ଦରମ୍' ପୁସ୍ତକରେ ମଧ୍ୟ ବାବାଙ୍କ ଜୀବନ ରଚୟିତା ଏନ୍.କସ୍ତୁରୀ ଅନେକ ଘଟଣାବଳୀରେ ସ୍ୱାମୀ କାରୁଣ୍ୟାନନ୍ଦଙ୍କ ସମ୍ପର୍କରେ ସ୍ମରଣୀୟ ଘଟଣା ସବୁ ଲେଖି ଯାଇଛନ୍ତି। ଶ୍ରୀ କାରୁଣ୍ୟାନନ୍ଦ ସ୍ୱାମୀ କିଛି ବର୍ଷ ତିରୁବଣମଲାଇରେ ରମଣ ମହର୍ଷିଙ୍କ ପାଖରେ ଥିଲେ। ପରେ ସେ ତିରୁପତି ନିକଟରେ ମାଲୟାଲା ସ୍ୱାମୀ ଆଶ୍ରମରେ ମଧ୍ୟ କିଛି ଦିନ ଅତିବାହିତ କରିଥିଲେ। ମାଲାୟାଲା ସ୍ୱାମୀ (ଶିବାନନ୍ଦ ସ୍ୱାମୀଙ୍କ ମାଧ୍ୟମରେ) ତାଙ୍କୁ ପୂର୍ବ ନାମ ଭେଙ୍କଟସୁବ୍ବାୟା ବଦଳରେ କାରୁଣ୍ୟାନନ୍ଦ ନାମ ଦେଇଥିଲେ। କାରୁଣ୍ୟାନନ୍ଦ ରାଜମହେନ୍ଦ୍ରୀ ଠାରେ ଗୌତମୀ ଜୀବକାରୁଣ ସଙ୍ଘମ୍ ପ୍ରତିଷ୍ଠା କରିଥିଲେ। ଏହି ସଂଘର ଆଭିମୁଖ୍ୟ ଥିଲା ଦରିଦ୍ର ଓ ଅବହେଳିତମାନଙ୍କର ସେବା କରିବା। ବାବାଙ୍କୁ ସେତେବେଳେ ଦଶବର୍ଷ ହୋଇଥିଲା ଓ ସେ ତାଙ୍କର ଅବତାରତ୍ୱ ଉଦ୍‌ଘୋଷଣା କରିନଥିଲେ। ତଥାପି ଲୋକମାନେ ତାଙ୍କ ଚାରିପଟେ ଜମା ହେଉଥିଲେ ଯେହେତୁ ସେମାନେ ତାଙ୍କୁ ଏକ ଦିବ୍ୟ ବାଳକ ମନେ କରୁଥିଲେ। ବାବାଙ୍କ ଭଉଣୀ (ଭେଙ୍କଟାମ୍ମା) ଓ ଭିଣୋଇ ତୀର୍ଥଯାତ୍ରାରେ ଯିବାବେଳେ ବାଳକ ସତ୍ୟଙ୍କୁ ସାଙ୍ଗରେ ନେଇଥିଲେ। ସତ୍ୟଙ୍କୁ ଦେଖି ମହିଳାମାନେ ଈଶ୍ୱରପୁତ୍ର ବୋଲି ଡାକୁଥିଲେ। କାରୁଣ୍ୟାନନ୍ଦ ଏହା ଶୁଣିଲେ ଏବଂ ଭାବିଲେ, 'ଏଥିରେ କି ନୂତନତା ଅଛି? ପ୍ରତ୍ୟେକ ହେଉଛନ୍ତି ଈଶ୍ୱରଙ୍କ ପୁତ୍ର, ଏ ବିଷୟରେ କିଛି ସ୍ୱତନ୍ତ୍ରତା ନାହିଁ।'


୧୯୫୬ରେ ବାବା ରାଜମହେନ୍ଦ୍ରୀ ଯିବାବେଳେ ଜୀବକାରୁଣ୍ୟ ସଭା ଚାଲିଥାଏ। ଦିନେ ସଭା ଶେଷରେ ଉଭୟ କାରୁଣ୍ୟାନନ୍ଦ ଓ ମାଲାୟାଲା ସ୍ୱାମୀ ସତ୍ୟସାଇ ବାବାଙ୍କ ଦର୍ଶନ କଲେ। ବାବା ତାଙ୍କୁ କାରୁଣ୍ୟାନନ୍ଦ ନାମରେ ଡାକିଲେ, ସତେ ଯେପରି ସେ ବାବାଙ୍କର ଦୀର୍ଘଦିନର ପରିଚିତ। ବାବା ତାଙ୍କୁ ପାଖକୁ ଆସିବାକୁ କହିଲେ। କାରୁଣ୍ୟାନନ୍ଦ ବାବାଙ୍କ ପାଖକୁ ଆସିଲେ ଏବଂ ତତ୍‌କ୍ଷଣାତ ବାବାଙ୍କ ପାଦତଳେ ପଡ଼ିଗଲେ। ସେତେବେଳେ ରାତି ଆଠଟା। ବାବା କହିଲେ, 'ମୁଁ କାକିନାଡା ଯାଉଛି। ତୁମେ ମୋ ସାଙ୍ଗରେ ଯିବ କି?' କାରୁଣ୍ୟାନନ୍ଦ ତତ୍‌କ୍ଷଣାତ କହିଲେ 'ନିଶ୍ଚୟ ସ୍ୱାମୀ'। ଦୁହେଁ କାକିନାଡା ଅଭିମୁଖେ ବାହାରିଲେ। ସେମାନଙ୍କର ଯାତ୍ରା କାଳରେ ଭଗବାନ ବିଶଦ ଭାବରେ କାରୁଣ୍ୟାନନ୍ଦଙ୍କ ଜୀବନ କାହାଣୀ ବର୍ଣ୍ଣନା କଲେ। କାରୁଣ୍ୟାନନ୍ଦ ସାନ ଥିବାବେଳେ କ'ଣ ହୋଇଥିଲା ତାହାର ବିଶଦ ବିବରଣୀ, ଯାହା ବାବା ୧୯୨୬ରେ ଜନ୍ମ ହେବାର ବହୁ ପୂର୍ବରୁ ଘଟିଥିଲା, ଏଥିରୁ କାରୁଣ୍ୟାନନ୍ଦ ବାବା ଅବତାର ବୋଲି ବୁଝିଗଲେ।



୧୧ ନଭେମ୍ବର ୧୯୭୦। ପ୍ରଶାନ୍ତି ନିଳୟମ୍‌ରେ ବାବାଙ୍କ ଜନ୍ମ ଦିନର ପୂର୍ବ କଥା। ଏକ ସାଧାରଣ ସଭାରେ କାରୁଣ୍ୟାନନ୍ଦ ଆହ୍ଲାଦର ସହ କହିଲେ, 'ମୁଁ ନିକଟରେ ଘଟିଥିବା ଏକ ଚମତ୍କାର କଥା କହିବାକୁ ଚାହୁଁଛି। ମୁଁ ଶ୍ରୀକାକୁଲମ୍‌କୁ ଆସୁଥିବାବେଳେ ଜଣେ ଅନାଥ ଓ ଗର୍ଭବତୀ ନାରୀକୁ ଦେଖିଲେ। ମୁଁ ତାଙ୍କୁ ଆଣି ରାଜମହେନ୍ଦ୍ରୀରେ ଜୀବ କାରୁଣ୍ୟ ସଙ୍ଘମ୍ ଚିକିତ୍ସାଳୟରେ ଭର୍ତ୍ତି କରାଇଲି। ଖାଦ୍ୟ ଓ ଔଷଧ ଫଳରେ ସେ ଟିକିଏ ଆରୋଗ୍ୟ ଲାଭ କଲା। ତାର ୩-୪ ଦିନରେ ପ୍ରସବ ହେବ ବୋଲି ଡାକ୍ତରମାନେ ମୋତେ କହିଲେ। ମହିଳାଟିକୁ ରକ୍ଷା କରିବାକୁ ମୁଁ ବାବାଙ୍କୁ ପ୍ରାର୍ଥନା କରି ଘରକୁ ଗଲି। ପରଦିନ ସକାଳେ ମୋତେ ଶୀଘ୍ର ଚିକିତ୍ସାଳୟକୁ ଆସିବାକୁ କୁହାଗଲା, ଯେହେତୁ ମହିଳା ଜଣକ ଗୋଟିଏ ସନ୍ତାନ ପ୍ରସବ କରିଥିଲା। ମାଆ ଓ ଶିଶୁ ଭଲ ଥିଲେ। ଅଲୌକିକ କଥା ହେଉଛି ଯେ ମହିଳାଟିର ପ୍ରସବ ସମୟରେ ନର୍ସ ଚିକିତ୍ସାଳୟରେ ନଥିଲା। କିଏ ତାର ଯତ୍ନ ନେଲା ବୋଲି ମୁଁ ପଚାରିବାରୁ ସେ ମୋତେ କହିଲା ଯେ ସେ ଯେତେବେଳେ ପ୍ରସବ ବେଦନା ସମୟରେ ଖୁବ ଦୁର୍ବଳ ଥିଲା ଓ କଥା କହିପାରିଲା ନାହିଁ, ଜଣେ ନର୍ସ ସେଠାକୁ ଆସିଲା, ଦୁଇଘଣ୍ଟା ରହିଲା, ପ୍ରସବ କରାଇଲା, ତାର ଓ ଶିଶୁଟିର ଯତ୍ନ ନେଲା ଓ ପଳାଇଗଲା। ପରବର୍ତ୍ତୀ ସମୟରେ କିଛି ସମୟ ପରେ କାର୍ଯ୍ୟରତ ନର୍ସ ଆସିଲା ଓ ଯାହା ଘଟିଛି ତାହା ଜାଣି ଆଶ୍ଚର୍ଯ୍ୟ ହେଲା। ମୁଁ ମହିଳାଟିକୁ ପ୍ରସବ କରାଇଥିବା ନର୍ସଟିର ଚେହେରା ବିଷୟରେ ପଚାରିଲା। ସେ ମୋତେ ନଡ଼ିଆ ଗଛ ପାଖରେ ଠିଆ ହୋଇଥିବାର ବାବାଙ୍କ ଫଟୋକୁ ଦେଖାଇଲା। ନର୍ସର ବହୁତ ବାଳ ଥିଲା ଏବଂ ସେ ଧଳାକନାରେ ଆଚ୍ଛାଦିତ ଏକ ଲାଲ ଗାଉନ ପିନ୍ଧିଥିଲା ବୋଲି ମଧ୍ୟ ସେ ମୋତେ କହିଲା। ଏକଥା ଶୁଣି ମୁଁ ମହିଳାଜଣକ ଖୁବ ଭାଗ୍ୟବାନ ବୋଲି ଭାବିଲି। ଆମେ ଏପରି ଅନେକ ଚମତ୍କାର ଦେଖିଛେ ଏବଂ ଭବିଷ୍ୟତରେ ଅନେକ ଦେଖିବା। ଆମେ ତ୍ରେତାୟୁଗର ଋଷି ବା ଦ୍ୱାପର ଯୁଗର ଗୋପିକାମାନଙ୍କ ଠାରୁ ଅଧିକ ଭାଗ୍ୟବାନ। ଏହା ଆମେ ହଜାର ହଜାର ଜନ୍ମରେ କରିଥିବା ସତ୍‌କର୍ମର ଫଳ ଯେ ଆମେ ପ୍ରେମାବତାରଙ୍କ କୃପା ପାଇ ପାରିଛୁ।



'ରାଜମହେନ୍ଦ୍ରୀରେ ବାବାଙ୍କର ଏକ କାର୍ଯ୍ୟକ୍ରମ ସ୍ଥିର କରାଗଲା। ଆମେ ବାବାଙ୍କ ସହ କୋବୁରୁରେ ପହଞ୍ଚିଲୁ ଏବଂ ନଦୀ ପାର ହେବାକୁ ଅପେକ୍ଷା କରିଥିଲୁ। ସେ ସମୟରେ ଗୋଦାବରୀରେ ବନ୍ୟା ଆସିଥାଏ। ଜଳ ଭୟଙ୍କର ଭାବରେ ପ୍ରବାହିତ ହେଉଥାଏ ଏବଂ ରେଳ ପୋଲକୁ ଛୁଇଁଥାଏ। ବନ୍ୟା ଭୟଙ୍କର ଥିବାରୁ ରେଳଗାଡ଼ି, ନୌକା ଓ ଷ୍ଟିମର ସବୁ ବନ୍ଦ କରାଯାଇଥାଏ। ପଶ୍ଚିମ ଗୋଦାବରୀ ଜିଲ୍ଲାପାଳ କୋବୁରରେ ରହି ଅବସ୍ଥାର ଅନୁଧ୍ୟାନ କରୁଥାନ୍ତି। 'ଏହି ପରିସ୍ଥିତିରେ ଆମେ ବାବାଙ୍କ ସହ ଏକ ଷ୍ଟିମରରେ ଯାଉଥାଉ। ନଦୀ ପାରିହେବା ବିପଜ୍ଜନକ ଥିବାରୁ ଆମ ଯାତ୍ରୀ ରୋକିବା ପାଇଁ ଅଧିକାରୀମାନେ ଚେଷ୍ଟା କଲେ। କିନ୍ତୁ ସ୍ୱାମୀ ଜିଦ କଲେ। ଅଧିକାରୀମାନେ ଆମଠାରୁ ଏକ ଘୋଷଣା ନେବା ପରେ ହିଁ ଆମକୁ ଅନୁମତି ଦେଲେ। ନୂତନ ସେତୁର ମଝିରେ ପହଞ୍ଚିବା ବେଳକୁ ଆମେ ଖୁବ୍ ଭୟଭୀତ ହୋଇଗଲୁ, କାରଣ ଜଳପ୍ରବାହ ଓ ରେଳ ପୋଲ ମଝିରେ କିଛି ସ୍ଥାନ ନଥାଏ। ଷ୍ଟିମର କିପରି ଏପଟୁ ସେପଟକୁ ଯାଇପାରିବ? ତାପରେ ବାବା ଆମକୁ ଆଖିବୁଜି ଭଜନ ବୋଲିବାକୁ କହିଲେ। ଆମେ ଆଖି ଖୋଲିଲା ବେଳକୁ ଷ୍ଟିମର ରେଳ ପୋଲ ଅତିକ୍ରମ କରି ରାଜମହେନ୍ଦ୍ରୀକୁ ଯାଉଥିବାର ଦେଖିଲୁ। ସବୁ ଭକ୍ତ ତାଳିମାରି ସେମାନଙ୍କର ଆନନ୍ଦ ପ୍ରକଟ କଲେ। ଏପରି ଅନେକ ଦୃଷ୍ଟାନ୍ତ ଅଛି ଯାହା ସ୍ୱାମୀଙ୍କର ଅଲୌକିକ ଶକ୍ତି ପ୍ରକଟ କରେ। ୧୯୬୩ରେ ମୁଁ ତାଞ୍ଜାବୁର ଯାଇଥିଲି ଏବଂ ସରସ୍ୱତୀ ପାଠାଗାରରେ ଏକ ନାଡି ଗ୍ରନ୍ଥ ଦେଖିଲି। ସେହି ଗ୍ରନ୍ଥରେ ଉଲ୍ଲେଖ ଥିଲା - ପାଣ୍ଡବ ବନବାସ ସମୟରେ ମାର୍କଣ୍ଡେୟ ମହର୍ଷି ଧର୍ମରାଜଙ୍କ ଆଗରେ ମହାବିଷ୍ଣୁଙ୍କ ଅବତାର ବିଷୟରେ ବର୍ଣ୍ଣନା କରିଥିଲେ। ଆଉ ସେହି ଭଗବାନ କଳିଯୁଗରେ ସମସ୍ତ ଦିବ୍ୟଶକ୍ତି ସହ ସତ୍ୟସାଇ ଭାବରେ ଆସିବେ। ଆଜିବି ଅନେକ ସାଇଆଶ୍ରିତ ଶ୍ରଦ୍ଧାଳୁ ବିଭିନ୍ନ ପୁସ୍ତକ ଭିତରେ ସ୍ୱାମୀ କାରୁଣ୍ୟାନନ୍ଦଙ୍କ ଦିବ୍ୟ ଅନୁଭୂତି ସବୁ ମନେପକାଉଛନ୍ତି।



*ବରିଷ୍ଠ ଆଇନଜୀବୀ*
*ଓଡ଼ିଶା ହାଇକୋର୍ଟ, କଟକ*
*ଦୂରଭାଷ : ୯୪୩୭୦୦୪୪୬୬*

# ବାଗ୍‌ଦେବୀଙ୍କ ଆରାଧନା



ଡଃ.ଅରୁନ୍ଧତୀ ଦେବୀ

ଆସୁଛି ସରସ୍ୱତୀ ପୂଜା। ଶିକ୍ଷାର୍ଥୀମାନେ ଏହି ପୂଜାକୁ ଆଗ୍ରହ, ଭକ୍ତି ସହକାରେ ପାଳନ କରିଥାନ୍ତି। ମା'ସରସ୍ୱତୀଙ୍କ ଅନ୍ୟ ନାମ ବାଗ୍‌ଦେବୀ। ଧ୍ୱନି, ଶବ୍ଦ ବା ବାକ୍ୟ କହିବାର ମହାନ ଶକ୍ତିଟି ଆମ ପାଖରେ ଯାହା ରହିଛି ତା'ର ନିୟନ୍ତା ହେଉଛନ୍ତି ଏହି ଶୁକ୍ଳବର୍ଣ୍ଣ ବସ୍ତ୍ର ପରିହିତା, ବୀଣାପୁସ୍ତକ ଧାରିଣୀ ମା'ସରସ୍ୱତୀ। ସେ ଆମ କଣ୍ଠଦେଶରେ ବିରାଜମାନ କରି ଆମକୁ ବାଣୀ ବା ବାକ୍ୟ କହିବାର ଶକ୍ତି ପ୍ରଦାନ କରିଥାନ୍ତି। ଏଣୁ ମା'ଙ୍କର ଆରାଧନା କଲାବେଳେ ପିଲାମାନେ ଗାଇ ଉଠିଥାନ୍ତି ସରସ୍ୱତୀ ମା'କଣ୍ଠରେ ଥା, ବିଦ୍ୟା ନଆସିଲେ କହି ଦେଉଥା। ସବୁ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ହିଁ କଥା କହିବାର କ୍ଷମତା ହାସଲ କରିଛି। ଯଦିଓ କିଛି ଜୀବଜନ୍ତୁ ଅଛନ୍ତି କଥା କହିବା ଭଳି ଧ୍ୱନି ସୃଷ୍ଟି କରିପାରନ୍ତି, ତେବେ ମଣିଷ ପରି କେହି ଏଥିରେ ଧୂରନ୍ଧର ହୋଇପାରନ୍ତି ନାହିଁ। ସୁତରାଂ ବାଗ୍‌ଦେବୀଙ୍କର ତାଙ୍କ ସେହି ଶ୍ରେଷ୍ଠ ସନ୍ତାନ ପ୍ରତି ଅସୀମ କରୁଣା ରହିଛି କହିଲେ ଭୁଲ ହେବନାହିଁ। ତେବେ ଏହି କରୁଣାର ଉପଯୋଗ ଆମେ କିପରି ଭାବେ କରୁଛେ? ଆଜିକାର ସମୟରେ ଏହା ଚିନ୍ତା କରିବା ନିହାତି ଜରୁରୀ। ପଦିଏ ମଧୁର କଥା ଅନ୍ୟର କ୍ଲେଶ ହରଣ କରିଦେଉଥିବାବେଳେ ସେହି ପଦିଏ କଥା ଅନ୍ୟ ମନକୁ ବିଷାଦମୟ ତଥା ବିଷାକ୍ତମୟ କରିପାରେ। ଏହି କଥାରୁ ହିଁ ସୃଷ୍ଟି ହେଉଛି ଯାବତୀୟ କଳିତକରାଳ। ଏଣୁ ସନ୍ଥମାନେ କହିଯାଇଛନ୍ତି ବିନୟ ମଧୁର ବଚନ, କହି ତୋଷିବ ପ୍ରାଣୀମନ। ତେବେ ମଧୁର କଥା ସତ୍ୟ ଉପରେ ଆଧାରିତ ହୋଇଥିଲେ ତାହା ପ୍ରଭାବଶାଳୀ ହୋଇଥାଏ। ଏଣୁ ବିଜ୍ଞ, ସାଧୁସନ୍ଥମାନେ କଥାର ଅପବ୍ୟବହାର କରିନଥାନ୍ତି। ଯାହା କହିଥାଆନ୍ତି ସତ୍ୟ ଉପରେ ଆଧାରିତ ହୋଇଥାଏ। ନିଜର ଶବ୍ଦ ଉପରେ ଏମାନେ ଏପରି ସିଦ୍ଧି ପ୍ରାପ୍ତ କରିଥାନ୍ତି ଯେ, ଯାହା କହନ୍ତି ତାହା ଫଳବତୀ ହୋଇଯାଏ। ଯାହାକୁ କୁହାଯାଏ ଆଶୀର୍ବଚନ। ଆମର ବିଶ୍ୱାସ ଅଛି ଯେ ଯଦି କେଉଁ ଅସହାୟ, ବୟସ୍କଙ୍କୁ ନିଜରସ୍ୱାର୍ଥ ହାସଲ ଲାଗି ହଇରାଣହରକତ କରୁ ତେବେ ସେମାନଙ୍କ ଯନ୍ତ୍ରଣାଦଗ୍ଧ ହୃଦୟର ଭାବ ଯେଉଁ ବାକ୍ୟ ରୂପେ ଉଚ୍ଚାରିତ ହୁଏ ତାହା ସତ୍ୟରେ ପରିଣତ ହୋଇଯାଏ। ଯାହାକୁ ଅଭିଶାପ ଆଖ୍ୟା ଦିଆଯାଇଛି। ଶାସ୍ତ୍ରରେ ଶବ୍ଦକୁ ବ୍ରହ୍ମ ସହ ତୁଳନା କରାଯାଇଛି। ଯାହାର ଅଧିଷ୍ଠାତ୍ରୀ ହେଉଛନ୍ତି ମା'ସରସ୍ୱତୀ। ଏଣୁ ମା'କଳା ନିପୁଣା। ସବୁ କଳାକାର ମା'ଙ୍କୁ ଆରାଧନା କରି କଳା ସାଧନା କରିଥାନ୍ତି। ମା'ସନ୍ତୁଷ୍ଟ ହେଲେ କଳାକାରର ସାଧନା ସିଦ୍ଧ ହୋଇଥାଏ। ଏହି କ୍ରମରେ ଆମ ଓଡ଼ିଶାର ଝଙ୍କଡ଼ ସାରଳା ପୀଠ କଳାକାରଙ୍କ ତୀର୍ଥ କ୍ଷେତ୍ର ଭାବେ ପରିଚିତ। ଏଠାରେ ମୁଖ୍ୟତଃ ପାଲାଗାୟକମାନେ ମା'ସାରଳାଙ୍କର କରୁଣା ଭିକ୍ଷା କରିଥାନ୍ତି। ମା' ସନ୍ତୁଷ୍ଟ ହେଲେ ସେମାନେ ନିଜର କଳା ନିର୍ଭୁଲ ଭାବେ ପରିବେଷଣ କରିବାର କ୍ଷମତା ହାସଲ କରିପାରନ୍ତି ବୋଲି କାହିଁ କେଉଁ କାଳରୁ ବିଶ୍ୱାସ ରହିଆସିଛି। ଆସନ୍ତୁ ସେହି ମହିମାମୟୀ ମା'ଙ୍କର ଜୟଗାନ କରିବା।




ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, ଭୁବନେଶ୍ୱର,
ଦୂରଭାଷ : ୯୯୩୭୧୭୨୮୧୦

## ଜଗତ୍‌ସିଂହପୁର ଜିଲ୍ଲା ପୁନର୍ଗଠନକୁ ପୁରିବ ୨୮ବର୍ଷ

# ଏବେବି ସମସ୍ୟା ଅନେକ

**ଜଗତ୍‌ସିଂହପୁର,(ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ରାଜ୍ୟର ପ୍ରତ୍ୟେକ ଅଞ୍ଚଳକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ୧୯୯୩ ମସିହାରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁପଟ୍ଟନାୟକଙ୍କ ଦ୍ୱାରା ୧୩ଗୋଟି ଜିଲ୍ଲାକୁ ଭାଗକରାଯାଇ ୩୦ଗୋଟି ଜିଲ୍ଲା କରାଯାଇଥିଲା। ଏହି ପରୀପ୍ରେକ୍ଷୀରେ ଅଭିଭକ୍ତ କଟକ ଜିଲ୍ଲାରୁ ଆସି ଜଗତ୍‌ସିଂହପୁର ୧୯୯୩ ମସିହା ଏପ୍ରିଲ୍ ୧ତାରିଖରେ ଏକ ଜିଲ୍ଲାର ମାନ୍ୟତା ପାଇଥିଲା, ହେଲେ ଆଜି ପର୍ଯ୍ୟନ୍ତ ଜଗତ୍‌ସିଂହପୁର ଜିଲ୍ଲାର ସୀମାନିର୍ଦ୍ଧାରଣ ସଠିକ୍ ଭାବେ କରାଯାଇ ପାରିନାହିଁ। ଓଡ଼ିଶାର କୋଟିଆ ପଞ୍ଚାୟତକୁ ନେଇ ଓଡ଼ିଶା-ଆନ୍ଧ୍ରବିବାଦ ଯାହା ଲାଗିରହିଛି, ସମୟ ଆସିବ ଜିଲ୍ଲାର ଉତ୍ତର ପାର୍ଶ୍ୱରେ ଥିବା କେନ୍ଦ୍ରାପଡା ଜିଲ୍ଲା, ଦକ୍ଷିଣ ପାର୍ଶ୍ୱରେ ଥିବା ପୁରୀଜିଲ୍ଲା ଓ ପଶ୍ଚିମପଟରେ ଥିବା କଟକଜିଲ୍ଲା ଭିତରେ ବି ବିବାଦ ବହୁ ଦିନ ଧରି ଲାଗିରହିଛି, ହେଲେ ଜଗତ୍‌ସିଂହପୁର ଜିଲ୍ଲାର ସୀମାସରହଦ ସଠିକ୍ ମାପଚୁପ କରାଯାଇପାରିନାହିଁ। ଜିଲ୍ଲାର ବହୁ ଚର୍ଚ୍ଚିତ ନେତାମାନେ ଜିଲ୍ଲା ସୃଷ୍ଟି ହେବା ଦିନଠାରୁ ଶାସନ ଗାଦିରେ ଥିଲେ ବି ଏ ସମ୍ପର୍କରେ ସ୍ୱର ଉତ୍ତୋଳନ କରିପାରି ନାହାଁନ୍ତି। ଏପରିକି ବହୁ ଚର୍ଚ୍ଚିତ ନେତାମାନଙ୍କ ମଧ୍ୟରୁ




କିଛି ନେତା ମୃତ୍ୟୁବରଣ କରିଥିଲେ ବି ସେମାନେ ମନ୍ତ୍ରୀ ପଦରେ ଥିବା ବେଳେ ଏପରି ସୀମା ବିବାଦର ଆପୋଷ ସମାଧାନ କରିପାରିନଥିଲେ। ତିନିଗୋଟି ଜିଲ୍ଲାର ଜିଲ୍ଲାପାଳଙ୍କ ମାଧ୍ୟମରେ ଯଦି ବୈଠକ ଡକାଯାଇ ନିଜ ନିଜର ସୀମା ନିର୍ଦ୍ଧାରଣ କରାଯାଇ ଫଳ ଲଗାଯାଇପାରନ୍ତା ତେବେ ବିବାଦର ପରିସମାପ୍ତି ହୋଇ ପାରନ୍ତା। ସେହିପରି ଜିଲ୍ଲା ପର୍ଯ୍ୟଟନ ସ୍ଥଳୀର ବିକାଶ ବି ମନ୍ଥର ଗତିରେ ଚାଲୁଥିବାର ଦେଖାଦେଇଛି। ଜିଲ୍ଲା ଗଠନ ପରେ କଟକଠାରୁ ଜିଲ୍ଲା ମୁଖ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାଟିର ଏ ପର୍ଯ୍ୟନ୍ତ ଦ୍ୱିପାଖିକ ହୋଇପାରିଲା ନାହିଁ। ସେହିପରି କଟକ ପାରାଦ୍ୱୀପ ରାସ୍ତାଟି ଦ୍ୱିପାଖିକ ନହେବା ଦ୍ୱାରା ଗାଡି ମଟର ଯାତାୟତ କରିବାରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବାର ଦେଖିବାକୁ ମିଳୁଛି। ଏହି ରାସ୍ତାଟିରେ ପ୍ରତିଦିନ ଦୃଘଟଣା ଘଟି ଲୋକମାନଙ୍କୁ ମୃତ୍ୟୁବରଣ କରିବାକୁ ପଡୁଛି। ଜଗତ୍‌ସିଂହପୁର ଜିଲ୍ଲାଟି ଶିକ୍ଷା, ସ୍ୱାସ୍ଥ୍ୟ ଓ ପାରଦର୍ଶିତା କ୍ଷେତ୍ରରେ ଆଗୁଆ ଥିଲେ ବି ପାରାଦ୍ୱୀପ ବନ୍ଦରଟି ଜିଲ୍ଲାର ଏକ ମୁଖଶାଳା ହୋଇ ଆର୍ଥିକ ମାନଦଣ୍ଡ ବୋଲି କୁହାଯାଉଥିବା ବେଳେ ଜିଲ୍ଲାରେ ଏ ପର୍ଯ୍ୟନ୍ତ ଏକ ଟ୍ରମାକେୟାର ସେଣ୍ଟର ଖୋଲାଯାଇପାରିଲା ନାହିଁ। ଫଳରେ ପାରାଦ୍ୱିପ, ନାଉଗାଁ ଓ ବାଲିକୁଦା ଅଞ୍ଚଳର ଦୁର୍ଘଟଣା ଗ୍ରସ୍ତ ରୋଗୀମାନଙ୍କୁ କଟକ ମେଡିକାଲରେ ପହଞ୍ଚିବା ପୂର୍ବରୁ ମରିଯାଉଛନ୍ତି। ଆମ ନେତାମନ୍ତ୍ରୀମାନେ ନିର୍ବାଚନବେଳକୁ ଦେଉଥିବା ପ୍ରତିଶୃତି ଏକ ପ୍ରହସନରେ ପରିଣତ ହେଉଛି। ଜିଲ୍ଲାରେ ବହୁ ନେତା, ମନ୍ତ୍ରୀଥିଲେ ବି ଏ ପର୍ଯ୍ୟନ୍ତ ଏକ ବଡ଼ଡାକ୍ତରଖାନା ଓ ସରକାରୀ ଆଇ.ଟି.ଆଇ କେନ୍ଦ୍ର ଖୋଲାଯାଇପାରିନାହିଁ। ଏପରିକି ଜିଲ୍ଲାରେ ୮ଗୋଟି ବ୍ଲକ୍ ଥିବା ବେଳେ ଏ ପର୍ଯ୍ୟନ୍ତ କେନ୍ଦ୍ରିୟ ବିଦ୍ୟାଳୟ ଢାଞ୍ଚାରେ ଖୋଲାଯାଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୋଟିଏ ଖୋଲାଯାଇପାରିନାହିଁ ବୋଲି ସୂଚନା ଅଧିକାର ଆଇନବଳରେ ଜଣାପଡିଛି। ଏ ସବୁକୁ ବିଚାର କଲେ ଜଗତ୍‌ସିଂହପୁର ଜିଲ୍ଲା ଯେ କେତେ ବିକଶିତ ହୋଇଛି ତାହା ଆଗାମୀ ଯୁବପିଢ଼ୀ କହିବ।

# ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୫ - ୨୧ ଫେବୃଆରୀ, ୨୦୨୧







## 'ମୋ ରାଜ୍ୟର ଚାଷୀ ସମ୍ମାନର ସହ ବଞ୍ଚୁ'



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଭିଡିଓ କନଫରେନ୍ସିଂ ଜରିଆରେ ୫୩ଲକ୍ଷରୁ ଅଧିକ ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏ କାଳିଆ ସହାୟତା ପ୍ରଦାନ କରିଛନ୍ତି। ସମୁଦାୟ ୧୨୭୨ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ଏହି ଟଙ୍କା ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀମାନଙ୍କୁ କୃଷି ଓ ଆନୁସଙ୍ଗିକ କାର୍ଯ୍ୟରେ ସହାୟତା କରିବା ପାଇଁ ୨୦୧୯ ମସିହାରେ କାଳିଆ ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନା ଆଜି ଜାତୀୟ ସ୍ତରରେ ଏକ ଆଦର୍ଶ ଯୋଜନା ହୋଇପାରିଛି। ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ କାଳିଆ ଯୋଜନା କାର୍ଯ୍ୟକାରୀ ହେବା ପରେ ପୂର୍ବ ବର୍ଷ ଅପେକ୍ଷା ଚାଷୀ ମାନଙ୍କ ଋଣ ଭାର ଅପେକ୍ଷାକୃତ କମିପାରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମୁଁ ଚାହେଁ, ମୋ ରାଜ୍ୟର ଚାଷୀ ତାର ଉତ୍ପାଦିତ ଜିନିଷର ଉଚିତ ମୂଲ୍ୟ ପାଉ। ମୁଁ ଚାହେଁ, ଚାଷୀର ରୋଜଗାର ବଢୁ। ତାର ଜୀବନଧାରଣ ମାନରେ ଉନ୍ନତି ଆସୁ। ମୁଁ ଚାହେଁ ମୋ ରାଜ୍ୟର ଚାଷୀ ସମ୍ମାନର ସହ ବଞ୍ଚୁ। ଏହି ଲକ୍ଷ୍ୟ ନେଇ ମୁଁ କାମ କରୁଛି। କୃଷି ଆମ ଅର୍ଥନୀତିର ମୁଖ୍ୟ ଶକ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କରୋନା ସମୟରେ ଅର୍ଥନୀତିର ସବୁ କ୍ଷେତ୍ର ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। କିନ୍ତୁ, ଆମର ଚାଷୀଭାଇ ମାନଙ୍କ ସାହାସ ଓ ପରିଶ୍ରମ କୃଷି କ୍ଷେତ୍ରରେ ଉନ୍ନତି ଆଣିଛି ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀଭାଇ ସଂଜୀବନୀ ପରି ଦେଶର ଅର୍ଥନୀତିକୁ ରକ୍ଷା କରିପାରିଛି। 'ଚାଷୀର ତ୍ୟାଗକୁ, ତାର ପରିଶ୍ରମକୁ ମୁଁ ପ୍ରଣାମ କରୁଛି' ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଚାଷୀଙ୍କ ପାଇଁ ଆରମ୍ଭରୁ ସେ କାମ କରିଆସିଛନ୍ତି ଏବଂ କରିଚାଲିବେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚାଷୀ ଭଲରେ ରହିଲେ ଦେଶ ଓ ସମାଜ ଭଲରେ ରହିବ। ଏହି ଲକ୍ଷ୍ୟ ନେଇ ରାଜ୍ୟ ସରକାର ଚାଷୀ ଭାଇ ପାଇଁ ବିଭିନ୍ନ ଯୋଜନା କରି ଆସୁଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏମ୍ଏସ୍ପିକୁ ଦୁଇଗୁଣ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ବାରମ୍ବାର ଦାବି କରିଆସୁଛନ୍ତି। ଏହାସହିତ କୃଷିଜାତ ଜିନିଷ ପାଇଁ ମାର୍କେଟିଂ ଇନ୍ଫ୍ରାଷ୍ଟ୍ରକଚରକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସେ କହିଥିଲେ। ଚାଷୀ ଭାଇମାନେ ସରକାରଙ୍କ ବିଭିନ୍ନ କୃଷି କଲ୍ୟାଣ ଯୋଜନାର ସୁବିଧା ନେବେ ଏବଂ ରାଜ୍ୟର ବିକାଶ ଧାରାକୁ ଆଗେଇ ନେବେ ବୋଲି ସେ ଆଶାପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲ୍ଲାରେ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ କାଳିଆ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ସୁନ୍ଦରଗଡର କୁମାରୀ ମାରାଇ, ବରଗଡର ମାଣିକ ପ୍ରଧାନ, ନବରଙ୍ଗପୁରର ଘନ ପାଇକ, ନୟାଗଡର ଦାଶରଥି ସାହୁ ଓ ମୟୂରଭଞ୍ଜର ଚାଷୀମାନେ କାଳିଆ ସହାୟତା ଦ୍ୱାରା କିପରି ଚାଷ ସହିତ ସେମାନେ ଛେଳି ପାଳନ ଓ ଅନ୍ୟ ଆନୁସଙ୍ଗିକ କୃଷି କାମ କରି ସେମାନେ କିପରି ଲାଭବାନ ହୋଇଛନ୍ତି, ସେ ବିଷୟରେ କହି ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଅରୁଣ ସାହୁ କହିଥିଲେ ଯେ, ଅନେକ ପ୍ରାକୃତିକ ବିପର୍ଯ୍ୟୟ ଓ ବର୍ତ୍ତମାନର କୋଭିଡ୍ ପରିସ୍ଥିତି ସତ୍ତ୍ୱେ ଚାଷୀମାନେ ଭଲ ଫସଲ ଅମଳ କରି ଓଡ଼ିଶାକୁ ଆଗକୁ ନେଇପାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ନେତୃତ୍ୱ ଯୋଗୁ ରାଜ୍ୟ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିପାରିଛି ବୋଲି ସେ କହିଥିଲେ। ଏହି ଅବସରରେ କାଳିଆ ଯୋଜନା ସମ୍ପର୍କରେ ଏକ କ୍ଷୁଦ୍ର ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷି ବିଭାଗର ପ୍ରମୁଖ ସଚିବ ସୌରଭ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଆରକେ ଶର୍ମା ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

## ଆତ୍ମନିର୍ଭରଶୀଳ ମହିଳା ମୂର୍ତ୍ତି କାରିଗର ପ୍ରଜ୍ଞା

### ଅନ୍ୟ ମହିଳାଙ୍କ ପାଇଁ ସାଜିଛନ୍ତି ଭିନ୍ନ ପରିଚୟ



**ଉଦଳା, (ନିରୁପମା ରଣା) :** ଆଉ ଦୁଇଦିନ ପରେ ବାଗଦେବୀ ମା' ସରସ୍ୱତୀଙ୍କ ପୂଜା। ଚଳିତ ବର୍ଷ କରୋନା କଟକଣା ପାଇଁ ସରସ୍ୱତୀ ପୂଜା ଫିକା ପଡିପାରେ। ବିଶେଷକରି ଏହି ପୂଜାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ମୂର୍ତ୍ତି କାରିଗର। କପ୍ତିପଦା ଉପଖଣ୍ଡରେ ଜଣେ ମହିଳା ମୂର୍ତ୍ତି କାରିଗର ନିଜେ ଆତ୍ମନିର୍ଭରଶୀଳ ହେବା ସହିତ ଅନ୍ୟମାନଙ୍କ ପାଇଁ ହୋଇପାରିଛନ୍ତି ଉଦାହରଣ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଖୁଣ୍ଟା ଅଞ୍ଚଳର ଏ ହେଉଛନ୍ତି ପ୍ରଜ୍ଞା ପରମିତା ବେହେରା। ପ୍ରଜ୍ଞାଙ୍କ ସ୍ୱାମୀ ଜୟନ୍ତ ବେହେରା ଜଣେ ଶିକ୍ଷକ ହୋଇଥିବା ବେଳେ ପୂର୍ବରୁ ମୂର୍ତ୍ତି ତିଆରି କରୁଥିଲେ। ସ୍ୱାମୀଙ୍କ ପ୍ରେରଣାରେ ପ୍ରଜ୍ଞା ମୂର୍ତ୍ତି କାମ ଶିଖି ଏବେ ନିଜେ ମୂର୍ତ୍ତି ତିଆରି କରିବାରେ ଲାଗିପଡିଛନ୍ତି। ଯାହାକି ନିଜେ ପ୍ରଜ୍ଞା ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। କୋଭିଡ୍ କଟକଣା ପାଇଁ ଏବର୍ଷ ମୂର୍ତ୍ତି ବିକ୍ରିକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ଏହି ମୂର୍ତ୍ତି କାରିଗର ପ୍ରଜ୍ଞା। ହାତରେ ତୁଳି ଓ ବିଭିନ୍ନ ରଙ୍ଗ ମାଧ୍ୟମରେ ଜୀବନ୍ତ ସ୍ପର୍ଶ ଦେଉଛନ୍ତି ଏହି ମହିଳା କାରିଗର। ସେ ସ୍ୱାମୀଙ୍କୁ ମୂର୍ତ୍ତି କାମରେ ସହାୟତା କରିବା ସହ ନିଜେ ମଧ୍ୟ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଗଣେଶ ମୂର୍ତ୍ତି, ଦୁର୍ଗା ମୂର୍ତ୍ତି ଓ ସରସ୍ୱତୀ ମୂର୍ତ୍ତିଠୁ ଆରମ୍ଭ କରି ବିଭିନ୍ନ ପ୍ରକାର ମୂର୍ତ୍ତି କରିପାରୁଛନ୍ତି ପ୍ରଜ୍ଞା। ଘରେ ବସିବା ଅପେକ୍ଷା ପ୍ରତ୍ୟେକ ମହିଳା କିଛି ସମୟ ବାହାର କରି ନିଜେ ଆତ୍ମନିର୍ଭରଶୀଳ ହୋଇ ପାରିବେ ବୋଲି କହିଛନ୍ତି ଏହି ମହିଳା ମୂର୍ତ୍ତ କରିଗାର। ପୂଜା ଆଗକୁ ଥିବାରୁ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ମୂର୍ତ୍ତି। ତେବେ ବିକ୍ରି ଆଶାରେ ଅନେକ ମୂର୍ତ୍ତି ତିଆରି କରିଛନ୍ତି। ପ୍ରଜ୍ଞା କରୋନା କଟକଣା ଯୋଗୁ ଏ ବର୍ଷ ମୂର୍ତ୍ତି ବିକ୍ରିକୁ ନେଇ ଚିନ୍ତାରେ ରହିଛନ୍ତି। ତେବେ ଜଣେ ମହିଳା ହୋଇ ନିଜର ଉଦ୍ୟମ ଯୋଗୁ ତାଙ୍କର ଏହି କାର୍ଯ୍ୟଧାରାକୁ ପ୍ରଶଂସା କରିଛନ୍ତି ସ୍ଥାନୀୟ ମହିଳା।

## ସମାଜସେବୀ ବିଶ୍ୱଜିତ୍ଙ୍କୁ 'ଶାନ୍ତିସେବା' ଓ 'କରୋନା ଯୋଦ୍ଧା' ସମ୍ମାନ




**ଭୁବନେଶ୍ୱର :** ରାଷ୍ଟ୍ର ଗଠନରେ ସମାଜସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ତଥା ସାମ୍ପ୍ରତିକ ପରିସ୍ଥିତିରେ ସେମାନଙ୍କର ଆବଶ୍ୟକତା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ଶାନ୍ତିସେବା ଫାଉଣ୍ଡେସନ ଆନୁକୂଲ୍ୟରେ ଆୟୋଜିତ ଏକ ଉତ୍ସବରେ ଯୋଗଦାନ କରି ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ମୋନିକା ନାୟାର ପଟ୍ଟନାୟକ (ସମ୍ବାଦ) ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ବିଶିଷ୍ଟ ସମାଜସେବୀ, ଯୁବନେତା, ପରୋପକାରୀ, ବନ୍ଧୁବତ୍ସଳ ଲୋକଙ୍କ ବିପଦ ଆପଦର ବନ୍ଧୁ ତଥା ଏକ ଦରଦି ହୃଦୟର ମଣିଷ ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ)ଙ୍କୁ 'ଶାନ୍ତିସେବା ସମ୍ମାନ-୨୦୨୧' ଓ 'କରୋନା ଯୋଦ୍ଧା ସମ୍ମାନ' ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ବିଜେପି ନଗରଠାରେ ଶାନ୍ତିସେବା ଫାଉଣ୍ଡେସନ ଆନୁକୂଲ୍ୟରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ମୋନିକା ନାୟାର ପଟ୍ଟନାୟକ (ସମ୍ବାଦ), ଅତିରିକ୍ତ ଟ୍ରାଫିକ୍ ଡିସିପି କିଶୋର ପାଣିଗ୍ରାହୀ ଅତିଥି ରୂପେ ଯୋଗଦେଇ ଶ୍ରୀ ପଟ୍ଟନାୟକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ତଥା ଫଳକ ଇତ୍ୟାଦି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଦୀର୍ଘ ଦୁଇଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ବିଭିନ୍ନ ଜନହିତକାରୀ ବିଶେଷକରି କରୋନା ମହାମାରୀ ସମୟରେ ନିଃସ୍ୱାର୍ଥପର ଜନସେବାରେ ନିଜକୁ ସମିଲ କରିଥିବା ଶ୍ରୀ ପଟ୍ଟନାୟକ ବର୍ତ୍ତମାନ ମଧ୍ୟ ରାଜ୍ୟର ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘର ସାଧାରଣ ସମ୍ପାଦକ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରି ସଂଘ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା ରକ୍ତଦାନ, ବୃକ୍ଷରୋପଣ ଏବଂ ବାତ୍ୟା ଫନି, ହୁଡହୁଡ, ଫାଇଲିନ୍ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଭିନ୍ନ ଜନହିତକର କାର୍ଯ୍ୟରେ ନିଜେ ଓ ନିଜର ଅନୁଷ୍ଠାନକୁ ସାମିଲ କରି ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଅନୁଷ୍ଠାନର ସମ୍ମାନ ବଢ଼ାଇବାରେ ସହାୟକ ହୋଇଥିଲେ।

## ଗ୍ରାମାଞ୍ଚଳରେ ରୋଜଗାର ବଢ଼ିବ: ଧର୍ମେନ୍ଦ୍ର




**ନୂଆଦିଲ୍ଲୀ/ଭୁବନେଶ୍ୱର :** ଦେଶର ପ୍ରଥମ ସିଏନ୍ଜି ଟ୍ରାକ୍ଟର ଶୁଭାରମ୍ଭ ହୋଇଛି। ଫଳରେ ଚାଷୀମାନେ ନିଜ ଆୟକୁ ବୃଦ୍ଧି କରିବା ସହ ଗ୍ରାମାଞ୍ଚଳରେ ରୋଜଗାର ମଧ୍ୟ ବଢ଼ିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି କ୍ରମେ ଲକ୍ଷ୍ୟ ରଖାଯାଇଥିବା ଦେଶରେ ପ୍ରଦୂଷଣର ମାତ୍ରାକୁ ହ୍ରାସ କରାଯାଇପାରିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନୂଆଦିଲ୍ଲୀ ଠାରେ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଉପସ୍ଥିତିରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଦ୍ୱାରା ଦେଶର ପ୍ରଥମ ସିଏନଜି ଟ୍ରାକ୍ଟର ଶୁଭାରମ୍ଭ କରିବା କରାଯିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସିଏନ୍ଜି ଚାଳିତ ଟ୍ରାକ୍ଟର ଗୁଡିକର ବ୍ୟବହାର ଦ୍ୱାରା ଚାଷୀମାନେ ବାର୍ଷିକ ୧.୫ ଲକ୍ଷ ଟଙ୍କା ସଞ୍ଚୟ କରିପାରିବେ। ଟେକ୍ନୋଲୋଜି ଜରିଆରେ ପୁରୁଣା ଡିଜେଲ୍ ଟ୍ରାକ୍ଟରକୁ ସିଏନ୍ଜିରେ ରୂପାନ୍ତରିତ କରାଯାଇଛି। ରୋମାଟ୍ ଟେକ୍ନୋ ସଲ୍ୟୁସନ ଏବଂ ଟୋମାସେଟ୍ ଆଚିଲେ, ଇଣ୍ଡିଆ କମ୍ପାନୀ ସହଯୋଗରେ ଏହି ଟେକ୍ନୋଲୋଜିକୁ ବିକଶିତ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ପୁରୁଣା ଡିଜେଲ ଟ୍ରାକ୍ଟର ସିଏନ୍ଜିରେ ରୂପାନ୍ତରିତ ହେବା ଫଳରେ ସ୍ୱଚ୍ଛ ଇନ୍ଧନ ଦ୍ୱାରା ପ୍ରଦୂଷଣ ହ୍ରାସ ହେବ। ଇଞ୍ଜିନରେ ରକ୍ଷଣାବେକ୍ଷଣ ଖର୍ଚ୍ଚ କମ୍‌ହେବ। ସିଏନ୍ଜି ଶସ୍ତା ହୋଇଥିବା କାରଣରୁ ଚାଷୀମାନେ ଲାଭବାନ ହେବେ। ସିଏନଜି ଇନ୍ଧନ କାରଣରୁ ମଧ୍ୟ ଟ୍ରାକ୍ଟର ନିରାପଦ ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୱେଷ୍ଟ ଟୁ ୱେଲଥ୍ ଦୃଷ୍ଟିକୋଣରେ ବାୟୋ ସିଏନ୍ଜି ପାଇଁ ନଡ଼ା ବ୍ୟବହୃତ ହୋଇଥାଏ। ଫଳରେ ଏହାଦ୍ୱାରା ଚାଷୀମାନେ ନଡ଼ାକୁ ସ୍ଥାନୀୟ ଅଂଚଳରେ ନଷ୍ଟ ନକରି ବିକ୍ରି କରି ଅଧିକ ଲାଭବାନ ହୋଇପାରିବେ। ତଣ୍ଟେ ସିଏନ୍ଜି ଉତ୍ପାଦନ ହେଉଥିବା କୃଷି ଅବଶିଷ୍ଟାଂଶକୁ ମଧ୍ୟ ବାୟୋ-ସିଏନ୍ଜି ୟୁନିଟ୍‌ରେ ବିକ୍ରୟ କରିବାକୁ ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯିବ।

## ବିଭାଗ ପକ୍ଷରୁ ୫ ଜିଲ୍ଲା ପୌରାଞ୍ଚଳର କାର୍ଯ୍ୟ ସମୀକ୍ଷା



**ଭୁବନେଶ୍ୱର :** ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ରାଜ୍ୟର ପୌରାଞ୍ଚଳ ଗୁଡ଼ିକରେ ହେଉଥିବା ବିକାଶ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ ଲାଗି ତଦାରଖ ଓ ସମୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। '୫-ଟି' ଆଧାରରେ କାର୍ଯ୍ୟ ସମ୍ପାଦନ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାର ଲୋକସେବା ଭବନର ନୂତନ ସମ୍ମିଳନୀ କକ୍ଷରେ ବିଭାଗର ପ୍ରମୁଖ ଶାସନ ସଚିବ ଜି.ମାଥିଭାଥନନ ୫ଟି ଜିଲ୍ଲା ଯଥା- ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର ଓ ବୌଦ୍ଧ ଜିଲ୍ଲାର ସମସ୍ତ ପୌରସଂସ୍ଥାର ସମୀକ୍ଷା ଅବସରରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା କାଳରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ସହର ପୁରସ୍କାର ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରମୁଖ ସଚିବ ଶ୍ରୀ ମାଥିଭାଥନନ ସମସ୍ତ ପୌରାଞ୍ଚଳ ଯେଭଳି ଏହି ସମ୍ମାନଜନକ ପୁରସ୍କାର ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଯୋଗ୍ୟ ବିବେଚିତ ହୋଇପାରିବେ ସେହି ଅନୁଯାୟୀ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। 'ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା' ଗଠନ ଲାଗି ମିଶନ ମୋଡ୍‌ରେ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ସହରାଞ୍ଚଳରେ ସ୍ୱଚ୍ଛତା ଲାଗି ଚଳିତ ବର୍ଷରୁ 'ମୁଖ୍ୟମନ୍ତ୍ରୀ ସ୍ୱଚ୍ଛ ସହର ପୁରସ୍କାର' ଯୋଜନା କାର୍ଯ୍ୟକାରୀ ହେଉଛି। ଏତଦ୍‌ବ୍ୟତୀତ ନିର୍ମାଣ ବର୍ଜ୍ୟ ପରିଚାଳନା, ମାଇକ୍ରୋ କମ୍ପୋଷ୍ଟିଂ କ୍ଷେତ୍ରକୁ କାର୍ଯ୍ୟକାରୀ କରାଯିବା, ସାମଗ୍ରୀ ଅସୁଲି ସୁବିଧା ଉପଲବ୍ଧ କରାଯିବା, ପାନୀୟଜଳ ଯୋଗାଣ, ସ୍ମାର୍ଟ ଷ୍ଟ୍ରୀଟ୍ ଲାଇଟ୍ ସମ୍ପର୍କରେ ସମୀକ୍ଷା କରାଯାଇଛି। ଆର୍ଥିକ ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇ ପୌରପରିଷଦଗୁଡ଼ିକ ନିଜର ରାଜସ୍ୱ ବୃଦ୍ଧି ପାଇଁ ଉଦ୍ୟମ କରିବା ସାଙ୍ଗକୁ ପ୍ରଦତ୍ତ ଅର୍ଥର ବିନିଯୋଗ ଓ ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି.ମାଥିଭାଥନନ୍ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ପୌରପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ, ଅତିରିକ୍ତ ସଚିବ କଲ୍ୟାଣ ରଥ, ଯୁଗ୍ମ ସଚିବ ପ୍ରଭାତ ମହାପାତ୍ର ଏବଂ ଉପଶାସନ ସଚିବ ତଥା ସୁଡାର ଅତିରିକ୍ତ ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା ପ୍ରମୁଖ ସହରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ୫ଟି ଜିଲ୍ଲାର ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ବିଏମ୍‌ସି କମିଶନରଙ୍କ ସମେତ ଜିଲ୍ଲା ପ୍ରଶାସନ ଓ ପୌରପରିଷଦର ପଦାଧିକାରୀମାନେ ଯୋଗ ଦେଇଥିଲେ।

## ପ୍ରଥମରୁ ୫ମ ସବୁ ସରକାରୀ ସ୍କୁଲ୍ ପିଲାଙ୍କୁ ମିଳିବ ପରିଚୟପତ୍ର

**ଭୁବନେଶ୍ୱର :** ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ରାଜ୍ୟରେ ଏଣିକି ସବୁ ସରକାରୀ ସ୍କୁଲରେ ପଢୁଥିବା ପିଲାଙ୍କ ଲାଗି ପରିଚୟପତ୍ର (ଆଇ କାର୍ଡ) ବାଧ୍ୟତାମୂଳକ ହୋଇଛି। ଆସନ୍ତାଶିକ୍ଷା ବର୍ଷରୁ ପ୍ରଥମରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ। ସମ୍ପୃକ୍ତ ପରିଚୟପତ୍ରରେ ଉଭୟ ଅଭିଭାବକ ଏବଂ ସ୍କୁଲ୍ ପ୍ରଧାନଶିକ୍ଷକଙ୍କ ମୋବାଇଲ ନମ୍ବର ରହିବ। ରାଜ୍ୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟରେ ପ୍ରଥମ ଶ୍ରେଣୀରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୩୭ଲକ୍ଷ ୭୧ ହଜାର ୨୪୯ ଜଣ ଛାତ୍ରଛାତ୍ରୀ ଥିବା ବେଳେ ଏନେଇ ମୋଟ୍ ୩ କୋଟି ୭୭ ଲକ୍ଷ ୧୨ହଜାର ୪୯୦ଟଙ୍କା ଖର୍ଚ୍ଚ କରାଯିବ। ରାଜ୍ୟରେ ସରକାରୀ ସ୍କୁଲରେ ପଢୁଥିବା ସବୁ ପିଲାଙ୍କୁ ସରକାର ଗୁଣାତ୍ମକ ଶିକ୍ଷା ଏବଂ ସ୍କୁଲର ଭିତ୍ତିଭୂମିର ବିକାଶ ଦିଗରେ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦିଗରେ ମଧ୍ୟ ଅଭିନବ ଯୋଜନା କାର୍ଯ୍ୟକାରୀ କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ୨୦୨୧-୨୨ ଶିକ୍ଷାବର୍ଷରୁ ପିଲାଙ୍କୁ ଯେପରି ପରିଚୟ ପତ୍ର ମିଳିବ ସେ ଦିଗରେ ସ୍କୁଲର ପ୍ରଧାନଶିକ୍ଷକ ନଜର ଦେବେ। ପ୍ରତି କାର୍ଡ ପିଛା ସର୍ବାଧିକ ୧୦ଟଙ୍କା ଖର୍ଚ୍ଚ କରାଯିବ। ଏନେଇ ଜିଲ୍ଲା ୱାରୀ କେଉଁ ସ୍କୁଲରେ କେତେ ଛାତ୍ରଛାତ୍ରୀ ପଢୁଛନ୍ତି ତା'ର ରିପୋର୍ଟ ପ୍ରଧାନଶିକ୍ଷକ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ରିପୋର୍ଟ ଦାଖଲ କରାଯିବା ପରେ ଜୁନ୍‌ରୁ ସ୍କୁଲୱାରି ପରିଚୟପତ୍ର ବଣ୍ଟାଯିବ ବୋଲି ଜଣାପଡ଼ିଛି। ରାଜ୍ୟରେ ସରକାରୀସ୍କୁଲଗୁଡ଼ିକରେ ଗତ ୨ବର୍ଷ ହେବ ନବମ ଏବଂ ଦଶମ ଛାତ୍ରଛାତ୍ରୀଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ମାତ୍ର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଲାଗି କୌଣସି ପରିଚୟ ପତ୍ର ବ୍ୟବସ୍ଥା ହୋଇନଥିଲା।













Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି